RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-61 ♦TUESDAY ♦25 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୬୧ ♦ମଙ୍ଗଳବାର ♦୨୫ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଜୁରେଲ୍‌ଙ୍କ ଶତକ

▸ପୃଷ୍ଠା ୧୨ ଦେଖନ୍ତୁ...

### ଆଜିଠାରୁ 'ସକାଳ' ଓ 'ନନ୍ଦିଘୋଷ'ର ଦୁଇ ଦିନିଆ କନ୍‌କ୍ଲେଭ୍

## 'ଓଡ଼ିଶା ଅଭ୍ୟୁଦୟ'କୁ ଉଦ୍‌ଘାଟନ କରିବେ ରାଜ୍ୟପାଳ

### ୮ଟି ଅଧିବେଶନରେ ଯୋଗଦେବେ ବହୁ ବିଶିଷ୍ଟ ବ୍ୟକ୍ତି

■ ଭୁବନେଶ୍ୱର, ୨୪।୮ (ସମିସ): ମଙ୍ଗଳବାରଠାରୁ ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଦୈନିକ 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ଆୟୋଜନ ହୋଇଛି 'ଓଡ଼ିଶା ଅଭ୍ୟୁଦୟ'। ଏକବିଂଶ ଶତାବ୍ଦୀରେ ଓଡ଼ିଶା କେତେ ବିକାଶ କରିଛି ଓ ଆଗକୁ ରାଜ୍ୟ ପାଇଁ କେଉଁ କେଉଁ ଆହ୍ୱାନ ରହିଛି, କ୍ରୀଡ଼ାଠାରୁ ଆରମ୍ଭ କରି ଜଳବାୟୁ ପରିବର୍ତ୍ତନ ଦ୍ୱାରା ଓଡ଼ିଶା ଉପରେ ରହୁଥିବା ପ୍ରଭାବ, ମହିଳା ସଶକ୍ତିକରଣ ଓ ରାଜନୈତିକ ବ୍ୟବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ହେବ ମାନସ ମନ୍ଥନ। ଏହି ଦୁଇ ଦିନିଆ ସମ୍ମିଳନୀକୁ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍‌ପାଟି ଆସନ୍ତାକାଲି ସକାଳେ ଉଦ୍‌ଘାଟନ କରିବେ। ସକାଳ ୧୧ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବା ବେଳେ ଦୁଇ ଦିନ ଧରି ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବ। ୨୫ ଅଗଷ୍ଟରେ ୪ଟି ଅଧିବେଶନ ହେବ। ପ୍ରଥମ ଅଧିବେଶନର ବିଷୟ ରହିଛି 'ଏକବିଂଶ ଶତାବ୍ଦୀରେ ଓଡ଼ିଶାର ବିକାଶ ଯାତ୍ରା'। ▸ପୃଷ୍ଠା-୭

### ବର୍ଷାର ତାଣ୍ଡବରେ ଅସ୍ତବ୍ୟସ୍ତ ଜାତୀୟ ରାଜଧାନୀ

# ଦିଲ୍ଲୀ ଜଳବନ୍ଦୀ



### ୪୦୦ ବିମାନ ବିଳମ୍ବିତ

### ୨୬ ବାତିଲ୍, ୧୫ଟିର ମାର୍ଗ ପରିବର୍ତ୍ତନ

■ ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ସୋମବାର ପ୍ରବଳ ବର୍ଷା, ଘଡ଼ଘଡ଼ି, ବଜ୍ରପାତ ଓ ଝୋଡ଼ ପବନ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଜଧାନୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁଁ ବିମାନ ଚଳାଚଳ ଓ ସଡ଼କ ଯୋଗାଯୋଗ ଭୀଷଣ ଭାବେ ପ୍ରଭାବିତ ହୋଇଛି। ପ୍ରତିକୂଳପାଗଯୋଗୁଁଦିଲ୍ଲୀବିମାନବନ୍ଦରରୁ୩୯୦ଟି ବିମାନ ସେବା ବିଳମ୍ବିତ ହୋଇଥିବା ବେଳେ ୨୬ଟି ବିମାନସେବା ବାତିଲ ହୋଇଛି। ଏହାସହିତ ୧୫ଟି ବିମାନର ମାର୍ଗ ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଛି। ମାର୍ଗ ପରିବର୍ତ୍ତନ ହୋଇଥିବା ବିମାନଗୁଡ଼ିକ ମଧ୍ୟରୁ ୧୨ଟିକୁ ଜୟପୁର, ୨ଟିକୁ ଚଣ୍ଡିଗଡ଼ ଏବଂ ଗୋଟିଏ ବିମାନକୁ ଲକ୍ଷ୍ନୌ ଅଭିମୁଖେ ପଠାଯାଇଛି।

ସୋମବାର ଦିଲ୍ଲୀର ଦକ୍ଷିଣ ଅଞ୍ଚଳ ସମେତ ଅନେକ ସ୍ଥାନରେ ଭୀଷଣ ବର୍ଷା ହୋଇଛି। ବର୍ଷା ସହିତ ଘଡ଼ଘଡ଼ି ଓ ବଜ୍ରପାତ ସହ ପବନର ବେଗ ମଧ୍ୟ ବଢ଼ିଥିଲା। କେତେକ ସ୍ଥାନରେ ରାସ୍ତା ଉପରେ ପାଣି ଜମିଯାଇଥିଲା। ବିଶେଷକରି ▸ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅସନ୍ତୋଷ ଝାଡ଼ିଲେ ଦଳୀୟ ସାଂସଦ

## ଦକ୍ଷିଣ ଓଡ଼ିଶାର ବିକାଶ ଓ ସ୍ୱାର୍ଥ ପ୍ରତି ସରକାରଙ୍କ ଅବହେଳା ଅସହ୍ୟ

### ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ଓ ବୈଠକ ଡାକିବାକୁ ଦାବି

■ ବ୍ରହ୍ମପୁର, ୨୪।୮ (ସମିସ): ଗଞ୍ଜାମ ତଥା ସମଗ୍ର ଦକ୍ଷିଣ ଓଡ଼ିଶାର ବିକାଶ କାର୍ଯ୍ୟ ସମେତ ଉଚ୍ଚଶିକ୍ଷା କ୍ଷେତ୍ରରେ ଅବହେଳା ଏବଂ ପ୍ରଶାସନିକସ୍ତରରେ ନିଆଯାଉଥିବା ବିଭିନ୍ନ ନିଷ୍ପତ୍ତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ଜରିଆରେ ଦକ୍ଷିଣ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ତୁରନ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡାକିବା ସହ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ଘୋଷଣା କରିବାକୁ ଦାବି କରିଛନ୍ତି। ସାଂସଦ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ନିକଟରେ ବିଭିନ୍ନ ଶ୍ରମିକ ସଂଗଠନ, କର୍ମଚାରୀ ମହାସଂଘ ଏବଂ ବୁଦ୍ଧିଜୀବୀ ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ଅଞ୍ଚଳ ପ୍ରତି ସରକାରୀସ୍ତରରେ ହେଉଥିବା ଅବହେଳା ସମ୍ପର୍କରେ ଅବଗତ କରାଇବା ସହ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ସେଥି ମଧ୍ୟରେ ବିଶ୍ୱବିଦ୍ୟାଳୟ ଟାଉନସିପ ଓ ଭିତ୍ତିଭୂମି ଉନ୍ନତୀକରଣରେ ବ୍ରହ୍ମପୁର ଏବଂ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ଅଣଦେଖା କରାଯିବା, ରାଜ୍ୟରେ ପ୍ରସ୍ତାବିତ ପିପିପି ମୋଡେଲ ବିଶ୍ୱବିଦ୍ୟାଳୟ ଟାଉନସିପ୍ ଯୋଜନାରେ ଭୁବନେଶ୍ୱର, ସମ୍ବଲପୁର ଓ କୋରାପୁଟକୁ ପ୍ରାଥମିକତା ଦିଆଯାଇଥିବାବେଳେ ଉତ୍କଳ, ରେଭେନ୍ସା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସାମଗ୍ରିକ ଉନ୍ନତୀକରଣ ତାଲିକାରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଐତିହାସିକ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିଭଳି ବ୍ରହ୍ମପୁରସ୍ଥିତ ରେଲୱେ ମେଲ୍ ସର୍ଭିସ କାର୍ଯ୍ୟାଳୟକୁ କଟକ ସହିତ ମିଶ୍ରଣ କରିବା ପାଇଁ ▸ପୃଷ୍ଠା-୭

## ସେପ୍ଟେମ୍ବର ୧୧ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

### ସେପ୍ଟେମ୍ବରରୁ ଅକ୍ଟୋବର ବିଭିନ୍ନ ପର୍ଯ୍ୟାୟରେ ଧର୍ମଘଟ ଘୋଷଣା

■ ଭୁବନେଶ୍ୱର, ୨୪।୮ (ଏଜେନ୍ସି): ଆସନ୍ତା ସେପ୍ଟେମ୍ବର ୧୧ରୁ ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀମାନେ ଦେଶବ୍ୟାପୀ ଧର୍ମଘଟ କରିବାକୁ ଯାଉଛନ୍ତି। ଫଳସ୍ୱରୂପ, ବ୍ୟାଙ୍କ ସେବା ପ୍ରଭାବିତ ହୋଇପାରେ। ବ୍ୟାଙ୍କ ୟୁନିଅନଗୁଡ଼ିକ କହିଛନ୍ତି ଯେ ପାଞ୍ଚ ଦିନିଆ ବ୍ୟାଙ୍କ କାର୍ଯ୍ୟ ଦିବସ ପାଇଁ ବହୁ ଦିନ ଧରି ହେଉଥିବା ଦାବି ଏବେ ବି ପଡ଼ି ରହିଛି। ଏହା ବ୍ୟତୀତ, ନୂତନ ପରଫର୍ମାନ୍ସ ଲିଙ୍କ୍‌ଡ ଇନସେଣ୍ଟିଭ୍ (ପିଏଲ୍‌ଆଇ) ନିୟମକୁ ନେଇ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଫଳସ୍ୱରୂପ, ୟୁନିଅନଗୁଡ଼ିକ ସେପ୍ଟେମ୍ବରରୁ ଅକ୍ଟୋବର ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଧର୍ମଘଟ ଘୋଷଣା କରିଛନ୍ତି। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ (ୟୁଏଫ୍‌ବିୟୁ) ଡାକରାରେ ହେଉଥିବା ଏହି ଧର୍ମଘଟ ସେପ୍ଟେମ୍ବର ୧୧ ତାରିଖରେ ଏକ ଦିନିଆ ଦେଶବ୍ୟାପୀ ଧର୍ମଘଟ ସହିତ ଆରମ୍ଭ ▸ପୃଷ୍ଠା-୭

# ଉତ୍ତର ଓଡ଼ିଶାରେ ଭୀଷଣ ବର୍ଷା

### ପୁଣି ବିପଦ ସଂକେତ ଟପିଲା ବୈତରଣୀ

### ଜଳକାରେ ବନ୍ୟା; ଫୁଲୁଛି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ

■ ଭୁବନେଶ୍ୱର, ୨୪।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ହୋଇଥିବା ଲଘୁଚାପ ଯୋଗୁଁ ଉତ୍ତର ଓଡ଼ିଶାରେ ପୁଣି ଥରେ ବନ୍ୟା ବିପଦ ବଢ଼ିଛି। ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶା ବିଶେଷ କରି କେନ୍ଦୁଝର ଓ ମୟୂରଭଞ୍ଜରେ ଭୀଷଣ ବର୍ଷା ହୋଇଥିବାରୁ ବୈତରଣୀ ସମେତ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ହାରାହାରି ବର୍ଷା ୩୨.୯ ମିମି ରେକର୍ଡ ହୋଇଛି। ଏଥିରେ କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକରେ ସର୍ବାଧିକ ୧୬୯.୪ ମିମି ବର୍ଷା ରେକର୍ଡ ହୋଇଛି। ୮ଟି ବ୍ଲକ୍ ଏବଂ ଗୋଟିଏ ପୌରାଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୭୩ଟି ବ୍ଲକ ଓ ୪ଟି ପୌରାଞ୍ଚଳର ୬ଟି ଷ୍ଟେସନରେ ୫୦ରୁ ୧୦୦ ମିମି ମଧ୍ୟରେ ବର୍ଷା ହୋଇଛି। ଆଖୁଆପଦାଠାରେ ▸ପୃଷ୍ଠା-୭



### ବାରବାଙ୍କ ଘାଟିରେ ଭୂସ୍ଖଳନ

■ ଯୋଡ଼ା, ୨୪।୮ (ସମିସ): ଲଗାଣ ବର୍ଷାରେ କେନ୍ଦୁଝର ଜିଲ୍ଲାର ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ରୁଗୁଡ଼ି ଥାନା ଅନ୍ତର୍ଗତ ବାରବାଙ୍କ ଘାଟିରେ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ-୫୨୦ରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୋମବାର ପ୍ରବଳ ବର୍ଷା ପରେ ପାହାଡ଼ରୁ ମାଟି ଓ ପଥର ଅତଡ଼ା ଖସି ରାଜପଥର ଗୋଟିଏ ପାର୍ଶ୍ୱର ପ୍ରାୟ ଅଧା ଅଂଶ ଅବରୋଧ ହୋଇଥିବା ଜଣାପଡ଼ିଛି। ଫଳରେ ଏହି ରାସ୍ତା ଦେଇ ଯାଉଥିବା ଭାରୀଯାନ, ଲୁହାପଥର ବୋଝେଇ ଟ୍ରକ୍ ଓ ଯାତ୍ରୀବାହୀ ବସ୍ ଚଳାଚଳ ପ୍ରଭାବିତ ହୋଇଛି। ବାରବାଙ୍କ ଘାଟି ରାସ୍ତା ଯୋଡ଼ା-ବଡ଼ବିଲ ଅଞ୍ଚଳ ସହ ରାଉରକେଲା ଏବଂ କୋଇଡ଼ା ଦିଗକୁ ଯାତାୟାତର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ ହୋଇଥିବାରୁ ଭୂସ୍ଖଳନ ▸ପୃଷ୍ଠା-୭


ନନ୍ଦିଘୋଷ | ସକାଳ THE SAKALA

ଓଡ଼ିଶା ଅଭ୍ୟୁଦୟ
Looking back, moving forward
Odisha Abhyudaya Conclave



Chief Guest
Dr. Hari Babu Kambhampati
Hon'ble Governor
Odisha

25th (Tuesday) & 26th (Wednesday)
August 2026

Conclave Starts : 10.30 AM

Venue : Railway Auditorium,
Rail Vihar, Chandrasekharpur, Bhubaneswar

Presenting Sponsor
SIKSHA 'O' ANUSANDHAN

Powered by
CGU ODISHA
Home Grown World Class

Supported by





# ହସ୍ପିଟାଲରେ ଭେଣ୍ଟିଲେଟର ବିସ୍ଫୋରଣ

## ତିନି ନବଜାତ ଶିଶୁଙ୍କ ମୃତ୍ୟୁ



ଅମରାବତୀ, ୨୪।୮ (ଏଜେନ୍ସି): ମହାରାଷ୍ଟ୍ରର ଅମରାବତୀ ଜିଲ୍ଲା ମହିଳା ହସ୍ପିଟାଲରେ ସୋମବାର ଭୋର ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଛି। ତୃତୀୟ ମହଲାରେ ଥିବା ବିଶେଷ ନବଜାତ ଶିଶୁ ଚିକିତ୍ସା ୟୁନିଟ୍‌ରେ ଭୋର ପ୍ରାୟ ୩ଟା ୩୦ରେ ଏକ ଭେଣ୍ଟିଲେଟର ବିସ୍ଫୋରଣ ପରେ ନିଆଁ ଲାଗିଥିବା ଜଣାପଡ଼ିଛି। ଘଟଣା ସମୟରେ ୟୁନିଟ୍‌ରେ ମୋଟ ୩୯ ଜଣ ନବଜାତ ଶିଶୁ ଚିକିତ୍ସାଧୀନ ଥିଲେ। ନିଆଁ ଲାଗିବା ପରେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଚିକିତ୍ସା ଯନ୍ତ୍ରପାତି ବିଚ୍ଛିନ୍ନ କରି ଶିଶୁମାନଙ୍କୁ ନିଆଁ ଲାଗିଥିବା ସ୍ଥାନରୁ ସୁରକ୍ଷିତ ଭାବେ ବାହାରକୁ ନିଆଯାଇଥିଲା। ନିଆଁ ଓ ଧୂଆଁରେ ଗୁରୁତର ପ୍ରଭାବିତ ୬ ଜଣ ଶିଶୁଙ୍କୁ ନିକଟସ୍ଥ ସୁପର୍ ସ୍ପେସିଆଲିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ୩ ଜଣ ଶିଶୁଙ୍କୁ ଗୁରୁତର ପୋଡ଼ା ଓ ଧୂଆଁ ଯୋଗୁଁ ଶ୍ୱାସକ୍ରିୟା ସମସ୍ୟା ହେବାରୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ଅମରାବତୀ ପୁଲିସର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଓ ହସ୍ପିଟାଲର ଅଗ୍ନିନିରାପତ୍ତା ବ୍ୟବସ୍ଥାରେ କୌଣସି ଅବହେଳା ଥିଲା କି ନାହିଁ, ତାହା ଯାଞ୍ଚ କରାଯାଉଛି। ଘଟଣାର ତଦନ୍ତ ପାଇଁ ଉଚ୍ଚସ୍ତରୀୟ ତଦନ୍ତ ଘୋଷଣା କରାଯାଇଛି।



# ମହୁଆ ମୋଇତ୍ରଙ୍କୁ ମିଳିଲା ଅନ୍ତରୀଣ କୋର୍ଟ ସୁରକ୍ଷା

କୋଲକାତା, ୨୪।୮ (ଏଜେନ୍ସି): ଘୃଣାଭାଷଣ ବା ହେଟ୍ ସ୍ପିଚ୍ ମାମଲାରେ ଗିରଫ ପରୱାନା ଜାରି ହେବା ପରେ ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ରଙ୍କୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଗିରଫ ହେବାରୁ ଅନ୍ତରୀଣ ସୁରକ୍ଷା ମିଳିଛି। କଲକାତା ହାଇକୋର୍ଟ ଏହି ସୁରକ୍ଷା ପ୍ରଦାନ କରିଛନ୍ତି। ବିଚାରପତି ଦେବାଂଶୁ ବସାକ ଓ ଆର୍ଯ୍ୟକ ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଗଷ୍ଟ ୩୧ ପର୍ଯ୍ୟନ୍ତ ମହୁଆଙ୍କ ବିରୋଧରେ କୌଣସି ବଳପୂର୍ବକ ପଦକ୍ଷେପ ନେବାକୁ ମନା କରିଛନ୍ତି। ଗିରଫ ପରୱାନାକୁ ଚ୍ୟାଲେଞ୍ଜ କରି ମହୁଆ ଦାଖଲ କରିଥିବା ଆବେଦନର ଶୁଣାଣି ଅଗଷ୍ଟ ୨୭ରେ ହେବ। ନଦିଆ ଜିଲ୍ଲାର କୃଷ୍ଣନଗର ଅଦାଲତ ଅଗଷ୍ଟ ୧୯ରେ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ମହୁଆ ଅଦାଲତରେ ହାଜର ହୋଇନଥିବା ଦର୍ଶାଇ ଗିରଫ ପରୱାନା ଜାରି କରିଥିଲେ। ମହୁଆଙ୍କ ପକ୍ଷରୁ କୁହାଯାଇଛି ଯେ, ଅଗଷ୍ଟ ୪ ଓ ୧୨ରେ ସେ ସଂସଦୀୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅଦାଲତରେ ହାଜର ହୋଇପାରିନଥିଲେ। ଅଗଷ୍ଟ ୧୮ରେ ହାଜର ହେବାକୁ ନିର୍ଦ୍ଦେଶ ମିଳିବା ସମୟରେ ସେ ଦିଲ୍ଲୀରେ ଥିଲେ ବୋଲି ତାଙ୍କ ପକ୍ଷରୁ କୁହାଯାଇଛି। ଚୈନା ନନ୍ଦୀଙ୍କ ସମେତ ଅନ୍ୟ ପାଞ୍ଚଜଣଙ୍କ ଅଭିଯୋଗ ଆଧାରରେ ଏହି ମାମଲା ହୋଇଛି। ଅଭିଯୋଗକାରୀମାନେ ମହୁଆଙ୍କ ଉପରେ କେନ୍ଦ୍ର ଗୃହମନ୍ତ୍ରୀ, ସଶସ୍ତ୍ର ବାହିନୀ ଏବଂ ହିନ୍ଦୁ ଧର୍ମୀୟ ବିଶ୍ୱାସ ଓ ପ୍ରତୀକ ସମ୍ପର୍କରେ ଅପମାନଜନକ ମନ୍ତବ୍ୟ କରିଥିବା ଅଭିଯୋଗ ଆଣିଛନ୍ତି। ଏହା ଦ୍ୱାରା ଧାର୍ମିକ ଭାବନା ଆହତ ହୋଇଥିବା ଅଭିଯୋଗ ମଧ୍ୟ ରହିଛି। ଏବେ ମାମଲାର ପରବର୍ତ୍ତୀ ଦିଗ ଅଗଷ୍ଟ ୨୭ର ଶୁଣାଣି ପରେ ସ୍ପଷ୍ଟ ହେବ।



# କାଜିଆ ଲିଜ୍ ହେଲେ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬'

ଜୟପୁର, ୨୪।୮ (ଏଜେନ୍ସି): କେରଳର ୧୯ ବର୍ଷ ବୟସ୍କା ଯୁବତୀ କାଜିଆ ଲିଜ୍ ମେଜୋ ଚଳିତ ବର୍ଷର ପ୍ରତିଷ୍ଠିତ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬' ମୁକୁଟ ପିନ୍ଧିଛନ୍ତି। ରବିବାର ଦିନ ଜୟପୁରର ଜି ଷ୍ଟୁଡିଓରେ ଅନୁଷ୍ଠିତ ଏକ ଭବ୍ୟ ଗ୍ରାଣ୍ଡ ଫିନାଲେରେ ସେ ଏହି ଗୌରବ ଅର୍ଜନ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୫୨ ଜଣ ଶୀର୍ଷ ପ୍ରତିଯୋଗୀଙ୍କୁ ପଛରେ ପକାଇ କାଜିଆ ଏହି ବିଜୟ ହାସଲ କରିଛନ୍ତି। ଗ୍ରାଣ୍ଡ ଫିନାଲେ ଅବସରରେ ଗତବର୍ଷର ମିସ୍ ୟୁନିଭର୍ସ ଇଣ୍ଡିଆ ମଣିକା ବିଶ୍ୱକର୍ମା ନିଜର ଉତ୍ତରାଧିକାରୀ ଭାବେ କାଜିଆଙ୍କୁ ମୁକୁଟ ପିନ୍ଧାଇଥିଲେ। ଏହି ବିଜୟ ସହିତ ସେ ଆଗାମୀ ନଭେମ୍ବର ମାସରେ ପୁଏର୍ଟୋ ରିକୋରେ ଅନୁଷ୍ଠିତ ହେବାକୁ ଥିବା ୭୫ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବେ। ଏହି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭାରତର ପ୍ରଥମ ମିସ୍ ୟୁନିଭର୍ସ ସୁସ୍ମିତା ସେନ୍, ପୂର୍ବତନ ମିସ୍ ୟୁନିଭର୍ସ ଇଣ୍ଡିଆ ଉର୍ବଶୀ ରୌତେଲା, ରିୟା ସିଂହା ଏବଂ ପ୍ରଜ୍ୟା କପୁର ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବୈଷ୍ଣବୀ ଗଣେଶ ପ୍ରଥମ ରନର୍ସ-ଅପ୍ ଏବଂ ମିସ୍ ଇଣ୍ଟରନ୍ୟାସନାଲ ଇଣ୍ଡିଆ ୨୦୨୬ ଭାବେ ମନୋନୀତ ହୋଇଥିବାବେଳେ ଅନୁଶ୍ରୀ ସତବଲେକର ଦ୍ୱିତୀୟ ରନର୍ସ-ଅପ୍ ହୋଇଛନ୍ତି। ବିଜୟୀ ହେବା ପରେ କାଜିଆ କହିଛନ୍ତି ଯେ ଏହା ତାଙ୍କ ପାଇଁ ଏକ ସ୍ୱପ୍ନିଳ ମୁହୂର୍ତ୍ତ ଏବଂ ଏଥିପାଇଁ ସେ ଗତ ତିନି ବର୍ଷ ଧରି କଠିନ ପରିଶ୍ରମ କରିଥିଲେ। ଭାରତ ପାଇଁ ବିଶ୍ୱସୁନ୍ଦରୀ ମୁକୁଟ ଜିଣିବା ଏବଂ ବିଶ୍ୱ ଦରବାରରେ ନିଜ ରାଜ୍ୟ କେରଳ ଏବଂ ଦେଶର ସଂସ୍କୃତିକୁ ପ୍ରତିଫଳିତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

# ପୂର୍ବ ଲିବିଆରେ ୧୦ ଜଣଙ୍କୁ ଫାଶୀଦଣ୍ଡ

ତ୍ରିପୋଲି, ୨୪।୮ (ଏଜେନ୍ସି): ପୂର୍ବ ଲିବିଆ କର୍ତ୍ତୃପକ୍ଷ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗରେ ସାମରିକ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ୧୦ ଜଣ ବ୍ୟକ୍ତିଙ୍କୁ ଫାଶୀ ଦଣ୍ଡ ଦେଇଛନ୍ତି। ଏହି ଘଟଣା ପରେ ସେଠାକାର ମାନବାଧିକାର ସଂଗଠନଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବ ଲିବିଆର ସାମରିକ ପ୍ରସିକ୍ୟୁଟର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଦୀର୍ଘଦିନିଆ ବିଚାରବିମର୍ଷ ଏବଂ ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ ହେବା ପରେ ଗୁଳିକରି ଏହି ୧୦ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଆତଙ୍କବାଦୀ ଗୋଷ୍ଠୀରେ ସାମିଲ ହେବାଠାରୁ ଆରମ୍ଭ କରି ସୁରକ୍ଷାକର୍ମୀ ଓ ସାଧାରଣ ନାଗରିକଙ୍କୁ ହତ୍ୟା କରିବା ଭଳି ସଙ୍ଗୀନ ଅଭିଯୋଗରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ନାଗରିକମାନଙ୍କୁ ସାମରିକ ଅଦାଲତରେ ବିଚାର କରିବା ଏବଂ ମୃତ୍ୟୁଦଣ୍ଡ ଦେବା ନେଇ ମାନବାଧିକାର ସଂଗଠନଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। ଏହା ସ୍ୱଚ୍ଛ ବିଚାର ପ୍ରକ୍ରିୟା ଏବଂ ନ୍ୟାୟିକ ସ୍ୱାଧୀନତା ପ୍ରତି ଏକ ବଡ଼ ଆହ୍ୱାନ ବୋଲି ସେମାନେ ମତ ଦେଇଛନ୍ତି।

# ଧସିଗଲା ଆବର୍ଜନା ପାହାଡ଼; ୩୦ ମୃତ

କୋନାକ୍ରି, ୨୪।୮ (ଏଜେନ୍ସି): ଆଫ୍ରିକୀୟ ଦେଶ ଗାଏନାର ରାଜଧାନୀ କୋନାକ୍ରିରେ ଆବର୍ଜନା ସଂଗ୍ରହ କେନ୍ଦ୍ରରେ ଆବର୍ଜନା ପାହାଡ଼ ଅତଡ଼ା ଧସି ୩୦ ଜଣଙ୍କର ମୃତ୍ୟୁ ଘଟିଛି। ରବିବାର ପ୍ରବଳ ବର୍ଷା ହେବା କାରଣରୁ ଆବର୍ଜନା ଉପରେ ପାଣି ଜମି ରହିଥିଲା, ଯାହାଫଳରେ ଏହି ଭୂସ୍ଖଳନ ଘଟିଥିଲା ଏବଂ ଆଖପାଖର ଝୁମ୍ପୁଡ଼ିଗୁଡ଼ିକ ମାଟି ଓ ଆବର୍ଜନା ତଳେ ଚାପି ହୋଇଯାଇଥିଲା। ଏହି ଦୁର୍ଘଟଣାରେ



୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇବା ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମାଟି ତଳୁ ଲୋକଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଛନ୍ତି ଏବଂ ଉଦ୍ଧାର କାର୍ଯ୍ୟ ଏବେ ମଧ୍ୟ ଜାରି ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ଖାଲି କରିବା ପାଇଁ ପୂର୍ବରୁ ନୋଟିସ୍ ଦିଆଯାଇଥିଲା, କିନ୍ତୁ ଅନେକ ଲୋକ ସେଠାରେ ରହୁଥିବାରୁ ଏହି ବଡ଼ କ୍ଷତି ଘଟିଛି। ପ୍ରଚୁର ପ୍ରାକୃତିକ ସମ୍ପଦ ଥାଇ ବି ଆଫ୍ରିକାର ଏହି ଦେଶରେ ସଠିକ୍ ବର୍ଜ୍ୟବସ୍ତୁ ପରିଚାଳନା ନହେବା କାରଣରୁ ଏପରି ଦୁର୍ଘଟଣା ବାରମ୍ବାର ଦେଖିବାକୁ ମିଳୁଛି।


# ବାଂଲା ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ସ୍ଥଗିତ

ନୂଆଦିଲ୍ଲୀ/ଢାକା, ୨୪।୮ (ଏଜେନ୍ସି): ଭାରତ ଏବଂ ବାଂଲାଦେଶ ମଧ୍ୟରେ ଜାରି ରହିଥିବା କୂଟନୈତିକ ଜଟିଳତା ମଧ୍ୟରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ପ୍ରସ୍ତାବିତ ଭାରତ ଗସ୍ତ ସ୍ଥଗିତ ହୋଇଛି। ବାଂଲାଦେଶ ସରକାର ସ୍ପଷ୍ଟ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ କୌଣସି ତରବରିଆ ପଦକ୍ଷେପ ନିଆଯିବ ନାହିଁ। ଦେଶର ଜାତୀୟ ସ୍ୱାର୍ଥକୁ ଆଧାର କରି ହିଁ କୌଣସି ନିଷ୍ପତ୍ତି ନିଆଯିବ। ୨୦୨୪ରେ ଶେଖ ହସିନାଙ୍କ ସରକାରର ପତନ ପରେ ସେ ଭାରତରେ ଶରଣ ନେଇଥିଲେ। ଏହାପରେ ଢାକା ପକ୍ଷରୁ ତାଙ୍କ ପ୍ରତ୍ୟାର୍ପଣ ପାଇଁ କ୍ରମାଗତ ଭାବେ ଦାବି କରାଯାଉଛି। ଗତ ଅଗଷ୍ଟ ୫ରେ ନୂଆଦିଲ୍ଲୀରେ ଶେଖ ହସିନାଙ୍କ ଏକ ଭର୍ଚୁଆଲ ଗଣମାଧ୍ୟମ ସମ୍ମିଳନୀ ହୋଇଥିଲା। ସେଥିରେ ହସିନା ଦେଶକୁ ଫେରି ଗଣତନ୍ତ୍ରର ପୁନଃପ୍ରତିଷ୍ଠା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏନେଇ ଦୁଇ ଦେଶ ମଧ୍ୟରେ ପୁନର୍ବାର ବିବାଦ ଉଗ୍ର ରୂପ ନେଇଛି। ଢାକା ଏହି ଘଟଣାକୁ ପ୍ରଧାନମନ୍ତ୍ରୀ ରହମାନଙ୍କ ପ୍ରସ୍ତାବିତ ନୂଆଦିଲ୍ଲୀ ଗସ୍ତ ସହ ଯୋଡ଼ିଛି। ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କବିର କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ପ୍ରତ୍ୟାର୍ପଣ ଚୁକ୍ତି ରହିଛି ଏବଂ ଏହି ମାମଲା ବର୍ତ୍ତମାନର ଦ୍ୱିପାକ୍ଷିକ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।



ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ଶପଥ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ଭାରତ ଗସ୍ତ ପାଇଁ ବ୍ୟକ୍ତିଗତ ନିମନ୍ତ୍ରଣ ପତ୍ର ପ୍ରେରଣ କରାଯାଇଥିଲା। ଏହା ବ୍ୟତୀତ ସେପ୍ଟେମ୍ବର ୧୨-୧୩ରେ ଭାରତରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପାଇଁ ମଧ୍ୟ ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କୁ ଦ୍ୱିତୀୟ ନିମନ୍ତ୍ରଣ ପଠାଯାଇଛି। କିନ୍ତୁ ଏହାର କୌଣସି ଆନୁଷ୍ଠାନିକ ଉତ୍ତର ନଦେଇ ବାଂଲାଦେଶ ଗଣମାଧ୍ୟମ ଜରିଆରେ ନିଜର ପ୍ରତିକ୍ରିୟା ରଖୁଛି। ଭାରତର ପୂର୍ବତନ ରାଷ୍ଟ୍ରଦୂତ ବୀଣା ସିକ୍ରି ଏହାର କଡ଼ା ସମାଲୋଚନା କରିଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି ଯେ ଯେକୌଣସି ଦ୍ୱିପାକ୍ଷିକ ସମ୍ପର୍କ ସଫଳ ହେବା ପାଇଁ ପାରସ୍ପରିକ ସ୍ୱାର୍ଥର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଜରୁରୀ। ମାତ୍ର କୂଟନୈତିକ ଉତ୍ତେଜନା ସତ୍ତ୍ୱେ ଉଭୟ ଦେଶ ମଧ୍ୟରେ ବ୍ୟାବହାରିକ ସହଯୋଗ ଜାରି ରହିଛି। ବାଂଲାଦେଶ ବର୍ତ୍ତମାନ ଗୁରୁତର ବିଦ୍ୟୁତ ସଙ୍କଟ ଦେଇ ଗତି କରୁଥିବା ବେଳେ ଭାରତ ବାଂଲାଦେଶକୁ ପ୍ରାୟ ୨୫୦୦ ମେଗାୱାଟ ବିଦ୍ୟୁତ ଯୋଗାଉଛି।

# ଚଣ୍ଡିଗଡ଼ରେ ଆକ୍ରମଣ ଷଡ଼ଯନ୍ତ୍ର



■ ୫ କେଜି ବିସ୍ଫୋରକ ଓ ବନ୍ଧୁକ ଜବତ
■ ଧରାପଡ଼ିଲେ ୩ ଆତଙ୍କବାଦୀ

ଚଣ୍ଡିଗଡ଼, ୨୪।୮ (ଏଜେନ୍ସି): ଚଣ୍ଡିଗଡ଼ରେ ଏକ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପୁଲିସ ପଣ୍ଡ କରିଥିବା ଦାବି କରିଛି। ନିଷିଦ୍ଧ ଆତଙ୍କବାଦୀ ସଂଗଠନ ବବ୍ବର ଖାଲସା ଇଣ୍ଟରନ୍ୟାସନାଲ (ବିକେଆଇ) ସହ ସମ୍ପର୍କ ଥିବା ସନ୍ଦେହରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ପ୍ରାୟ ୫ କିଲୋଗ୍ରାମ ଜେଲାଟିନ୍ ଷ୍ଟିକ୍ ବିସ୍ଫୋରକ, ଡିଟୋନେଟର, ଦୂରନିୟନ୍ତ୍ରିତ ଟ୍ରିଗରିଂ ବ୍ୟବସ୍ଥା, ଗୋଟିଏ ପିସ୍ତଲ, ମ୍ୟାଗାଜିନ୍ ଓ ୫ଟି ଜୀବନ୍ତ ଗୁଳି ଜବତ ହୋଇଛି। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ବିଦେଶରେ ରହୁଥିବା ସତନାମ ଓରଫ ସତ୍ତା ନୌଶେରା ନାମକ ଜଣେ କଥିତ ହ୍ୟାଣ୍ଡଲରଙ୍କ ସମ୍ପର୍କରେ ଆସିଥିଲେ। ତାଙ୍କ ନିର୍ଦ୍ଦେଶରେ ଚଣ୍ଡୀଗଡ଼ରେ ଏକ ଆଇଇଡି ବିସ୍ଫୋରଣ କରି ଆତଙ୍କ ସୃଷ୍ଟି କରିବାର ଯୋଜନା ଥିବା ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି। ପୁଲିସ ସୂଚନା ଅନୁସାରେ, ଅଗଷ୍ଟ ୨୨ ତାରିଖରେ ଚଣ୍ଡୀଗଡ଼ରେ ସନ୍ଦିଗ୍ଧ ବିକେଆଇ ସଦସ୍ୟଙ୍କ ଗତିବିଧି ସମ୍ପର୍କରେ ନିର୍ଦ୍ଦିଷ୍ଟ ଗୁପ୍ତ ସୂଚନା ମିଳିଥିଲା। ଏହା ପରେ ଅଭିଯାନ ଚଳାଇ ୩ ଜଣଙ୍କୁ ଧରାଯାଇଥିଲା। ଗିରଫ ବ୍ୟକ୍ତିମାନେ ହେଲେ, ତରନତାରନ ଜିଲ୍ଲାର ସରହାଲି ଗାଁର ୧୯ ବର୍ଷୀୟ ଲଭପ୍ରୀତ ସିଂହ, ତରନତାରନର ଦେଓବାଥ ଗାଁର ୨୧ ବର୍ଷୀୟ ଜଶନପ୍ରୀତ ସିଂହ ଓରଫ ଜଶନଦୀପ ଏବଂ ଅମୃତସର ଜିଲ୍ଲାର ତରସିକ୍କା ଗାଁର ୧୯ ବର୍ଷୀୟ ପ୍ରଭପ୍ରୀତ ସିଂହ ଓରଫ ପ୍ରଭ। ଗିରଫ ପରେ ତଦନ୍ତକାରୀମାନେ ଜବତ ବିସ୍ଫୋରକ କେଉଁଠାରୁ ଆସିଥିଲା, ଏହାର ପ୍ରକୃତ ଲକ୍ଷ୍ୟ କ'ଣ ଥିଲା ଏବଂ ଏହି ଷଡ଼ଯନ୍ତ୍ରରେ ଆଉ କେତେଜଣ ସାମିଲ ଅଛନ୍ତି, ସେନେଇ ତଦନ୍ତ ଚଳାଇଛନ୍ତି। ବିଦେଶୀ ହ୍ୟାଣ୍ଡଲରଙ୍କ ସହ ଅଭିଯୁକ୍ତମାନଙ୍କ ସମ୍ପର୍କ କେତେ ଗଭୀର ଥିଲା ଏବଂ ସେମାନେ କୌଣସି ବଡ଼ ଆତଙ୍କବାଦୀ ନେଟୱର୍କର ଅଂଶ ଥିଲେ କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଉଛି। ଏହି ଘଟଣାରେ ଚଣ୍ଡୀଗଡ଼ ପୁଲିସ ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍‌ସେସ୍ ଆଇନର ଧାରା ୪(ବି) ଓ ୫ ଅନୁଯାୟୀ ମାମଲା ରୁଜୁ କରିଛି। ଜବତ ବିସ୍ଫୋରକ, ଟ୍ରିଗରିଂ ଉପକରଣ ଓ ଅସ୍ତ୍ରଶସ୍ତ୍ରକୁ ପୁଲିସ ନିଜ ହେପାଜତକୁ ନେଇଛି।

# ୨୮ ବର୍ଷ ପରେ ଖୋଲିଲା ୨୩ କଶ୍ମୀରୀ ପଣ୍ଡିତ ହତ୍ୟା ମାମଲା

ଶ୍ରୀନଗର, ୨୪।୮ (ଏଜେନ୍ସି): କଶ୍ମୀରରେ ୨୩ ଜଣ କଶ୍ମୀରୀ ପଣ୍ଡିତଙ୍କ ନିର୍ମମ ହତ୍ୟା ଘଟଣାର ପ୍ରାୟ ୨୮ ବର୍ଷ ପରେ ମାମଲାକୁ ପୁଣି ଖୋଲିଛି ଜମ୍ମୁ-କଶ୍ମୀର ରାଜ୍ୟ ତଦନ୍ତ ଏଜେନ୍ସି। ଏହି ଘଟଣାର ପୁନଃତଦନ୍ତ ହେବ। ୧୯୯୮ ମସିହାରେ କେନ୍ଦ୍ରୀୟ କଶ୍ମୀରର ଗାନ୍ଦରବଲ ଜିଲ୍ଲା ଅନ୍ତର୍ଗତ ୱାନ୍ଧାମା ଗାଁରେ ସେନା ପୋଷାକ ପିନ୍ଧିଥିବା ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୯ ମହିଳା, ୪ ପିଲାଙ୍କ ସମେତ ମୋଟ ୨୩ ଜଣ କଶ୍ମୀରୀ ହିନ୍ଦୁଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ତଦନ୍ତ ଏଜେନ୍ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଦୀର୍ଘଦିନ ଧରି ସମାଧାନ ନ ହୋଇ ରହିଥିବା କଶ୍ମୀରୀ ପଣ୍ଡିତ ହତ୍ୟା ମାମଲାଗୁଡ଼ିକର ପୁନଃତଦନ୍ତ ଉଦ୍ୟମର ଅଂଶ ଭାବେ ୱାନ୍ଧାମା ମାମଲାକୁ ପୁଣି ଖୋଲାଯାଇଛି। ପ୍ରମାଣ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଉଛି। ତଦନ୍ତକାରୀମାନେ ନୂଆ ପ୍ରମାଣ ଓ ସାକ୍ଷୀଙ୍କ ବୟାନ ସଂଗ୍ରହ କରି ହତ୍ୟା ପଛରେ ଥିବା ଲୋକଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ କରୁଛନ୍ତି। ପୁରୁଣା ମାମଲାଗୁଡ଼ିକୁ ପ୍ରମାଣଭିତ୍ତିକ ଭାବେ ତଦନ୍ତ କରି ଦୋଷୀଙ୍କୁ ଆଇନ ଅନୁସାରେ ଦଣ୍ଡ ଦେବା ଏଜେନ୍ସିର ମୁଖ୍ୟ ଲକ୍ଷ୍ୟ ବୋଲି ଅଧିକାରୀ କହିଛନ୍ତି

# ପକ୍ଷୀ ଧକ୍କା; ପାଟନାରେ ବିମାନର ଜରୁରୀ ଅବତରଣ



ପାଟନା, ୨୪।୮ (ଏଜେନ୍ସି): ଦିଲ୍ଲୀରୁ ୧୬୪ ଜଣ ଯାତ୍ରୀଙ୍କୁ ନେଇ ପାଟନା ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନରେ ପକ୍ଷୀ ଧକ୍କା ହେବାର ଘଟଣା ସାମ୍ନାକୁ ଆସିଛି। ସୋମବାର ପାଟନା ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ ଏହି ଦୁର୍ଘଟଣା ଘଟିଥିଲା। ପାଇଲଟ୍‌ଙ୍କ ସତର୍କତା ଯୋଗୁଁ ବିମାନଟି ସକାଳ ୭.୪୩ ମିନିଟ୍ ସମୟରେ ବିମାନବନ୍ଦରରେ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ଅବତରଣ କରିଥିଲା। ପକ୍ଷୀ ଧକ୍କା ହେବା ନେଇ ସନ୍ଦେହ ହେବାରୁ ବିମାନବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରି ଅଗ୍ନିଶମ ଓ ଅନ୍ୟାନ୍ୟ ସେବାୟତମାନଙ୍କୁ ସଜାଗ ରଖିଥିଲେ। ଅବତରଣ ପରେ କରାଯାଇଥିବା ଯାଞ୍ଚରୁ ଇଞ୍ଜିନରେ କୌଣସି କ୍ଷତି ହୋଇନଥିବା ଜଣାପଡ଼ିଥିଲା। ଏହାପରେ ବିମାନଟିକୁ ପୁନର୍ବାର ଦିଲ୍ଲୀ ଫେରିବା ପାଇଁ ଅନୁମତି ମିଳିଥିଲା। ଗତ ୭ ଦିନ ଭିତରେ ପାଟନା ବିମାନବନ୍ଦରରେ ଏପରି ଦ୍ୱିତୀୟ ଘଟଣା ଘଟିଥିବାରୁ ଏହାକୁ ନେଇ ବିମାନବନ୍ଦର କର୍ତ୍ତୃପକ୍ଷ ସତର୍କ ରହିଛନ୍ତି।

# ଆସାମ-ମେଘାଳୟ ଉତ୍ତେଜନା, ୯୦% ହୋଟେଲ ବୁକିଂ ବାତିଲ୍

ଗୌହାଟୀ, ୨୪।୮ (ଏଜେନ୍ସି): ଆସାମ ଏବଂ ମେଘାଳୟ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନାର ପ୍ରଭାବ ଏବେ ପର୍ଯ୍ୟଟନ କ୍ଷେତ୍ରରେ ପଡ଼ିଛି। ଗତ ଅଗଷ୍ଟ ୧୯ ତାରିଖରେ ସିଲଂଠାରେ ଘଟିଥିବା ହିଂସାକାଣ୍ଡ ଏବଂ ତା'ପରଠାରୁ ସୀମାନ୍ତରେ ଦେଖାଦେଇଥିବା ସ୍ଥିତି କାରଣରୁ ପର୍ଯ୍ୟଟକମାନେ ସେମାନଙ୍କର ଯାତ୍ରା ବାତିଲ୍ କରୁଛନ୍ତି। ହୋଟେଲ ଏବଂ ହୋମଷ୍ଟେଗୁଡ଼ିକରୁ ମିଳିଥିବା ସୂଚନା ଅନୁଯାୟୀ, ସିଲଂ, ସୋହ୍ରା (ଚେରାପୁଞ୍ଜି) ଏବଂ ଆଖପାଖ ଅଞ୍ଚଳରେ ପ୍ରାୟ ୮୦ରୁ ୯୦ ପ୍ରତିଶତ ପର୍ଯ୍ୟଟକ ବୁକିଂ ବାତିଲ୍ କରିସାରିଲେଣି। ଖାସୀ ଷ୍ଟୁଡେଣ୍ଟ୍ସ ୟୁନିୟନର ଶୋଭାଯାତ୍ରା ସମୟରେ ଘଟିଥିବା ହିଂସା ଏବଂ ଗାଡ଼ିଗୁଡ଼ିକ ଭଙ୍ଗାଯିବା ପରେ ପର୍ଯ୍ୟଟକମାନଙ୍କ ମଧ୍ୟରେ ଅସୁରକ୍ଷା ଭାବନା ସୃଷ୍ଟି ହୋଇଛି। ଆଗକୁ ପୂଜା ଏବଂ କ୍ରିସ୍ମାସ୍ ଛୁଟି ଆସୁଥିବାରୁ ଏହି ସମୟରେ ପର୍ଯ୍ୟଟନ ବ୍ୟବସାୟୀମାନେ ବଡ଼ କ୍ଷତିର ସମ୍ମୁଖୀନ ହେଉଛନ୍ତି।

# ସେପ୍ଟେମ୍ବର ୫ରେ କକ୍ରୋଚ୍ ପାର୍ଟିର ଦିଲ୍ଲୀ ମାର୍ଚ୍ଚ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ପରୀକ୍ଷା ପରିଚାଳନାରେ ଅନିୟମିତତା ବିରୋଧରେ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ କେନ୍ଦ୍ର ସରକାର ବିଫଳ ହୋଇଥିବା କକ୍ରୋଚ ପାର୍ଟି (ସିଜେପି) ଅଭିଯୋଗ କରିଛି। ଏଥିପାଇଁ ସିଜେପି ଆସନ୍ତା ସେପ୍ଟେମ୍ବର ୫ରେ ନୂଆଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଶୋଭାଯାତ୍ରା କରିବାକୁ ଘୋଷଣା କରିଛି। ଏହି ଶୋଭାଯାତ୍ରା ଇଣ୍ଡିଆ ଗେଟ୍‌ରୁ ବାହାରି ନୂଆଦିଲ୍ଲୀ ପୁଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ହେବ। ଗତ ଜୁଲାଇ ୨୫ରେ ହୋଇଥିବା ଆଲୋଚନାରେ ସରକାର ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରି ନାହାନ୍ତି। ଏଣୁ ସିଜେପି କେନ୍ଦ୍ର ଉପରେ ବିଶ୍ୱାସଘାତକତାର ଅଭିଯୋଗ କରିଛି। ସିଜେପିର ବିବୃତି ଅନୁସାରେ, ଏହି ପ୍ରତିବାଦ ଶୋଭାଯାତ୍ରାର ଆଗଧାଡ଼ିରେ ନିଟ୍ ପରୀକ୍ଷା ବାତିଲ ଏବଂ ପୁନଃ ପରୀକ୍ଷା ପରେ ମାନସିକ ଚାପରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରବର୍ଗ



ରହିବେ। ସେମାନଙ୍କ ପଛକୁ ରହିବେ ଜୁଲାଇ ମାସର ଆନ୍ଦୋଳନ ସମୟରେ ପୁଲିସର କଠୋର କାର୍ଯ୍ୟାନୁଷ୍ଠାନ ଏବଂ ବର୍ବରତାର ଶିକାର ହୋଇଥିବା ଆହତ ଯୁବପିଢ଼ି। ସେମାନଙ୍କ ପଛକୁ ଦେଶର ସମଗ୍ର ଯୁବପିଢ଼ି ଶୋଭାଯାତ୍ରାରେ ସାମିଲ ହେବେ। ସମସ୍ତଙ୍କର କେବଳ ଗୋଟିଏ ଦାବି 'ନିଜ ପ୍ରତିଶ୍ରୁତି ରକ୍ଷା କର' ରହିବ। କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରୁଛନ୍ତି, ପ୍ରଯୁକ୍ତିଗତ ବାହାନା ଦେଖାଉଛନ୍ତି ଏବଂ ପ୍ରତିଶ୍ରୁତିର ଲିଖିତ ପ୍ରମାଣ ଦେବାରୁ ଦୂରେଇ ରହୁଛନ୍ତି ବୋଲି ସିଜେପିର ମୁଖ୍ୟ ପ୍ରବକ୍ତା ସୌରଭ ଦାସ ଅଭିଯୋଗ କରିଛନ୍ତି। ବିଶେଷ କରି ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ପ୍ରତିଶ୍ରୁତିକୁ ନେଇ କେନ୍ଦ୍ର ଟାଳଟୁଳ ନୀତି ଅବଲମ୍ବନ କରୁଛି। ଗୋଟିଏ ପିଢ଼ିର ବିଶ୍ୱାସକୁ ବ୍ୟବହାର କରି ସରକାର ଚୁପଚାପ୍ ନିଜ କଥାରୁ ଓହରି ଯାଉଛନ୍ତି; ଏହାକୁ ଯୁବପିଢ଼ି ସହଜରେ ଗ୍ରହଣ କରିବେ ନାହିଁ। ସିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ଏହି ବିଶାଳ ଶୋଭାଯାତ୍ରା ପାଇଁ ନିଷ୍ପତ୍ତି ନିଆଯାଇଛି। ଦଳ ଦେଶର ସମସ୍ତ ଛାତ୍ରଛାତ୍ରୀ, ଯୁବ ସଂଗଠନ ଏବଂ ଯୁବପିଢ଼ିଙ୍କୁ ଏହି ସେପ୍ଟେମ୍ବର ୫ ତାରିଖ ପ୍ରତିବାଦ ଶୋଭାଯାତ୍ରାରେ ସାମିଲ ହେବାକୁ ନିବେଦନ କରିଛି। ସୌରଭ ଦାସ ସ୍ପଷ୍ଟ କରିଛନ୍ତି ଯେ ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିବ।

# ଟ୍ରମ୍ପଙ୍କୁ ନେଇ ଅଡୁଆରେ ଭାରତ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୈଠକ ପୂର୍ବରୁ ଭାରତୀୟ ପକ୍ଷରୁ ଗଣମାଧ୍ୟମ ସାମ୍ନାରେ କୌଣସି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ନ ରଖିବାକୁ ଅନୁରୋଧ କରାଯାଇଥିଲା। ଆମେରିକା ରାଷ୍ଟ୍ରପତିଙ୍କ ଅନିଶ୍ଚିତ ଆଚରଣକୁ ଦୃଷ୍ଟିରେ ରଖି ଭାରତ ଏହି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ଆମେରିକା ରାଷ୍ଟ୍ରଦୂତ ସର୍ଜିଓ ଗୋର ଏକ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଏହି ସୂଚନା ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବା ପୂର୍ବରୁ ଭାରତ ପକ୍ଷରୁ ସେମାନଙ୍କୁ କୁହାଯାଇଥିଲା ଯେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ବେଳେ ପ୍ରେସ୍ କନଫରେନ୍ସ କିମ୍ବା ଗଣମାଧ୍ୟମ ସହ କୌଣସି ଆଲୋଚନା କରା ନ ଯାଉ। ତେବେ ରାଷ୍ଟ୍ରପତି ଟ୍ରମ୍ପ ଶେଷ ମୁହୂର୍ତ୍ତରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରଶ୍ନ ପଚାରିବାକୁ କହିଥିଲେ। ସୂତ୍ରରୁ ପ୍ରକାଶ ଯେ, ଆମେରିକା ରାଷ୍ଟ୍ରପତିଙ୍କ ଅନ୍ୟ ଦେଶର ରାଷ୍ଟ୍ରମୁଖ୍ୟମାନଙ୍କ ସହ ପୂର୍ବ ସାକ୍ଷାତକାରର ଅଭିଜ୍ଞତା ଏବଂ ତାଙ୍କର ଅପ୍ରତ୍ୟାଶିତ ବ୍ୟବହାରକୁ ଆଖିଆଗରେ ରଖି ଭାରତ ସତର୍କତା ଅବଲମ୍ବନ କରିଥିଲା। ପୂର୍ବରୁ ଅନ୍ୟ କିଛି ଦେଶର ରାଷ୍ଟ୍ରପତିଙ୍କ ସହ ଟ୍ରମ୍ପଙ୍କ ଆଚରଣକୁ ଦୃଷ୍ଟିରେ ରଖି ଭାରତୀୟ କୂଟନୈତିକ ମହଲ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଏହି ବୈଠକ ଏକପ୍ରକାର ଗୁରୁତ୍ୱପୂର୍ଣ୍ଣ ସମୟରେ ହୋଇଥିଲା, ଯେତେବେଳେ ଇରାନ ସହ ଯୁଦ୍ଧ ସମୟରେ ଆମେରିକୀୟ ସାମରିକ ଆକ୍ରମଣରେ ଭାରତୀୟ ନାବିକମାନେ ପ୍ରାଣ ହରାଇଥିଲେ।

# ଡାନ୍ୟୁବ ନଦୀର ଜଳସ୍ତର ହ୍ରାସ: ଦେଖାଦେଲା ୧୬୦୦ ବର୍ଷ ପୁରୁଣା ରୋମୀୟ ସେତୁ

ସୋଫିଆ, ୨୪।୮ (ଏଜେନ୍ସି): ୟୁରୋପର ଦ୍ୱିତୀୟ ଦୀର୍ଘତମ ନଦୀ ଡାନ୍ୟୁବର ଜଳସ୍ତର ଅସ୍ୱାଭାବିକ ଭାବେ କମିଯିବା ପରେ ପାଣି ତଳେ ଶତାବ୍ଦୀ ଧରି ବୁଡ଼ି ରହିଥିବା ପ୍ରାୟ ୧୬୦୦ ବର୍ଷ ପୁରୁଣା ରୋମୀୟ ସେତୁର ଅବଶେଷ ଦୃଶ୍ୟମାନ ହୋଇଛି। ଏହା ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କୁ ପ୍ରାଚୀନ ରୋମୀୟ ଯାନ୍ତ୍ରିକ କୌଶଳ ଅଧ୍ୟୟନର ଦୁର୍ଲଭ ସୁଯୋଗ ଦେଇଛି। ଏହି ସେତୁକୁ ରୋମ ସମ୍ରାଟ କନଷ୍ଟାଣ୍ଟିନ ପ୍ରଥମଙ୍କ ନିର୍ଦ୍ଦେଶରେ ଖ୍ରୀଷ୍ଟାବ୍ଦ ୩୨୮ରେ ନିର୍ମାଣ କରାଯାଇଥିବା ଐତିହାସିକ ତଥ୍ୟରୁ ଜଣାପଡ଼। ପ୍ରାୟ ଦୁଇ କିଲୋମିଟରରୁ ଅଧିକ ଲମ୍ବା ଏହି ସେତୁ ତତ୍କାଳୀନ ରୋମ ସାମ୍ରାଜ୍ୟର ଏକ ବିଶାଳ ଯାନ୍ତ୍ରିକ ନିର୍ମାଣ ଥିଲା। ସେତୁଟି ଆଜିର ବୁଲଗେରିଆର ଉଲ୍ପିଆ ଓଏସ୍କସ ସହରକୁ ଡାନ୍ୟୁବର ଅପରପାର୍ଶ୍ୱରେ ଥିବା ବର୍ତ୍ତମାନର ରୋମାନିଆ ଅଞ୍ଚଳ ସୁସିଡାଭା



ସହିତ ଯୋଡୁଥିଲା। ଐତିହାସିକ ପ୍ରମାଣ ଅନୁସାରେ, ଖ୍ରୀଷ୍ଟାବ୍ଦ ୩୬୭ ମସିହା ପାଖାପାଖି ସେତୁର ବଡ଼ ଅଂଶ ଧ୍ୱଂସ ହୋଇଥିଲା। ଚଳିତ ବର୍ଷ ୟୁରୋପରେ ଲଗାତାର ପ୍ରଚଣ୍ଡ ଗରମ ଓ ମରୁଡ଼ି ପରିସ୍ଥିତି ଯୋଗୁଁ ଡାନ୍ୟୁବ ସମେତ ଅନେକ ପ୍ରମୁଖ ନଦୀର ଜଳସ୍ତର ଅସ୍ୱାଭାବିକ ଭାବେ ହ୍ରାସ ପାଇଛି। ଫଳରେ ଉତ୍ତର ବୁଲଗେରିଆର ଗିଜେନ ଗାଁ ନିକଟରେ ସେତୁର କିଛି ଭିତ୍ତି ଓ ନିର୍ମାଣ ଅବଶେଷ ପାଣି ଉପରକୁ ଆସିଛି। ପ୍ଲେଭେନ ଅଞ୍ଚଳର ଐତିହାସିକ ସଂଗ୍ରହାଳୟର ଏକ ଦଳ ଘଟଣାସ୍ଥଳକୁ ଯାଇ ସେତୁର ଦୃଶ୍ୟମାନ ଅଂଶଗୁଡ଼ିକର ନକ୍ସା ପ୍ରସ୍ତୁତ କରିଛି। ଡ୍ରୋନ ମାଧ୍ୟମରେ ଉପରୁ ଫଟୋ ନିଆଯାଇ ସେତୁର ଅବଶେଷର ଅବସ୍ଥା ଓ ଗଠନକୁ ଲିପିବଦ୍ଧ କରାଯାଇଛି। ଡାନ୍ୟୁବର ଜଳସ୍ତର ପୁଣି ବଢ଼ିଲେ ଏହି ପ୍ରାଚୀନ ସେତୁର ଅଧିକାଂଶ ଅଂଶ ପୁଣି ପାଣି ତଳେ ବୁଡ଼ିଯିବ। କିନ୍ତୁ ଏବେ ସଂଗ୍ରହ କରାଯାଇଥିବା ଫଟୋ, ନକ୍ସା ଓ ମାପ ପ୍ରାଚୀନ ରୋମୀୟ ସ୍ଥାପତ୍ୟ ଓ ଯାନ୍ତ୍ରିକ କୌଶଳ ବୁଝିବାରେ ଭବିଷ୍ୟତର ଗବେଷକଙ୍କ ପାଇଁ ମୂଲ୍ୟବାନ ତଥ୍ୟ ହୋଇ ରହିବ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-61 ◆TUESDAY ◆25 AUGUST 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୬୧ ◆ମଙ୍ଗଳବାର ◆୨୫ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ବଦଳିଲା ସଲମାନ୍-ନୟନତାରାଙ୍କ ଫିଲ୍ମର ଟାଇଟଲ

▶ପୃଷ୍ଠା ୧୧ ଦେଖନ୍ତୁ...

## ପୁଣି ତାଜା ହେଲା ହୀରାକୁଦ କ୍ଷତ

# ଭିଟାମାଟି ହରାଇବେ ବିସ୍ଥାପିତଙ୍କ ଦାୟାଦ

■ ସମ୍ବଲପୁର,୨୪ା୮ (ସମିସ): ଥରେ ବିକାଶର ନାଁରେ ସେମାନେ ନିଜର ଭିଟାମାଟି ହରାଇଥିଲେ। ୮୦ବର୍ଷପରେ ମଧ ସେହି ବିସ୍ଥାପନର କ୍ଷତ ଶୁଖିନାହିଁ। ଏବେ ପୁଣିଥରେ ବିସ୍ଥାପିତ ହେବାକୁ ଯାଉଛନ୍ତି ରେଙ୍ଗାଲି ତହସିଲ ଅନ୍ତର୍ଗତ କିଲାସମା ଅଞ୍ଚଳରେ ରହୁଥିବା ପ୍ରାୟ ୮୦ଟି ପରିବାର । ବିଡ଼ମ୍ବନା ହେଉଛି ସେତେବେଳେ ହୀରାକୁଦ ବନ୍ଧ ପରି ବିକାଶମୂଳକ ପ୍ରକଳ୍ପ ପାଇଁ ପୂର୍ବପୁରୁଷ ଭିଟାମାଟି ହରାଇ ବିସ୍ଥାପିତ ହୋଇଥିଲେ; ଏବେ ହୋଟେଲ, ପାର୍କ, ଖେଳ ପଡ଼ିଆ ପାଇଁ ସେମାନଙ୍କ ଦାୟାଦ ଭିଟାମାଟି ହରାଇ ପୁଣି ବିସ୍ଥାପିତ ହେବେ।

୧୯୪୬ ମସିହାରେ ହୀରାକୁଦ ବନ୍ଧ ପ୍ରକଳ୍ପ ଆରମ୍ଭ ହେବା ପରେ ହଜାର ହଜାର ଏକର ଉର୍ବର ଜମି ଓ ଶହ ଶହ ଗାଁ ଜଳଭଣ୍ଡାର ତଳେ ବୁଡ଼ିଯାଇଥିଲା। ଏହି ପ୍ରକଳ୍ପ ଯୋଗୁଁ ୩୬୦ରୁ ଅଧିକ ଗାଁ ଏବଂ ୧.୨୩ ଲକ୍ଷ ଏକରରୁ ଅଧିକ ଚାଷଜମି ଜଳମଗ୍ନ ହୋଇଥିଲା। ୧.୫ ଲକ୍ଷ ଲୋକ ଭିଟାମାଟି ହରାଇଥିଲେ। ହଜାର ହଜାର ପରିବାର ପାଇଁ ଏହା କେବଳ ଘର କିମ୍ବା ଜମି ହରାଇବାର ଦୁଃଖ ନଥିଲା—ଏହା ଥିଲା ପୁରୁଷ ପୁରୁଷର ପରିଚୟ, ଜୀବିକା ଓ ସୁରକ୍ଷାର ବିଲୋପ। ଚାଷୀ ନିଜର କ୍ଷେତ, ମତ୍ସ୍ୟଜୀବୀ ନିଜର ପାରମ୍ପରିକ ଜୀବିକା ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟ ନିଜର ଗୁଜରାଣ ମେଣ୍ଟାଇବାର ମାଧ୍ୟମ ହରାଇଥିଲେ। ଅନେକ ବିସ୍ଥାପିତ ପରିବାର ଅପର୍ଯ୍ୟାପ୍ତ କ୍ଷତିପୂରଣ ପାଇଥିବା ବେଳେ ଉପଯୁକ୍ତ ପୁନର୍ବାସ ଓ ଚାଷଜମି ଯୋଗାଇଦେବାର ପ୍ରତିଶ୍ରୁତି ଦଶନ୍ଧି ଦଶନ୍ଧି ଧରି ଅପୂରଣୀୟ ରହିଛି। ନିଜର ମୂଳ ଭିଟାମାଟିରୁ ବିସ୍ଥାପିତ ହେବା ପରେ, ପ୍ରାୟ ୮୦ଟି ପରିବାର ସରକାରୀ ଓ ଡ୍ୟାମ୍ କୂଳିଆ ଜମିରେ ଆଶ୍ରୟ ନେଇଥିଲେ। ପୁରୁଷ ପୁରୁଷ ଧରି ସେମାନେ ଏହି ଜମିରେ ଚାଷବାସ କରି ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି। ତଥାପି ସେମାନଙ୍କୁ ଜମିର ସରକାରୀ ସ୍ୱୀକୃତି କିମ୍ବା ସତ୍ତ୍ୱ ମିଳିପାରିନାହିଁ। ଏହି ସମୟରେ ହୀରାକୁଦ ଡ୍ୟାମ୍ ଚାରିପାଖରେ ପର୍ଯ୍ୟଟନର ବିକାଶ ପାଇଁ ପ୍ରଣୀତ ଯୋଜନା ଦ୍ୱାରା ସେମାନେ ପୁଣି ବିସ୍ଥାପିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ହୋଟେଲ, ପାର୍କ, ୱାଚ୍ ଟାୱାର ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ କିଲାସମା, ବାଲବସପୁର, ତାଲାବ, ଲାରଭଙ୍ଗା ଏବଂ ତୋଲବନ୍ଧରୁ ପ୍ରାୟ ୧୨୭.୦୮ ଏକର ଜମି ଅଧିଗ୍ରହଣ ପାଇଁ ଚିହ୍ନଟ କରାଯାଇଛି। ଏଥିମଧ୍ୟରୁ କିଲାସମାରେ ଥିବା ପ୍ରାୟ ୩୩.୫୫ ଏକର ଜମିରେ ବସବାସ କରୁଥିବା ବିସ୍ଥାପିତଙ୍କୁ ଜମି ଖାଲି କରିବାକୁ ନୋଟିସ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ ଇଡକୋ ପ୍ରସ୍ତାବିତ ଅଞ୍ଚଳର ବିକାଶ ପାଇଁ ୧୨୭.୦୮ ଏକର ଜମି ବାବଦରେ ପ୍ରାୟ



୪୨.୬୦ କୋଟି ଟଙ୍କା ଜମା କରିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଯଦି ବାଣିଜ୍ୟିକ ଓ ପର୍ଯ୍ୟଟନ ପ୍ରକଳ୍ପ ପାଇଁ ଜମି ଯୋଗାଡ଼ କରାଯାଇପାରୁଛି, ତେବେ ହୀରାକୁଦ ପ୍ରକଳ୍ପ ପାଇଁ ସବୁକିଛି ତ୍ୟାଗ କରିଥିବା ଲୋକଙ୍କ ଜୀବିକା ଓ ପୁନର୍ବାସ ଅଧିକାରକୁ ସରକାର ପ୍ରଥମେ କାହିଁକି ସୁନିଶ୍ଚିତ କରୁନାହାନ୍ତି ବୋଲି ମଧ ପ୍ରଶ୍ନ ଉଠିଛି। ବିସ୍ଥାପିତଙ୍କ ପାଇଁ ଏହା କେବଳ କ୍ଷତିପୂରଣର ନୁହେଁ, ଏହା ହେଉଛି ବର୍ଷ ବର୍ଷ ଧରି ଚାଲିଥିବା ନ୍ୟାୟ ଓ ଅଧିକାରର ପ୍ରଶ୍ନ। ବିସ୍ଥାପିତ ହେବା ଦିନଠାରୁ ସେମାନେ ନିଜର ଜମି ଅଧିକାର ସ୍ୱୀକୃତି ପାଇଁ ରାଜସ୍ୱ ପ୍ରଶାସନର ପ୍ରତ୍ୟେକସ୍ତରକୁ ଆବେଦନ କରିଆସୁଛନ୍ତି। ଆବେଦନଗୁଡ଼ିକ କେବଳ ଫାଇଲ୍ ଭିତରେ ବୁଲୁଛି, କିନ୍ତୁ ସ୍ଥାୟୀ ସମାଧାନ ବାହାରିପାରିନାହିଁ। ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାର ଅଞ୍ଚଳରେ ଜମି ଜବରଦଖଲକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ବିଧାୟକଙ୍କ ସହ ଜଡ଼ିତ ସମ୍ବଲପୁର ଫୁଟବଲ୍ ଏକାଡେମୀ ଓ ସମଲେଶ୍ୱରୀ ସ୍ପୋର୍ଟିଂ ଭଳି ଅନୁଷ୍ଠାନ ସରକାରୀ ଜମି ଅକ୍ତିଆର କରିଥିବାବେଳେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାବେଳେ ବିସ୍ଥାପିତଙ୍କ ଉତ୍ତରଦାୟାଦଙ୍କୁ ପୁଣି ବିସ୍ଥାପନ କରିବା କେଉଁ ପ୍ରକାର ନ୍ୟାୟ ବୋଲି ପ୍ରଶ୍ନ କରିଛନ୍ତି ।

ମାର୍ଚ୍ଚ ୨୦୨୬ରେ ସମ୍ବଲପୁର ଜିଲ୍ଲାପାଳ ବିଦ୍ୟୁତ ଓ ଜଳସେଚନ ବିଭାଗ ନାମରେ ଥିବା ଜମିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ହସ୍ତାନ୍ତର କରିବା ପାଇଁ ଜଳସମ୍ପଦ ବିଭାଗକୁ ଚିଠି ଲେଖିଥିଲେ। କିଲାସମା ସରପଞ୍ଚ ଏହି ବିଷୟରେ ଜାଣିବା ପରେ ସରକାର, ଜିଲ୍ଲାପାଳ ଏବଂ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଜଳଭଣ୍ଡାର ନିୟମାବଳୀର ଉଲ୍ଲଂଘନ କରି କିପରି ଏହି ଜମି ହସ୍ତାନ୍ତର କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ୩୩.୫୫ ଏକର ଜମି ବିସ୍ଥାପିତଙ୍କ ସ୍ମୃତି, ଜୀବିକା, ଆତ୍ମସମ୍ମାନ ସହ ଜଡ଼ିତ ଥିବାରୁ କୌଣସି ମୂଲ୍ୟରେ ସେମାନେ ଜମି ଛାଡ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି । ଅଶୀ ବର୍ଷ ତଳେ ସେମାନଙ୍କ ପୂର୍ବଜଙ୍କ ଲୁହ ହୀରାକୁଦକୁ ଭିଜାଇଥିଲା, ଆଉ ଏବେ ପୁଣିଥରେ ଉତ୍ତରଦାୟାଦମାନେ ମୂଲ୍ୟଦେବାକୁ ଯାଉଛନ୍ତି । ପର୍ଯ୍ୟଟନର ବିକାଶ ପାଇଁ ଟାୱାର, ପାର୍କ ଓ ହୋଟେଲର ଆବଶ୍ୟକତା ରହିଛି, ଏହାକୁ କେହି ଅସ୍ୱୀକାର କରିବେ ନାହିଁ। ମାତ୍ର ହୀରାକୁଦ ପାଇଁ ସବୁକିଛି ହରାଇଥିବା ଲୋକଙ୍କୁ ସରକାର ସୁରକ୍ଷିତ ବାସସ୍ଥାନ ଓ ଆଇନଗତ ଜୀବିକାର ଅଧିକାର ପ୍ରଦାନ ମଧ ସରକାରଙ୍କ ନୈତିକ ଦାୟିତ୍ୱ ।

## ସରକାରଙ୍କୁ ମିଲର୍ସଙ୍କ ଧମକ

# ଚାଉଳ ନ ଉଠିଲେ ଧାନ ନେବୁନି

■ ଭୁବନେଶ୍ୱର,୨୪ା୮ (ସମିସ): ଚାଉଳ ଉଠାଣକୁ ନେଇ ରାଜ୍ୟ ସରକାର ଓ ରାଇସ୍ ମିଲର୍ସଙ୍କ ମଧ୍ୟରେ ପୁଣି ଥରେ ବିବାଦ ତୀବ୍ର ହୋଇଛି। ସରକାର ଚାଉଳ ଉଠାଉ ନଥିବାରୁ ମିଲର୍ସ ସଂଘ ତାତିଛି। ଏମିତି କି ସଠିକ ସମୟରେ ମିଲ୍‌ରେ ଗଦା ହୋଇଥିବା ଚାଉଳ ନ ଉଠାଗଲେ ଚଳିତ ବର୍ଷ ମଣ୍ଡିରୁ ଧାନ ମଧ ଉଠାଯିବ ନାହିଁ ବୋଲି ଅଲ୍ ଓଡ଼ିଶା ରାଇସ୍ ମିଲର୍ସ ଆସୋସିଏସନ୍ ଖୋଲା ଚେତାବନୀ ଦେଇଛି। ବକେୟା ପ୍ରାପ୍ୟ ପ୍ରଦାନ ସହ କଷ୍ଟମ୍ ମିଲ୍ଡ ଚାଉଳ ଉଠାଣ ତ୍ୱରାନ୍ୱିତ କରିବା ଦାବିକୁ ଜୋରଦାର କରି ସୋମବାର ମିଲର୍ସ ସଂଘ ପକ୍ଷରୁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟ ମଧ ଘେରାଉ କରାଯାଇଛି।

ସଂଘର ୨୫୦-୩୦୦ କର୍ମକର୍ତ୍ତା ସରକାର ଏବଂ ଯୋଗାଣ ନିଗମ ଅଧିକାରୀଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ କଷ୍ଟମ୍ ମିଲ୍ଡ ଚାଉଳ ଉଠାଣ ଏଯାବତ୍ ମାତ୍ର ୨୫ ପ୍ରତିଶତ ହୋଇଛି। ଏଥିସହ ୨୦୨୪-୨୫ ଖରିଫ୍ ଋତୁର ବକେୟା କଷ୍ଟମ ମିଲର୍ସ ପେମେଣ୍ଟ ମଧ ତୁରନ୍ତ ପ୍ରଦାନ ପାଇଁ ଦାବି କରାଯାଇଛି। ମିଲିଂ ଚାର୍ଜରେ ଇନ୍‌ସେଣ୍ଟିଭ୍ ବାବଦକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୨୦ ଟଙ୍କା ଏବଂ ୧୦ ଟଙ୍କା ହାରରେ ଦିଆଯାଉଥିବା ଇନ୍‌ସେଣ୍ଟିଭ୍ ମିଳିନାହିଁ। ୨୦୨୪-୨୫ ଓ ୨୦୨୫-୨୬ ଖରିଫ ଋତୁ ପାଇଁ ପରିବହନ ଚାର୍ଜର ସଂଶୋଧନ କରିବାକୁ ମଧ ଆସୋସିଏସନ୍ ଦାବି କରିଛି। ସେହିପରି ପୂର୍ବରୁ ଲାଗୁଥିବା ଡ୍ରେଜ୍ ହାରକୁ ପୁନଃସ୍ଥାପନ କରି ୧୯ ପ୍ରତିଶତ କରିବା, କଷ୍ଟମ ମିଲର୍‌ମାନଙ୍କ ଅଟକାଇ ରଖାଯାଇଥିବା ଏମଏମ୍‌ଡିଏଫ୍ ଅର୍ଥ ପ୍ରଦାନ କରିବା ଏବଂ ସରକାରୀ ନିର୍ଦ୍ଦିଷ୍ଟ ମାନ ଅନୁଯାୟୀ ନୂଆ ଗନି ବ୍ୟାଗ୍ ଯୋଗାଇବାକୁ ମଧ ଦାବି କରାଯାଇଛି। ପ୍ରତ୍ୟେକ ଗୁଣି ବ୍ୟାଗ୍‌ର ଓଜନ ୫୮୦ ଗ୍ରାମ ହେବା ଏବଂ ଏହାର ମାନ ଠିକ୍ ରହିବା ଉପରେ ଆସୋସିଏସନ୍ ଗୁରୁତ୍ୱାରୋପ କରିଛି। ଦାବିଗୁଡ଼ିକର ସମାଧାନ ନହେଲେ ଚଳିତ ବର୍ଷ ମଣ୍ଡିରୁ ଧାନ ଉଠାଣରେ ସହଯୋଗ କରିବେ ନାହିଁ ବୋଲି ମିଲର୍ସ ସଂଘ ଚେତାବନୀ ଦେଇଛି। ଏହାକୁ ନେଇ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି।

## ମାଟି ତଳ ବିଦ୍ୟୁତ୍ ତାରରେ ଲାଗିଗଲା ଟ୍ରାକ୍ଟର

# ହଳ କରୁଥିବା ବେଳେ ଦୁଇ ଚାଷୀ ମୃତ

■ ଜଗତସିଂହପୁର,୨୪ା୮ (ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ବେନୁଖଣ୍ଡା ଗ୍ରାମରେ ଆଜି ଏକ ଅଘଟଣ ଘଟିଯାଇଛି। ବିଲରେ ଟ୍ରାକ୍ଟର ଯୋଗେ ହଳ କରି ଫେରୁଥିବା ବେଳେ ମାଟିତଳେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇଜଣ ଯୁବ ଚାଷୀଙ୍କ ଅକାଳ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ବେନୁଖଣ୍ଡା ଗ୍ରାମର ଯୁବ ଚାଷୀ ସାଗର କୁମାର ଭୋଇ ଏବଂ ଅଜୟ କୁମାର ସାହୁ ଆଜି ମଧ୍ୟାହ୍ନରେ ଟ୍ରାକ୍ଟର ରୋଟର ଯୋଗେ ବିଲରେ ହଳ କରିବାକୁ ଯାଇଥିଲେ। କାମ ସାରି ଟ୍ରାକ୍ଟରରେ ଫେରୁଥିବା ବେଳେ ନିକଟରେ ଜନୈକ ବ୍ୟକ୍ତିଙ୍କ ଲିଫ୍ଟ ଇରିଗେସନ ପଏଣ୍ଟକୁ ସ୍ୱଳ୍ପ ଗଭୀରତାରେ ପୋତା ଯାଇଥିବା ବିଦ୍ୟୁତ ତାର ରୋଟରରେ ଲାଗି ଯାଇ ଚାର୍ଜ ହୋଇଯାଇଥିଲା ଏବଂ ଉଭୟ ଯୁବକଙ୍କୁ ମଧ ବିଦ୍ୟୁତ ଆଘାତ ଲାଗିଥିଲା। ନିକଟରେ କାମ କରୁଥିବା ଲୋକମାନେ ବିଦ୍ୟୁତ ସଂଯୋଗ କାଟି ଗ୍ରାମବାସୀଙ୍କ ସହାୟତାରେ ସାଗର ଓ ଅଜୟଙ୍କୁ ଉଦ୍ଧାର କରି ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିବା ପରେ ସ୍ଥାନୀୟ ଲୋକମାନେ ମେଡିକାଲରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ପରେ ଥାନା ଛକରେ ଉପଯୁକ୍ତ କ୍ଷତିପୂରଣ ଏବଂ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଶବ ରଖି ରାସ୍ତା ଅବରୋଧ କରିଥିଲେ।

**ଉତ୍ତ୍ୟକ୍ତ ଲୋକଙ୍କ ମେଡିକାଲରେ ଭଙ୍ଗାରୁଜା, ଥାନା ଛକରେ ରାସ୍ତାରୋକ**

## ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ ପ୍ରସଙ୍ଗ

# ଡବଲ ଇଞ୍ଜିନ ସରକାରକୁ ଘାରିଛି କର୍ପୋରେଟ୍ ଚିନ୍ତା: ବିଜେଡି

■ ଭୁବନେଶ୍ୱର, ୨୪ା୮ (ସମିସ): ବିନା ଆଲୋଚନାରେ ସଂସଦରେ ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ ପାରିତ କରି କେନ୍ଦ୍ର ସରକାର ରାଜ୍ୟର ହକ୍‌କୁ ଛଡ଼ାଇ ନେଇଛନ୍ତି। ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଖଣି ମାଲିକଙ୍କୁ ସୁହାଇଲା ଭଳି କାର୍ଯ୍ୟ କରିଥିବା ଅଭିଯୋଗ କରି ଡବଲ ଇଞ୍ଜିନ ସରକାରକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ ଡବଲ ଇଞ୍ଜିନ ସରକାରଙ୍କ ରାଜ୍ୟ ବିରୋଧୀ କାର୍ଯ୍ୟକୁ କଡ଼ା ନିନ୍ଦା କରିଛନ୍ତି।

କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଜୁଲାଇ ୨୦୨୪ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ୯ ଜଣିଆ ଖଣ୍ଡପୀଠ ଖଣି ଓ ଖଣିର ଜମି ଉପରେ ରାଜ୍ୟମାନଙ୍କର ଅଧିକାର ରହିଛି ବୋଲି ମତପ୍ରକାଶ କରି ରାଜ୍ୟମାନେ ଖଣିଜ ପଦାର୍ଥ ଉପରୁ ଲେଭି ଓ ଟିକସ ଆଦାୟ କରିପାରିବେ ବୋଲି କହିଥିଲେ। କିନ୍ତୁ ତାହାକୁ କେନ୍ଦ୍ର ସରକାର ନିଜ ନିୟନ୍ତ୍ରଣକୁ ନେଇ ରାଜ୍ୟ ସରକାରଙ୍କ ହକକୁ ଛଡ଼ାଇ ନେଇଛନ୍ତି। ଖଣି କ୍ଷେତ୍ରରୁ ଆଦାୟ ଉକ୍ତ ଟ୍ୟାକ୍ସ ଅର୍ଥ ରାଜ୍ୟର ବିକାଶ ପାଇଁ ଖର୍ଚ୍ଚ ହୋଇଥାଏ । କିନ୍ତୁ କେନ୍ଦ୍ର ସରକାରଙ୍କ ଏହି ଆଇନ ବଳରେ ପ୍ରତିବର୍ଷ ଖଣି ରାଜସ୍ୱ ଭାବେ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ଓଡ଼ିଶା ହରାଇବ। ରାଜ୍ୟ ସ୍ୱାର୍ଥ ବିରୋଧରେ ଯାଇଥିବା ଏହି ବିଲ୍‌କୁ ବିଜେପିର ୨୦ ଜଣ ଲୋକସଭା ସାଂସଦ ଓ ୫ ଜଣ ରାଜ୍ୟସଭା ସାଂସଦ ସମର୍ଥନ କରିବା



■ ରାଜ୍ୟର ହକ୍‌କୁ ଛଡ଼ାଇନେଲେ କେନ୍ଦ୍ର ସରକାର
■ ଖଣି ମାଲିକଙ୍କୁ ସୁହାଇଲା ଭଳି କାର୍ଯ୍ୟ କରିଛନ୍ତି ସରକାର

ଦୁର୍ଭାଗ୍ୟଜନକ। ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବିଧାନସଭାରେ ଆଲୋଚନା ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନ ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି ଉପସ୍ଥାପନ କରିଛନ୍ତି। କିନ୍ତୁ ବିଜେପି ତାହାର ଦୋଷତ୍ରୁଟିକୁ ଲୁଚାଇବା ପାଇଁ ତାହା କରୁନାହିଁ। ଏହି ବିଲ୍ ଫଳରେ ବକେୟା ଥିବା ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଖଣି ରାଜସ୍ୱ ଆଦାୟ ହୋଇପାରିବ ନାହିଁ। ଖଣି ମାଲିକଙ୍କ ଏଜେଣ୍ଟ ଭଳି ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି।

ପ୍ରଣବ ବଳବନ୍ତରାୟ କହିଥିଲେ ଯେ ବିଜେଡି ସରକାର ସମୟରେ ରାଜ୍ୟର ଖଣିଜ ସମ୍ପଦରୁ ଆୟ ବୃଦ୍ଧି ପାଇ ତାହା ୫୦,୦୦୦ କୋଟି ଟଙ୍କାରେ ପହଞ୍ଚିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶା, ଗୁଜୁରାଟ ଓ ମହାରାଷ୍ଟ୍ର ଭଳି ଶିଳ୍ପ ସମୃଦ୍ଧ ରାଜ୍ୟକୁ ପଛରେ ପକାଇ ଅଧିକ ଖଣି ରାଜସ୍ୱ ଆଦାୟ କରିଥିଲା। ଏମ୍‌ଏମ୍‌ଡିଆର୍ ଆଇନ ବଳରେ କେନ୍ଦ୍ର ବିଜେପି ସରକାର ଯୋଜନାବଦ୍ଧ ଭାବେ ରାଜ୍ୟର ଅର୍ଥନୈତିକ ହକ୍‌କୁ ଛଡ଼ାଇ ନେଲେ। ରାଜ୍ୟ ଆର୍ଥିକ କ୍ଷତି ସହିବାକୁ ଯାଉଥିବା ବେଳେ ସମସ୍ତ ବିଜେପି ସାଂସଦମାନେ ସଂସଦରେ ମୁଁହ ଖୋଲିଲେ ନାହିଁ। ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ କେନ୍ଦ୍ର ସରକାରଙ୍କ ହାତରେ ରାଜ୍ୟର ହକକୁ ଟେକି ଦେଇଛନ୍ତି। ଯାହାଫଳରେ ଆଗକୁ ବଜେଟ ପାଇଁ ଓଡ଼ିଶା ଅଧିକ ଋଣ କରିବ। ବିଜେପି ସରକାରଙ୍କୁ କର୍ପୋରେଟ ଚିନ୍ତା ଘାରିଥିବା ବେଳେ ଲୋକଙ୍କ ସ୍ୱାର୍ଥକୁ ଭୁଲି ଯାଇଛନ୍ତି। ତେଣୁ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଲଢେଇ ଜାରି ରଖିବ ବୋଲି ଶ୍ରୀ ବଳବନ୍ତରାୟ ଚେତାବନୀ ଦେଇଛନ୍ତି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ରେ କ୍ଲରିକାଲ କ୍ୟାଡରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ର ନିଯୁକ୍ତି**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିୟମିତ ଆଧାରରେ ଜୁନିଅର ଆସୋସିଏଟ୍‌ସ (ଗ୍ରାହକ ସହାୟତା ଏବଂ ସେଲ୍‌ସ) ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି

**ଖାଲି ପଦବୀ ସଂଖ୍ୟା:**
**ନିୟମିତ : 7680 + ବ୍ୟାକଲଗ୍ : 287**

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ବିଜ୍ଞାପନ ନମ୍ବର **CRPD/CR/2026-27/17** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.08.2026 ରୁ 31.08.2026 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ରେ ଉପଲବ୍ଧ ।

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.08.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**


■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ପୂର୍ବତନ ସହକାରୀ ପ୍ରକଳ୍ପ ଅଧିକାରୀଙ୍କୁ ୩ ବର୍ଷ ଜେଲ୍

■ ଭୁବନେଶ୍ୱର ୨୪ା୮ (ସମିସ): ଆୟବହିର୍ଭୂତ ସମ୍ପତ୍ତି ଠୁଳ (ଡିଏ) ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ଏହି ମାମଲାର ବିଚାରକରି ଇଣ୍ଡୋ-ବ୍ରିଟିଶ୍ ହେଲ୍ଥ ଅର୍ଗାନାଇଜେସନ୍ (ପୁରୀ)ର ପୂର୍ବତନ ସହକାରୀ ପ୍ରକଳ୍ପ ଅଧିକାରୀ ଡା. ହୃଦାନନ୍ଦ ସାମନ୍ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ସୂଚନା ଅନୁସାରେ, ଡା. ସାମନ୍ତ ଆୟ ଠାରୁ ଅଧିକ ସମ୍ପତ୍ତି ରଖିଥିବା ଜାଣିବା ପରେ ଭିଜିଲାନ୍ସ ଚଢ଼ଉ କରିଥିଲା। ତାଙ୍କ ହେପାଜତରୁ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିଥିଲା। ଦୁର୍ନୀତି ନିବାରଣ ଆଇନ୍ ୧୯୮୮ର ଧାରା ୧୩(୨) ସହ ୧୩(୧)(ଇ) ଅନୁଯାୟୀ ଡା. ସାମନ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍‌ର ପୂର୍ବତନ ଇନ୍ସପେକ୍ଟର ନରହରି ପଣ୍ଡା ମାମଲାର ତଦନ୍ତ କରି ଡା. ସାମନ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ସାକ୍ଷୀ ଓ ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ମାମଲାର ବିଚାରକରି ଅବସରପ୍ରାପ୍ତ ଡା. ସାମନ୍ତଙ୍କୁ ୩ ବର୍ଷ କଠୋର କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଶୁଣାଇଛନ୍ତି। ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର କାମଦେବ ତ୍ରିପାଠୀ ସରକାରଙ୍କ ତରଫରୁ ଏହି ମାମଲା ପରିଚାଳନା କରିଥିଲେ।




# ଶିକ୍ଷା, ସ୍ୱାସ୍ଥ୍ୟ ସେବାରୁ ଦୂରେଇ ଯାଉଛି ଡିଏମ୍ଏଫ୍

ଆନନ୍ଦପୁର,୨୪ା୮ (ସମିସ)

ଖଣିଜ ସମ୍ପଦରେ ଭରପୁର କେନ୍ଦୁଝର ଜିଲ୍ଲାରେ ଡିଏମ୍ଏଫ୍ ଯୋଜନାର ବିକଳଚିତ୍ର ଏବେ ସାମନାକୁ ଆସିଛି । ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ସେବାରୁ ଡିଏମ୍ଏଫ୍ ଦୂରେଇ ଯାଉଥିବା ନେଇ ମଧ୍ୟ ଗୁରୁତର ଅଭିଯୋଗ ହୋଇଛି । କେନ୍ଦୁଝର ଜିଲ୍ଲାରେ ବିନା ଚିଠିରେ ବିନା ଚିଠିରେ ଦୁଇବର୍ଷ ହେଲା ବନ୍ଦ ହୋଇଯାଇଛି ଡିଏମ୍ଏଫ୍ ପୋଷକ ଯୋଜନା । ଏଥିସହ ଏହି ଯୋଜନାରେ ବନ୍ଦ ହୋଇଯାଇଛି ଅଣ୍ଡା ଯୋଗାଣ । ଫଳରେ କେନ୍ଦୁଝର ଜିଲ୍ଲାର ଛାତ୍ରଛାତ୍ରୀ ପୁଷ୍ଟିକର ଆହାର ପାଇବାରୁ ବଞ୍ଚିତ ହୋଇଛନ୍ତି । ପୂର୍ବରୁ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ସପ୍ତାହରେ ବୁଧବାର ଓ ଶନିବାର ଦିନ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ଗୋଟିଏ ଲେଖାଏଁ ସିଝା ଅଣ୍ଡା, ଆଳୁ ତରକାରୀ ଦିଆଯାଉଥିଲା । କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପକ୍ଷରୁ ୨୦୧୮ ଅଗଷ୍ଟରେ ସ୍ୱତନ୍ତ୍ର ଭାବେ "ପୋଷକ" ଯୋଜନା ଆରମ୍ଭ କରାଯାଇଥିବା ଅନ୍ୟ ତିନିଦିନ ପିଲାମାନଙ୍କୁ ଗୋଟିଏ ଲେଖାଏଁ ସିଝାଅଣ୍ଡା ଦିଆଯାଉଥିଲା । ଅର୍ଥାତ କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସପ୍ତାହସାରା ଅଣ୍ଡା ଖାଇବାକୁ ଦିଆଯାଉଥିଲା । ସେତେବେଳେ ଗୋଟିଏ ଅଣ୍ଡା ପାଇଁ ୫ ଟଙ୍କା ୩୦ପଇସା ଓ ଜାଳେଣି ଖର୍ଚ୍ଚ ୧୫ ପଇସା ଧାର୍ଯ୍ୟ କରାଯାଇଥିଲା । ଗତ ଶିକ୍ଷାବର୍ଷର ୨୦୨୫ ଏପ୍ରିଲ ମାସଠାରୁ ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମରେ ସପ୍ତାହକୁ ତିନିଦିନ ସୋମ, ବୁଧ ଓ ଶୁକ୍ରବାର ଦିନ ଅଣ୍ଡା ତରକାରୀ ଏବଂ ଅନ୍ୟ ତିନିଦିନ ମଙ୍ଗଳବାର, ଶନିବାର ସୋୟାବଡ଼ି ତରକାରୀ ଓ ଗୁରୁବାର ଡାଲମା ଦେବା ପାଇଁ ନିର୍ଦ୍ଦେଶନାମା ଆସିଥିଲା । ତିନିଦିନ ପ୍ରାର୍ଥନା ସଭାରେ ଛାତ୍ରଛାତ୍ରୀଙ୍କୁ ମାଣ୍ଡିଆ ଲଡୁ ଦେବା ପାଇଁ ନିର୍ଦ୍ଦେଶ ହୋଇଥିଲା । ନୂତନ ଶିକ୍ଷାବର୍ଷର ପ୍ରଥମ ଦିନଠାରୁ ଏହା କାର୍ଯ୍ୟକାରୀ ହୋଇଛି । ଅନ୍ୟପଟେ ଜିଲ୍ଲାରେ ପୂର୍ବରୁ ଚାଲୁଥିବା ପୋଷକ ଯୋଜନାରେ ଅଣ୍ଡା ଯୋଗାଣକୁ କୌଣସି ଚିଠି ନକରି ଗତ ବର୍ଷରୁ ତାହା ବନ୍ଦ କରିଦିଆଯାଇଛି । ଗତବର୍ଷ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ "ପୋଷକ" ଯୋଜନାରେ ଥିବା ବଳକା ଅର୍ଥରାଶି ଫେରାଇବା ପାଇଁ





- ବିନା ଚିଠିରେ ପୋଷକ ଯୋଜନା ବନ୍ଦ
- ମାଟ୍ରିକ ଚାମ୍ପିଅନଙ୍କୁ ମିଳୁନି ପ୍ରୋତ୍ସାହନ
- ଡାକ୍ତରଖାନାକୁ ଆସୁନାହାନ୍ତି ବିଶେଷଜ୍ଞ
- କାମରେ ଆସୁନି ଆମ୍ବୁଲାନ୍ସ

ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଡିଏମ୍ଏଫ୍ ପୋଷକ ଯୋଜନାର ଖର୍ଚ୍ଚ ହୋଇନଥିବା ବଳକା ଅର୍ଥକୁ ଡିଇଓ, କେନ୍ଦୁଝରଙ୍କ ଆକାଉଣ୍ଟରେ ପୈଠ କରି ଦେଇଛନ୍ତି । ଅନ୍ୟପଟେ ଆଦିବାସୀବହୁଳ କେନ୍ଦୁଝର ଜିଲ୍ଲାରେ ଅଧିକାଂଶ ଶିଶୁ ପୁଷ୍ଟିହୀନତାରେ ଆକ୍ରାନ୍ତ ଏଭଳି ସ୍ଥିତିରେ ଡିଏମ୍ଏଫ୍ ଅର୍ଥରେ ଜିଲ୍ଲାର ପିଲାମାନେ ପୁଷ୍ଟିଯୁକ୍ତ ଖାଦ୍ୟ ପାଉଥିବାବେଳେ ଏହାକୁ ବନ୍ଦ କରାଯିବାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି । ସେହିପରି ମାଟ୍ରିକ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା କେନ୍ଦୁଝର ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଡିଏମ୍ଏଫ୍ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିଲା । ଦୁଇବର୍ଷ ହେଲା ଏହା ବନ୍ଦ ହୋଇଯାଇଛି । ଫଳରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ପୂର୍ବ ସରକାର ସମୟରେ ୨୦୨୦ରୁ କେନ୍ଦୁଝର ଜିଲ୍ଲାରେରେ ମାଟ୍ରିକ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଡିଏମ୍ଏଫ୍‌ରୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିଲା । ପରୀକ୍ଷା ଫଳ ପ୍ରକାଶ ପାଇବାର କିଛିଦିନ ମଧ୍ୟରେ ସଫଳ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରାଯାଉଥିଲା । ଏହାଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ ଉପକୃତ ହେଉଥିଲେ । ୨୦୨୫ରୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ନାହିଁ । ଏ ନେଇ ବିଧିବଦ୍ଧ ଭାବେ ବିଦ୍ୟାଳୟଗୁଡ଼ିକୁ କୌଣସି ସୂଚନା ମଧ୍ୟ ପ୍ରଦାନ କରାଯାଇ ନାହିଁ । ସେହିପରି ମାଟ୍ରିକ୍ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ଆଉ ସମ୍ବର୍ଦ୍ଧିତ କରାଯାଉ ନାହିଁ ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ପରିଲକ୍ଷିତ ହୋଇଛି । ପୂର୍ବରୁ ଉପଖଣ୍ଡ ଡାକ୍ତରଖାନାରେ ଡିଏମ୍ଏଫ୍ ପକ୍ଷରୁ ସପ୍ତାହର ନିର୍ଦ୍ଦିଷ୍ଟ ବାରରେ କଟକରୁ ସ୍ନାୟୁ ହୃଦ୍‌ରୋଗ, ଚର୍ମ ରୋଗ ବିଶେଷଜ୍ଞ ଆସୁଥିଲେ । କିଛି ମାସ ହେଲା ଅନେକ ବିଶେଷଜ୍ଞ ଆଉ ଆସୁନାହାନ୍ତି । ରୋଗୀମାନେ ଏଥିପାଇଁ କଟକ, ଭୁବନେଶ୍ୱର ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ଡିଏମ୍ଏଫ୍ ଦ୍ୱାରା ପରିଚାଳିତ ଅନେକ ଆମ୍ବୁଲାନ୍ସ ମଧ୍ୟ ସେବା ଯୋଗାଇ ପାରୁନାହିଁ । ଫଳରେ ଜରୁରୀ ଅବସ୍ଥାରେ ରୋଗୀ ଘରୋଇ ଆମ୍ବୁଲାନ୍ସରେ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ଜିଲ୍ଲାରେ କାହା ନିର୍ଦ୍ଦେଶରେ ଜନହିତକର ଯୋଜନାକୁ ବନ୍ଦ କରାଯାଉଛି ଏହାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## କୁକୁଡ଼ା ଖାଉଥିବା ୧୦ ଫୁଟିଆ ଅଜଗର ଉଦ୍ଧାର



ଦୁରୁମୁଙ୍ଗା,୨୪ା୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମୂଷାଖୋରୀ ଆହାରବନ୍ଧ ନିକଟରୁ ସୋମବାର ପ୍ରାୟ ୧୦ ଫୁଟ ଲମ୍ବର ଏକ ଅଜଗର ସାପକୁ ବନ ବିଭାଗ ଉଦ୍ଧାର କରିଛି । ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ବାଡ଼ି ପଛପଟେ ଥିବା କୁଟା ଭାଡ଼ିରେ ଅଜଗରଟି ଏକ କୁକୁଡ଼ାକୁ ଖାଉଥିବା ବେଳେ ପରିବାର ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନ ବିଭାଗର କର୍ମଚାରୀ ଏମ୍‌ଡି ୱାସିମ ,ଅଟଳ ବିହାରୀ ସେଠୀ, ମୁରଲୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ଅଜଗରଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ କାଶିଆ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଛି ।

## ଆନନ୍ଦପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି




ଆନନ୍ଦପୁର,୨୪ା୮ (ସମିସ): ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ରାସ୍ତା ଘାଟ, ଆବାସ, ଜମିଜମା ବିବାଦ, ବାର୍ଦ୍ଧକ୍ୟ ଭତ୍ତା, ପାନୀୟଜଳ ସମସ୍ୟା, ରାସନ କାର୍ଡ ସମସ୍ୟା, ବିଦ୍ୟୁତ ସମସ୍ୟା, ଆର୍ଥିକ ସହାୟତା ସମ୍ପର୍କୀତ ୨୨୨ ଅଭିଯୋଗ ଦାଖଲ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ପ୍ରକଳ୍ପ ନିର୍ଦ୍ଦେଶକ, ଏଡିଏମ, ଜିଲ୍ଲା ଚିକିତ୍ସାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଏସ ଡି ପି ଓ କମଳ କୁମାର ପଣ୍ଡା ଏବଂ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗର ମୁଖ୍ୟମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଆନନ୍ଦପୁର ବିଡିଓ ମନୋଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଜିଲ୍ଲା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୧୦ ଗୋଟି ଟ୍ରାୟ ସାଇକେଲ ପ୍ରଦାନ କରାଯାଇଥିଲା ।

## ଆନନ୍ଦପୁର ପୌର ପାଳିକାକୁ ୫୦ ଲକ୍ଷ ପୁରସ୍କାର




ଆନନ୍ଦପୁର,୨୪ା୮ (ସମିସ): ବିଭିନ୍ନ ଉତ୍ସରୁ ସ୍ୱଚ୍ଛତାର ସହିତ ରେକର୍ଡ ସଂଖ୍ୟକ ରାଜସ୍ୱ ସଂଗ୍ରହ କରି ରାଜ୍ୟ ରାଜକୋଷକୁ ସମୃଦ୍ଧ କରିଥିବା ଆନନ୍ଦପୁର ପୌପାଳିକାକୁ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ ପାଇଁ ଘୋଷଣା କରିଥିବା ଜଣାଯାଇଛି । ଏଥିପାଇଁ ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀ ରାଣୀ ଖଟୁଆ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳ ସରକାର ଓ ନଗର ଉନ୍ନୟନ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସରେ ମୁଖ୍ୟମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିବେ ବୋଲି ଜଣାପଡ଼ିଛି । ଏଥିପାଇଁ ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସ୍ୱତନ୍ତ୍ର ଚିଠି ଯୋଗେ ଆନନ୍ଦପୁର ପୌରପାରିଷଦକୁ ଏହି ଉତ୍ସବରେ ଯୋଗଦେବା ପାଇଁ ଜଣାପଡ଼ିଛି । ଏଥିପାଇଁ ଭୁବନେଶ୍ୱର ଓୟୁଏଟି ଅଡିଟୋରିୟମ ଠାରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗଦେବେ, ଏଥିପାଇଁ ଆନନ୍ଦପୁର ପୌର କର୍ତୃପକ୍ଷ ସେଠାରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି । ଆନନ୍ଦପୁର ପୌର ପରିଷଦ ପକ୍ଷରୁ ଏହି ସମ୍ମାନକୁ ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ଏବଂ ପୌରାଧ୍ୟକ୍ଷା ରଜନୀ ରାଣୀ ଖଟୁଆ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହିତ ପୌର ପାଳିକାର ସମସ୍ତ କର୍ମଚାରୀ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ରାଜସ୍ୱ ଆଦାୟ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ଓଡ଼ିଶାର ୧୫ଟି ପୌର ପରିଷଦ ମଧ୍ୟରୁ ଆନନ୍ଦପୁର ପୌର ପରିଷଦ ସ୍ଥାନ ପାଇଥିବାର ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୌର ପରିଷଦକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ।

## ଆଶୁତୋଷଙ୍କୁ ସେବାଶ୍ରୀ ସମ୍ମାନ



ଆନନ୍ଦପୁର,୨୪ା୮ (ସମିସ): ସେବାଶ୍ରୀ ଓଡ଼ିଶା ପକ୍ଷରୁ ଆଲିଶା ବଜାରଠାରେ ଆନନ୍ଦପୁର ବ୍ଲକ୍ ବାରିଗାଁ ଗ୍ରାମର ପଣ୍ଡିତ ବାସୁଦେବ ପଣ୍ଡାଙ୍କ କନିଷ୍ଠ ପୁତ୍ର ସ୍ୱେଚ୍ଛାସେବୀ ଆଶୁତୋଷ ପଣ୍ଡାଙ୍କୁ ସେବାଶ୍ରୀ ସନମାନରେ ସମ୍ମାନିତ କରାଯାଇଛି । ସେବାଶ୍ରୀର ସଭାପତି ତାରିଣୀ ପ୍ରସାଦ ମହାପାତ୍ର ଓ ସମ୍ପାଦକ ତୁଷାର କାନ୍ତ ସିଂ ମୁଖ୍ୟ ଅତିଥି ପ୍ରଫେସର ସରୂଜୁ ବିହାରୀ ପତି ଆଶୁତୋଷଙ୍କୁ ସମ୍ମାନିତ କରିଥିଲେ । ପୁରୀ ରଥଯାତ୍ରାରେ ହଜାର ହଜାର ଲୋକଙ୍କୁ ସେବା ଯୋଗାଇ ପ୍ରଶଂସା ସାଉଁଟିଥିଲେ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଶୁତେଷଙ୍କୁ ସମ୍ମାନିତ କରାଯାଇଥିବା ସଂସ୍ଥାନ ପକ୍ଷରୁ କୁହାଯାଇଛି । ସେବାଶ୍ରୀ କୋଷାଧକ୍ଷ ବିଜୟା ନନ୍ଦ ସେଠୀ ସହଯୋଗୀ ଶ୍ୟାମା ପ୍ରସାଦ ଦତ୍ତ, ଶେଖର ରାଓ, ଅଶୋକ କୁମାର ସାହୁ, ରଶ୍ମୀ ରଞ୍ଜନ ମହାପାତ୍ର, ନରେନ୍ଦ୍ର ରାଏ, ଅଶ୍ୱିନୀ ବାରିକ, ରୀତା ରାଏ, ସାବିତ୍ରୀ ନାୟକ, ମିତାଲି ଦତ୍ତ, ଡ. ଯଶୋବନ୍ତ ଜେନା ଓ ବରିଷ୍ଠ ସଂଗ୍ରାମୀ ରାମ୍ ରତନ ଶର୍ମା ଶୁଭେଚ୍ଛା ଜ୍ଞାପନ କରିବା ସହ ଆଶୁତୋଷଙ୍କ ସାଥୀ ନୟାଗଡ଼ର ସୌମ୍ୟ ରଞ୍ଜନ ଗ୍ରହାଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ଗୋଧୂଳି ନାଳରେ ବନ୍ୟା, ଝାଡ଼ଖଣ୍ଡକୁ ଯୋଗାଯୋଗ ବିଚ୍ଛିନ୍ନ

ଚମ୍ପୁଆ, ୨୪ ।୮: ଲଗାଣ ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନଏସି ଅନ୍ତର୍ଗତ ଗୋଧୂଳି ଗ୍ରାମ ନିକଟସ୍ଥ ନାଳରେ ବନ୍ୟା ପାଣି ଉଛୁଳିଛି । ନାଳ ଉପରେ ଥିବା ପୋଲ ଉପରେ ପ୍ରଖର ସ୍ରୋତରେ ପାଣି ଚାଲିବାରୁ ଚମ୍ପୁଆ ଦେଇ ଓଡ଼ିଶା-ଝାଡ଼ଖଣ୍ଡକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଯାତାୟାତ ଠପ୍ ହୋଇପଡ଼ିଛି । ଆଜି ଶ୍ରାବଣ ମାସର ଶେଷ ସୋମବାର ଥିବାରୁ ରାମତୀର୍ଥ ମନ୍ଦିରକୁ ଯାଉଥିବା ଅନେକ ଶ୍ରଦ୍ଧାଳୁ ପୋଲ ଉପରେ ବନ୍ୟା ପାଣି ଦେଖି ଅଧାବାଟରୁ ଫେରିଛନ୍ତି । ପ୍ରଖର ସ୍ରୋତ ସହ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ପାଣି ଭିତରେ ଯାତାୟାତ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଛି । ତେବେ ଜରୁରୀ କାମରେ କେତେକ ଲୋକ ବିପଦକୁ ଅଣଦେଖା କରି ନାଳ ପାର ହେଉଥିବା ଦେଖାଯାଇଛି । ଏଥିସହ ଗୋଧୂଳି ଗ୍ରାମର ଅନେକ ଚାଷୀଙ୍କ ଚାଷଜମି ନାଳର ଅପରପାଶ୍ୱର୍ରେ ରହିଥିବାରୁ ମକା ଚାଷକୁ ଚଢ଼େଇ ଓ ବାର୍‌ହାଙ୍କ ଉପଦ୍ରବରୁ ରକ୍ଷା କରିବା ପାଇଁ ଚାଷୀମାନେ ମଧ୍ୟ ବିପଦପୂର୍ଣ୍ଣ ଭାବେ ନାଳ ପାର ହେଉଛନ୍ତି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପ୍ରାୟ ୨୫ ବର୍ଷ ପୂର୍ବେ ଏହି ପୋଲ ନିର୍ମାଣ ହୋଇଥିଲା । ଦୀର୍ଘଦିନ ଧରି ପୋଲର ସ୍ଥାୟୀ ସମାଧାନ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ଏଯାଏଁ ଏଥିପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇନାହିଁ । ପ୍ରତିବର୍ଷ ବର୍ଷା ଋତୁରେ ପୋଲ ଉପରେ ପାଣି ଚାଲିବା ସହ ରାସ୍ତାର ମାଟି ଧୋଇଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହେଉଛି । ଏହି ରାସ୍ତା ବନ୍ଦ ହେବା ଯୋଗୁଁ ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଯାତାୟାତ କରୁଥିବା ଲୋକେ ଗୁରୁତର ଅସୁବିଧାରେ ପଡ଼ିଛନ୍ତି । ଯେ କୌଣସି ସମୟରେ ପ୍ରଖର ସ୍ରୋତରେ ଅଘଟଣ ଘଟିବାର ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ତୁରନ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି ହୋଇଛି । ସ୍ଥାନୀୟ ଅଞ୍ଚଳବାସୀ ନାଳ ଉପରେ ଏକ ଉଚ୍ଚ ଓ ସ୍ଥାୟୀ ପୋଲ ନିର୍ମାଣ କିମ୍ବା ବର୍ତ୍ତମାନର ପୋଲର ସ୍ଥାୟୀ ମରାମତି କରି ସବୁଦିନ ପାଇଁ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି ।



## ଟାଟା ପାୱାରର ମନମାନୀ | ବାରମ୍ବାର ବିଦ୍ୟୁତ୍‌କାଟରେ ଅତିଷ୍ଠ ଉପଭୋକ୍ତା

ଯୋଡ଼ା,୨୪ା୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ସହର ଓ ଆଖ ପାଖ ଅଞ୍ଚଳରେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି । ମେଣ୍ଟେନାନ୍ସ ନାମରେ ସପ୍ତାହରେ ଥରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହେଉଥିବା ବେଳେ, ଏହା ବ୍ୟତୀତ ପ୍ରାୟ ପ୍ରତ୍ୟେକ ଦିନ ବିନା ପୂର୍ବ ସୂଚନାରେ ବିଦ୍ୟୁତ ବିଚ୍ଛିନ୍ନ ହେଉଥିବା ଅଭିଯୋଗ ହେଉଛି । ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ଘରୋଇ ଜୀବନ ସହ ବ୍ୟବସାୟିକ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି । ବିଶେଷକରି ଫ୍ରିଜ୍, ଟିଭି, ପମ୍ପ, ଏସି, କମ୍ପ୍ୟୁଟର ଓ ଅନ୍ୟାନ୍ୟ ବିଦ୍ୟୁତଚାଳିତ ସାମଗ୍ରୀ ଉପରେ ବାରମ୍ବାର ବିଦ୍ୟୁତ ଆସିବା-ଯିବାର ପ୍ରଭାବ ପଡୁଥିବା ନେଇ ଉପଭୋକ୍ତାମାନେ ଚିନ୍ତା ପ୍ରକାଶ କରୁଛନ୍ତି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଯଦି ମେଣ୍ଟେନାନ୍ସ କିମ୍ବା ଅନ୍ୟ କୌଣସି ଜରୁରୀ କାରଣରୁ ବିଦ୍ୟୁତ କାଟିବାକୁ ପଡ଼େ, ତେବେ ପୂର୍ବରୁ ଉପଭୋକ୍ତାଙ୍କୁ ସୂଚନା ଦିଆଯିବା ଆବଶ୍ୟକ । କିନ୍ତୁ ଅନେକ ସମୟରେ ବିନା ସୂଚନାରେ ବିଦ୍ୟୁତ କାଟ ହେଉଥିବାରୁ ଲୋକେ ଅସୁବିଧାରେ ପଡୁଛନ୍ତି । ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଛୋଟ ବ୍ୟବସାୟ, ଅନଲାଇନ୍ କାର୍ଯ୍ୟ ଓ ଦୈନନ୍ଦିନ ଘରୋଇ କାମ ପ୍ରଭାବିତ ହେଉଛି । ଲଘୁଚାପ ଜନିତ ବର୍ଷା ଲାଗିରହିଥିବା ବେଳେ ବିଦ୍ୟୁତ କାଟ ଲୋକଙ୍କୁ ଅଣାୟତ୍ତ କରି ସାରିଲାଣି । ତେବେ ଯୋଡ଼ା ଅଞ୍ଚଳରେ ଉପଭୋକ୍ତାମାନେ ଅଭିଯୋଗ କରୁଥିବା ବାରମ୍ବାର ଓ ବିନା ସୂଚନାର ବିଦ୍ୟୁତ କାଟ ନେଇ ବିଦ୍ୟୁତ ବିତରଣ କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି । ଉପଭୋକ୍ତାମାନଙ୍କ ଦାବି, ବିଦ୍ୟୁତ୍‌କାଟ୍‌ର କାରଣ, ସମୟ ଓ ଅବଧି ସମ୍ପର୍କରେ ନିୟମିତ ସୂଚନା ଦିଆଯାଉ ଏବଂ ବାରମ୍ବାର ଟ୍ରିପିଂ ଓ ଭୋଲ୍ଟେଜ୍ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ ବୋଲି ଦାବି ହେଉଛି ।

## ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ କୃତିତ୍ୱ



ଆନନ୍ଦପୁର,୨୪ା୮ (ସମିସ): ଦୂରଦର୍ଶନ କେନ୍ଦ୍ର ଦ୍ୱାରା ଆୟୋଜିତ ଜଣା ଅଜଣା ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମରେ ଗୋହିରା ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଓଡ଼ିଆ ଭୂଗୋଳ ଉପରେ ଆଧାରିତ ପ୍ରଶ୍ନକୁ ସାମ୍ନା କରି ସଫଳତା ପାଇଛନ୍ତି । ସାଇ ସ୍ୱନ୍ଦନ ନାୟକ, ପ୍ରିୟାଂଶୁ ପଣ୍ଡା, ତାନ୍‌ଭି ରାଉଳ, ଦିବ୍ୟା ପାରମିତା ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀ ଜଣା ଅଜଣାର ଶିକ୍ଷକ ବିକ୍ରମ କେଶରୀ ଜେନାଙ୍କ ପ୍ରତିଟି ପ୍ରଶ୍ନର ଉତ୍ତର ଦେଇଥିଲେ । ଦୂରଦର୍ଶନରୁ ପାଇଥିବା ଟ୍ରଫି ଓ ମାନପତ୍ର ବିଦ୍ୟାଳୟର ପ୍ରାର୍ଥନା ସଭାରେ ସମସ୍ତ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଅଧ୍ୟକ୍ଷା ସୁଜାତା ଘୋଷ, ଉପାଧ୍ୟକ୍ଷା ଶିକ୍ଷା ରତ୍ନ ରଂଜିତା ପାଟଶାଣୀ ପ୍ରଦାନ କରିଥିଲେ । ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଡ. ଅଶୋକ ପୁହାଣ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଥିଲେ । ଶିକ୍ଷାବିତ ଅଭିମନ୍ୟୁ ସାହୁଙ୍କ ସହିତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଲିପିସ୍ମିତା ଚକ୍ର, ଗୀତାଞ୍ଜଳି ସାହୁ, ଜଗତାନନ୍ଦ ବେହେରା, ପ୍ରଭଞ୍ଜନ ପଣ୍ଡା, ସତ୍ୟବ୍ରତ ସାହୁ, ମୋନାଲିସା ପଣ୍ଡା, ପ୍ରଜେଶ ସାହୁ, ଅମିତ ସାହୁ, ସାରଦା ରାଣୀ ସାହୁ, ଶୁଭେନ୍ଦୁ ଦାଶ, ସୁଶାନ୍ତ କୁମାର ପାଣି, କଲ୍ୟାଣୀ ରାମ, ମିତାଲି ବିଶ୍ୱାଳ, ଶୁଭଶ୍ରୀ ସାହୁ, ରୀନା ରାଣୀ ପଲେଇ, ସ୍ମିତାମଞ୍ଜରୀ ସାହୁ, ସୁଶ୍ରୀ ରଥ, ଜୟଶ୍ରୀ ରଥ, ସଙ୍ଘମିତ୍ରା ଦ୍ୱିବେଦୀ, ଅନୀଲ ସାହୁ, ରଜତ ଜେନା, ସୁଦେଷ୍ଣା ସାହୁ, ଭାଗ୍ୟଶ୍ରୀ ଜେନା, ମାମାଲି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୀର୍ଘବର୍ଷ ପରେ ପଞ୍ଚାୟତ ଅଧୀନକୁ ଗଲା କଳିଙ୍ଗା ବଡ଼ବନ୍ଧ



ବାଲିବନ୍ଧ,୨୪ା୮ (ସମିସ): ଝୁମ୍ପୁରା ତହସିଲ, ଚଉଠିଆ ରାଜସ୍ୱ ସର୍କଲର କଳିଙ୍ଗା ଗ୍ରାମରେ ରହିଛି ଗ୍ରାମର ସର୍ବପୁରାତନ ବଡ଼ବନ୍ଧ । ଦୀର୍ଘ ବର୍ଷର ବ୍ୟବଧାନ ପରେ ପଞ୍ଚାୟତ ଅଧୀନକୁ ଅଧିକାରୀଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଛି । କଳିଙ୍ଗା ଗ୍ରାମର ବଡ଼ବନ୍ଧଟି ୧୧ଏକର ୩୨ ଡେସିମିଲ ପରିମିତ ଜମିରେ ରହିଥିବା ବେଳେ, ଗ୍ରାମର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅଧୀନରେ ରହିଥିଲା । ଯାହା ଫଳରେ ଗ୍ରାମବାସୀ ବନ୍ଧରୁ ଯେଉଁ ସୁବିଧା ସୁଯୋଗ ପାଇବା କଥା ତାହା ପାଇ ପାରୁ ନଥିଲେ । ବର୍ଷକ ତଳେ ଏହି ବନ୍ଧକୁ ପ୍ରଶାସନ ନିଲାମ କରିଥିଲେ ଏବଂ ଗ୍ରାମରେ ରହିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ନିଲାମ ନେଇଥିଲେ । କିନ୍ତୁ ପ୍ରଭାବଶାଳୀ ବ୍ୟକ୍ତିମାନେ ଛାଡ଼ି ନଥିଲେ । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଏ ସମ୍ପର୍କରେ ବ୍ଲକ ପ୍ରଶାସନ ଏବଂ ତହସିଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ । ପ୍ରଶାସନିକ ଅଧିକାରୀମାନେ ସୋମବାର କଳିଙ୍ଗା ଗ୍ରାମରେ ପହଞ୍ଚି ବନ୍ଧକୁ ଚିହ୍ନଟ କରିବା ସହ ଏହା ସର୍ବସାଧାରଣ ସ୍ଥାନରେ ରହିଛି ଏବଂ ବ୍ଲକ ପ୍ରଶାସନ ବନ୍ଧକୁ ଯେଉଁମାନଙ୍କୁ ନିଲାମ ଦିଆଯାଇଛି ସେମାନେ ଆଜି ଠାରୁ ବ୍ୟବହାର କରିବା ବୋଲି ଘୋଷଣା କରିଥିଲେ । ବନ୍ଧ ଚିହ୍ନଟ ସମୟରେ ଉପସ୍ଥିତ ରହିଥିଲେ ଝୁମ୍ପୁରା ତହସିଲଦାର ରୋହିତ ବାଗଙ୍କ ସମେତ ରାଜସ୍ୱ ଅଧିକାରୀ ନିରଞ୍ଜନ ବେହେରା, ସୁଶାନ୍ତ କୁମାର ଦ୍ୱିବେଦୀ, ଜ୍ଞାନ ରଞ୍ଜନ ପାତ୍ର, କନିକା ସେଠୀ, ବାରିଆ ଥାନା ଅନ୍ତର୍ଗତ ମୁକୁନ୍ଦ ଦେବ ନାୟକ, ଅନୁସୟା ସେଠୀ, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ବେହେରା, ଚଉଠିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଚୀପ୍ରଭା ମହାନ୍ତି, ସରପଞ୍ଚ ଅନୁପମା ମୁଣ୍ଡା, ଏଡିଓ ଛତ୍ରପତି ଶିବାଜୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବନ୍ଧକୁ ୫ ବର୍ଷ ପର୍ଯ୍ୟନ୍ତ ଦଖଲ କରିବେ ବୋଲି ସୂଚନା ପ୍ରଦାନ କରିଥିଲେ ।

### ଝୁମ୍ପୁରା ବିକାଶ ନେଇ ଜରୁରୀ ବୈଠକ

## ଆବର୍ଜନା ପରିଚାଳନା, ଟ୍ରାଫିକ୍ ସମସ୍ୟା ଓ ଆଲୋକୀକରଣକୁ ଗୁରୁତ୍ୱ

ବାଲିବନ୍ଧ,୨୪ା୮ (ସମିସ)

ଝୁମ୍ପୁରା ବଜାର ଓ ସାହିବସ୍ତିରେ ଅଳିଆ ଆବର୍ଜନା ସମସ୍ୟାକୁ ନେଇ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପାଇବା ପରେ ତତ୍ପର ହୋଇଛି ପଞ୍ଚାୟତ ପ୍ରଶାସନ । ଏହି ସମସ୍ୟାର ସମାଧାନ ସହ ଝୁମ୍ପୁରାର ସାମଗ୍ରିକ ବିକାଶ ନେଇ ପଞ୍ଚାୟତ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଆୟୋଜିତ ହୋଇଥିଲା । ସ୍ଥାନୀୟ ସରପଞ୍ଚ ରେବତୀ ବିରୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନାଏବ ସରପଞ୍ଚ ଶିବାନୀ ବେହେରାଙ୍କ ସମେତ ବୁଦ୍ଧିଜୀବୀ ଏବଂ ବିଭିନ୍ନ ଯୁବକ ସଙ୍ଘ ଗୁଡ଼ିକର ସଦସ୍ୟଙ୍କ ମଧ୍ୟରେ ଯୁଗଳ ବେହେରା, ଅକ୍ଷୟ କୁମାର ବେହେରା, ରମାରଞ୍ଜନ ଗିରି, ବିଦ୍ୟାଧର ସାହୁ, ଶଶାଙ୍କ ଶେଖର ସାହୁ(ଲୁଲୁ), ଶତ୍ରୁଘନ ସାହୁ, ସୁମନ୍ତ ପାତ୍ର, ପ୍ରଶାନ୍ତ ସାହୁ, ପ୍ରଦୀପ କୁମାର ସେଠୀ, ତିରୁପତି ବେହେରା, ସମେନ୍ଦ୍ର ବେହେରା, ରଞ୍ଜନ ବେହେରା,ବିବୁଲ ପ୍ରସାଦ ସାହୁ ଓ ଏସ୍‌କେ ସଫିକ, ମହମ୍ମଦ ପରଭେଜ ଆଲ୍ଲାମ, ତାସିର ଅହମ୍ମଦ, ସ୍ୱପ୍ନେଶ୍ୱର ସାହୁ ପ୍ରମୁଖ ମଧ୍ୟ ଉପସ୍ଥିତ ରହିଥିଲେ । ବୈଠକରେ ଅଳିଆ ଆବର୍ଜନାର ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା । ହୋଟେଲ ଓ ଜଳଖିଆ ଦୋକାନଗୁଡ଼ିକରେ ଥୌପତି ବଦଳରେ ପ୍ଲେଟ ବ୍ୟବହାର, ଚା’ ଦୋକାନରେ ମାଟି କପ ବ୍ୟବହାର, ପ୍ରତ୍ୟେକ ଦୋକାନ ସମ୍ମୁଖରେ ଡଷ୍ଟବିନ ରଖିବା ଏବଂ ଏଣେତେଣେ ଅଳିଆ ନ ଫିଙ୍ଗିବା ପାଇଁ ବ୍ୟବସାୟୀଙ୍କୁ ସଚେତନ କରିବା ନେଇ ନିଷ୍ପତ୍ତି ହୋଇଥିଲା । ନିୟମ ଅମାନ୍ୟ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ଝୁମ୍ପୁରା ବଜାରର ଟ୍ରାଫିକ ସମସ୍ୟା ନେଇ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଝୁମ୍ପୁରା ବଜାର ଦେଇ ଯାଇଥିବା ପୁରୁଣା ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଥିବା ପରିବା ଦୋକାନ, ଗୁପଚୁପ, ଚାଟ, ରାକ୍ଷୀ, ଫଳ, ଠେଲା ଓ ଚପଲ ଦୋକାନ ଆଦିକୁ ହଟାଇ ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ପ୍ରସ୍ତାବ ରହିଥିଲା । ଏଥିସହ କୃଷି କାର୍ଯ୍ୟାଳୟଠାରୁ ଥାନା ଛକ ପର୍ଯ୍ୟନ୍ତ ଏବଂ ବିଭିନ୍ନ ସାହିରେ ଆଲୋକୀକରଣ ବ୍ୟବସ୍ଥା, ଝୁମ୍ପୁରା ବଜାର, ବ୍ଲକ୍ ଛକ ଓ ଥାନା ଛକରେ ସିସି କ୍ୟାମେରା ସ୍ଥାପନ ନେଇ ପ୍ରସ୍ତାବ ଦିଆଯାଇଥିଲା । ରାସ୍ତାଘାଟର ଉନ୍ନତିକରଣକୁ ମଧ୍ୟ ବୈଠକରେ ପ୍ରାଥମିକତା ଦିଆଯାଇଛି । ବସଷ୍ଟାଣ୍ଡ-ଶିଶୁମନ୍ଦିର ରାସ୍ତା, ବସଷ୍ଟାଣ୍ଡ-ତ୍ରିନାଥ ମନ୍ଦିର ରାସ୍ତା ଏବଂ ଶିବ ଫଳ ଦୋକାନଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ପ୍ରସ୍ତାବ ରହିଛି । ଏହାସହ ଝୁମ୍ପୁରା ବଡ଼ବନ୍ଧର ମୁଖ୍ୟ କେନାଲ “ମାହାରିଆ’ ଏବଂ ଉଭୟ ପାଶ୍ୱର୍ ହୁଡ଼ାର ପୁନରୁଦ୍ଧାର, ଡାହାଣ ପାଶ୍ୱର୍ ହୁଡ଼ାକୁ ରିଂ ରୋଡ୍ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି । ବୈଠକରେ ଗ୍ରାମବାସୀଙ୍କ ପକ୍ଷରୁ ଆସିଥିବା ସମସ୍ତ ପ୍ରସ୍ତାବକୁ ନେଇ ପ୍ରଶାସନିକସ୍ତରରେ ଆଗାମୀ ଦିନରେ ଆଲୋଚନା କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସରପଞ୍ଚ ରେବତୀ ବିରୁଆ ସୂଚନା ଦେଇଛନ୍ତି । ସେହି ବୈଠକରେ ଝୁମ୍ପୁରା ପୁଲିସ ମଧ୍ୟ ଉପସ୍ଥିତ ରହିଥିଲେ ।



## ● ଠାକୁରମୁଣ୍ଡା ଅବକାରୀ ବିଭାଗର ଚଢ଼ଉ

# ୧୯ ଲିଟର ମହୁଲି ମଦ ଜବତ, ୨ ଗିରଫ

ଠାକୁରମୁଣ୍ଡା/ମହୁଲଡିହା,୨୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅବକାରୀ ଥାନା ପକ୍ଷରୁ ବେଆଇନ ମହୁଲି ମଦ ବିରୋଧରେ ଚଢ଼ଉ କରାଯାଇ ୧୯ ଲିଟର ମହୁଲି ମଦ ଜବତ କରାଯାଇଛି । ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରି ଅବକାରୀ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି । ଠାକୁରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଖମଡିହା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଗ୍ରାମର ଉର୍ବଶୀ ସାହୁ (୪୦)ଙ୍କ ନିକଟରୁ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ୧୧ ଲିଟର ମହୁଲି ମଦ ଜବତ କରାଯାଇଥିଲା । ଏହାପରେ ଅବକାରୀ ବିଭାଗ ତାଙ୍କୁ ଗିରଫ କରିଥିଲା । ସେହିପରି ଦିଗଧର ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟାପୋଷି ଗ୍ରାମରେ ମଧ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା । ଏଠାରେ ଆନାମଣି ମୁର୍ମୁ (୩୭)ଙ୍କ ନିକଟରୁ ବିକ୍ରି ପାଇଁ ରଖାଯାଇଥିବା ୮ ଲିଟର ମହୁଲି ମଦ ଜବତ ହୋଇଥିଲା । ଘଟଣାସ୍ଥଳରୁ ଆନାମଣି ମୁର୍ମୁଙ୍କୁ ମଧ ଗିରଫ କରାଯାଇଥିଲା । ଏହି ଦୁଇଟି ଘଟଣାକୁ ନେଇ ଅବକାରୀ ଥାନା ପୁଲିସ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇଛି । ପରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉ ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀଙ୍କ ନେତୃତ୍ୱରେ କରାଯାଇଥିଲା । ଚଢ଼ଉରେ ଏଏସଆଇ ଲକ୍ଷ୍ମଣ ନାୟକଙ୍କ ସମେତ ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ । ବେଆଇନ ମଦ କାରବାର ବିରୋଧରେ ଆଗାମୀ ଦିନରେ ମଧ ଚଢ଼ଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।



# ଟାଟା ଷ୍ଟିଲ୍ ପକ୍ଷରୁ ମହାକାଶ ବିଜ୍ଞାନ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା



ବାରିପଦା, ୨୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥ ପିଏମଶ୍ରୀ ଏମକେସି ବିଦ୍ୟାଳୟରେ ଟାଟାଷ୍ଟିଲ କମ୍ପାନୀ ପକ୍ଷରୁ ମହାକାଶ ବିଜ୍ଞାନ ସମ୍ବନ୍ଧୀୟ କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ପ୍ରଯୁକ୍ତି ବିଦ୍ୟା ଅଧୀନରେ ଥିବା ପଠାଣି ସାମନ୍ତ ପ୍ଲାନେଟୋରିୟମ ସହଯୋଗରେ ଟାଟା ଷ୍ଟିଲ ଆଷ୍ଟ୍ରୋନମର ୟାଟସର ୨୦ତମ ସଂସ୍କରଣ ଦ୍ୱାରା ଆୟୋଜିତ ମହାକାଶ ବିଜ୍ଞାନ, ଜ୍ୟୋର୍ତି ବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ ଶାସ୍ତ୍ର ଓ ଗ୍ରହନକ୍ଷତ୍ର ସମ୍ବନ୍ଧୀୟ ୭୦ ଜଣ କୁଇଜ ଓ ୬୪ ଜଣ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ହୋଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତା ଦ୍ୱାରା ଛାତ୍ରଛାତ୍ରୀ ମହାକାଶ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଅର୍ଜନ କରିବା, ଗଗନଯାନ ମହାକାଶ ଯାତ୍ରା ସହ ଚିତ୍ର ସମ୍ବନ୍ଧୀୟ ଜ୍ଞାନ ଆରୋହଣ ପାଇଁ ବିଭିନ୍ନ ସ୍ଥାନକୁ ଟାଟା ଷ୍ଟିଲ ପକ୍ଷରୁ ଗସ୍ତ କରିପାରିବେ । ଅନଲାଇନରେ ମଧ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ଏହି କାର୍ଯ୍ୟକ୍ରମରେ ପିଏମଶ୍ରୀ ଏମକେସି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ, ଶିକ୍ଷକ ସାନ୍ତନୁ ଦାସ, ୟାଟସ ଜିଲ୍ଲା ସଂଯୋଜକ ଆଶିଷ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିବା । ।ବେବେଲେ କ୍ରେଜ୍ ସୁପରଭାଇଜର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଧାନ ବିକ୍ରି ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ ଚାଷୀଙ୍କ ଦାବି

ରାସଗୋବିନ୍ଦପୁର,୨୪।୮ (ସମିସ): ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣର ଅବଧି ବୃଦ୍ଧି କରିବାକୁ ରାସଗୋବିନ୍ଦପୁର ବ୍ଲକର ଚାଷୀ ଦାବି କରିଛନ୍ତି । ଚଳିତ ଖରିଫ ଋତୁରେ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣର ଶେଷ ତାରିଖ ଅଗଷ୍ଟ ୩୧ ରହିଥିବାବେଳେ ଇଣ୍ଟରନେଟ୍ ଓ ବୈଷୟିକ ସମସ୍ୟା ଯୋଗୁଁ ବହୁ ଚାଷୀ ଏ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିନାହାନ୍ତି । ୪୭ ଓ ୪୮ ନଂ ଜୋନ୍‌ରେ ଚାଷୀଙ୍କ ପଞ୍ଜୀକରଣ ପାଇଁ ତିନୋଟି ପଞ୍ଜୀକରଣ କେନ୍ଦ୍ରକୁ ଦାୟିତ୍ୱ ଦିଆଯାଇଛି । ଛାତନା ପଞ୍ଚାୟତର ଖୁଣ୍ଟାପାଳ ସମବାୟ ସମିତି, ରାସଗୋବିନ୍ଦପୁର ପଞ୍ଚାୟତର ରାସଗୋବିନ୍ଦପୁର ସମବାୟ ସମିତି ଓ ଅମର୍ଦା ପଞ୍ଚାୟତର ସମବାୟ ସମିତିରେ ପଞ୍ଜୀକରଣ ହେଉଛି । ତେବେ ସୀମିତ ପଞ୍ଜୀକରଣ କେନ୍ଦ୍ର ଯୋଗୁଁ ଚାଷୀଙ୍କ ଭିଡ଼ ବଢ଼ିବା ସହ ପଞ୍ଜୀକରଣ ପ୍ରକ୍ରିୟା ଧିମା ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି । ପଞ୍ଜୀକରଣ ପାଇଁ ଚାଷୀ ସକାଳୁ ଆସି ଦିନତମାମ ଧାଡ଼ିରେ ଛିଡ଼ା ହେଉଥିଲେ ମଧ ଅନେକଙ୍କ ପଞ୍ଜୀକରଣ ହୋଇପାରୁନାହିଁ । ଫଳରେ ନିରାଶ ହୋଇ ସେମାନେ ରାତିରେ ଘରକୁ ଫେରୁଥିବା ଜଣାପଡ଼ିଛି । ଇଣ୍ଟରନେଟ୍ ସଂଯୋଗରେ ବାଧା ଓ ଅନ୍ୟାନ୍ୟ ବୈଷୟିକ ସମସ୍ୟା ପଞ୍ଜୀକରଣ ପ୍ରକ୍ରିୟାରେ ବାଧକ ସାଜିଛି । ଚାଷୀମାନଙ୍କ କହିବା ଅନୁଯାୟୀ, ଏବେ ସୁଦ୍ଧା ପ୍ରାୟ ୫୦ ପ୍ରତିଶତ ଚାଷୀଙ୍କ ପଞ୍ଜୀକରଣ ସମ୍ପୂର୍ଣ୍ଣ ହୋଇନାହିଁ । ଅଗଷ୍ଟ ୩୧ ଶେଷ ତାରିଖ ହୋଇଥିବାରୁ ହାତରେ ଆଉ ଅଳ୍ପଦିନ ଥିବାବେଳେ ସମସ୍ତ ଚାଷୀଙ୍କ ପଞ୍ଜୀକରଣ ସମ୍ଭବ ନେଇ ଆଶଙ୍କା ପ୍ରକାଶ ପାଇଛି । ତେଣୁ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପଞ୍ଜୀକରଣର ଶେଷ ଅବଧି ବୃଦ୍ଧି କରିବା ସହ ଅଧିକ ପଞ୍ଜୀକରଣ କେନ୍ଦ୍ର ଖୋଲିବାକୁ ଚାଷୀ ଦାବି କରିଛନ୍ତି । ଏ ନେଇ ଗଣମାଧ୍ୟମ ଜରିଆରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରି କରିଛନ୍ତି । ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ପଞ୍ଜୀକରଣ ଅବଧି ବୃଦ୍ଧି କରିବେ ବୋଲି ଚାଷୀ ଆଶା ପ୍ରକାଶ କରିଛନ୍ତି ।



## କପ୍ତିପଦା ଉପଖଣ୍ଡରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୨୫ଟି ଅଭିଯୋଗର ତତ୍କାଳ ସମାଧାନ

ଉଦଳା,୨୪।୮ (ସମିସ):

କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ହେମକାନ୍ତ ସୟ ଓ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୨୭ଟି ଅଭିଯୋଗର ଶୁଣାଣି କରି ୨୫ଟିର ତତ୍କାଳ ସମାଧାନ ହୋଇଛି । ଉପଖଣ୍ଡର ଉପଜିଲ୍ଲାପାଳ ପ୍ରଣବ ରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଗୋକୁଳାନନ୍ଦ ସାହୁ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମୀନକେତନ ମହାନ୍ତି ଯୋଗଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଛନ୍ତି ।



ଆଜି ଶିବିରରେ ୧୨୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏଥିରେ ୧୦୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଅଭିଯୋଗ ଥିବାବେଳେ ୨୧ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା । ସେଥିମଧ୍ୟରୁ ୨୫ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୪ ଜଣଙ୍କୁ ଏକ ଲକ୍ଷ ସତାବନ ହଜାର, ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ମୋଟ ଏକଲକ୍ଷ ୬୭ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ମଧ୍ୟରେ ଉଦଳା ବ୍ଲକ ରାଢ଼ୋ ପଞ୍ଚାୟତର ସରପଞ୍ଚ ଦାୟିତ୍ୱରେ ଥିବା ନାଏବ ସରପଞ୍ଚଙ୍କ ବିରୁଦ୍ଧରେ ପଞ୍ଚାୟତକୁ ଆସୁଥିବା ଅର୍ଥର ଦୁର୍ବ୍ୟବହାର, ଉଦଳା ଏନଏସିରେ ଭଙ୍ଗାଯାଇଥିବା ୬୦ରୁ ଉର୍ଦ୍ଧ୍ୱ ଦୋକାନୀଙ୍କୁ ପୁନଃ ଥଇଥାନ, କପ୍ତିପଦା ବ୍ଲକର ପଶି ସାହିରୁ ଗୟଳମରା ପର୍ଯ୍ୟନ୍ତ ପକ୍କା ସଡ଼କ ତୁରନ୍ତ ନିର୍ମାଣ ଦାବି, ଉଦଳା ଥାନା ଛକରୁ ବିଶୋଳ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମରାମତି, ତୁଳିଆପୋଷି ସରକାରୀ ଉପ୍ରା ବିଦ୍ୟାଳୟକୁ ପ୍ରଧାନଶିକ୍ଷକ ପ୍ରଦାନ ଓ ବିଦ୍ୟାଳୟ ମଝିରେ ଥିବା ବିଦ୍ୟୁତ ଖୁଣ୍ଟର ଅପସାରଣ, ଉଦଳା ଉପଖଣ୍ଡ ଚିକିତ୍ସାଳରେ ଏକ ମିଶନ ଶକ୍ତି କାଫେ ସ୍ଥାପନ, କପ୍ତିପଦା ବ୍ଲକର ସୋଲଗଡ଼ିଆ ରାଜସ୍ୱ ଗ୍ରାମରେ ସରକାରୀ ଜଙ୍ଗଲ ଜମି ଉପରେ ଥିବା ଆମ୍ବ ବଗିଚାରେ ଜବରଦଖଲକାରୀଙ୍କୁ ଉଚ୍ଛେଦ ଆଦି ଅଭିଯୋଗ ଉପରେ ବିଚାର କରି ତା'ର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ସତ୍ୟପ୍ରକାଶ ପାତ୍ର, ସାଇସ୍ୱରୂପ କର, ରେଣ୍ଟା ମୁର୍ମୁ, ଶ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

# ଜାତୀୟ ବାନ୍ଦନା ପରବ ପାଇଁ ପ୍ରସ୍ତୁତି ବୈଠକ



ବଡ଼ସାହି,୨୪।୮ (ସମିସ): ଆଗାମୀ ଜାତୀୟ ବାନ୍ଦନା ପରବ-୨୦୨୬କୁ ସଫଳ ଓ ସୁସଂଗଠିତ ଭାବେ ଆୟୋଜନ କରିବା ପାଇଁ ଦୁର୍ଗାପୁର ପଞ୍ଚାୟତର ଆଗୁଆଡ଼ସ୍ଥ ଅ-ଆ ଯୁବକ ସଙ୍ଘ ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚିତ୍ରଡାର ବିଶିଷ୍ଟ ସମାଜସେବୀ ମନୋଜ ମହାନ୍ତ ଅଧ୍ୟକ୍ଷତା କରିଥିଲେ । ବୈଠକରେ ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି, ବେତନଟୀ, ଚିତ୍ରଡା, ରାସଗୋବିନ୍ଦପୁର, ଶୁଳିଆପଦା, ମୋରଡା ଓ ବାରିପଦା ସମେତ ବିଭିନ୍ନ ବ୍ଲକରୁ କୁଡ଼ୁମି ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ ଓ ଯୁବ ପ୍ରତିନିଧି ଯୋଗ ଦେଇଥିଲେ । ଜାତୀୟ ବାନ୍ଦନା ପରବର ସଫଳ ଆୟୋଜନ, ପରିଚାଳନା ବ୍ୟବସ୍ଥା, ଜନସମ୍ପର୍କ, ସ୍ୱେଚ୍ଛାସେବୀ ଦଳ ଗଠନ ଓ ବିଭିନ୍ନ ସାଙ୍ଗଠନିକ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିସହିତ ଜାତୀୟ ବାନ୍ଦନା ପରବର ପରିଚାଳନା ପାଇଁ ଏକ ସଶକ୍ତ ଜାତୀୟ ସ୍ତରୀୟ କମିଟି ଗଠନର ଆବଶ୍ୟକତା ଉପରେ ମଧ ସମସ୍ତ ସଦସ୍ୟ ମତ ପ୍ରକାଶ କରିଥିଲେ । ବୈଠକର ସର୍ବସମ୍ମତ ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ୩୦ ତାରିଖରେ ବାରିପଦା ଷ୍ଟାଡିୟମ ପଡ଼ିଆରେ ଥିବା କନଫରେନ୍ସ ହଲ୍‌ରେ ଏକ ବିଶେଷ ବୈଠକ ଆୟୋଜନ କରାଯିବ । ସେହି ବୈଠକରେ ଜାତୀୟ ବାନ୍ଦନା ପରବ ପାଇଁ ଜାତୀୟ ସ୍ତରୀୟ କମିଟିର ଚୟନ ଓ ଘୋଷଣା କରାଯିବ ବୋଲି ସ୍ଥିର ହୋଇଛି । ଆୟୋଜକ ସମସ୍ତ କୁଡ଼ୁମି ଭାଇଭଉଣୀ ଓ ଉପସ୍ଥିତ ଥିବ କୁସୁମୀ ସମାଜର ସମସ୍ତ ସଦସ୍ୟଙ୍କୁ ଆସନ୍ତା ୩୦ ତାରିଖ ବୈଠକରେ ଯୋଗଦେଇ ସମାଜର ଏହି ବୃହତ୍ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଛି ।

## ୩୦ରେ ଜାତୀୟସ୍ତରୀୟ କମିଟି ଚୟନ

# ମହିଳାଙ୍କଠାରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ବେତନଟୀ,୨୪।୮ (ସମିସ): ବେତନଟୀ ଥାନା ଅନ୍ତର୍ଗତ ବେତନଟୀ ଗାର୍ଲ୍ସ ହାଇସ୍କୁଲ ରାସ୍ତାରେ ପ୍ରାତଃ ଭ୍ରମଣ ସମୟରେ ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସୁନା ଚେନ୍ ଝାମ୍ପି ନେଇଥିବା ଘଟଣା ସାମ୍ନାକୁ ଆସିଛି । ଏହି ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ବେତନଟୀ ଗ୍ରାମର ସୁମିତା ମହାପାତ୍ର ଶନିବାର ସକାଳ ୫:୩୦ରୁ ୫:୪୦ ମଧ୍ୟରେ ସ୍ଥାନୀୟ ଗାର୍ଲ୍ସ ହାଇସ୍କୁଲ ରାସ୍ତାରେ ପ୍ରାତଃ ଭ୍ରମଣ କରୁଥିଲେ । ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ହଠାତ୍ ତାଙ୍କ ନିକଟକୁ ଆସି ବେକରୁ ଏକ ସୁନା ଚେନ୍ ଝାମ୍ପି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଲୁଟ୍ ହୋଇଥିବା ଏହି ସୁନା ଅଳଙ୍କାରର ଆନୁମାନିକ ମୂଲ୍ୟ ୪୦,୦୦୦ ଟଙ୍କା ହେବ ବୋଲି ଜଣାପଡ଼ିଛି । ଘଟଣା ସମ୍ପର୍କରେ ପୀଡ଼ିତା ସୁମିତା ମହାପାତ୍ର ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରିଛି । ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ଗୋଲକ ବିହାରୀ ମିଶ୍ର ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିଛନ୍ତି । ପୁଲିସ ଘଟଣାର ଛାନ୍‌ଭିନ୍ କରି ସେ ଅଞ୍ଚଳର ପାଖାପାଖି ୬ ଜଣଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରିବା ସହ ଫେରାର ଅଭିଯୁକ୍ତଙ୍କୁ ଚିହ୍ନଟ କରି ଧରିବା ପାଇଁ ଉଦ୍ୟମ ଜାରି ରଖିଛି ।

## ● କୁଳପତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏବିଭିପିର ସ୍ମାରକପତ୍ର

# ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଦାବି

ବାରିପଦା, ୨୪।୮ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ଓ କ୍ୟାମ୍ପସର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବି ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କୁଳପତିଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟ ଶାଖାର ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି ଯେ, କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ନ ହେବା କାରଣରୁ ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟା ଉଚିତ ମଞ୍ଚରେ ଉପସ୍ଥାପନ ହୋଇପାରୁନାହିଁ । ଏଥିସହ କ୍ୟାମ୍ପସରେ ଶିକ୍ଷାଦାନ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସୁବିଧା ନେଇ ବହୁ ଅସୁବିଧା ଲାଗିରହିଛି । ଏଚଆରଡିସି ବିଲ୍ଡିଂରେ ଚାଲୁଥିବା ବିଭାଗକୁ ତୁରନ୍ତ ମୁଖ୍ୟ କ୍ୟାମ୍ପସକୁ ସ୍ଥାନାନ୍ତର କରାଯିବା, ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ଓ ଅଧ୍ୟାପିକା ପଦବୀ ତୁରନ୍ତ ପୂରଣ କରାଯିବା, ଲାଇବ୍ରେରୀରେ ଆବଶ୍ୟକ ପୁସ୍ତକ ଯୋଗାଣ ସହ ଡିସପେନସାରୀରେ ଡାକ୍ତର ଓ ଔଷଧ ଉପଲବ୍ଧ କରାଯିବା ସହ ଛାତ୍ରୀ ନିବାସର ସମସ୍ୟା ଦୂର କରିବା ସହିତ ବିଶୁଦ୍ଧ ପାନୀୟ ଜଳ ଓ କ୍ୟାମ୍ପସ ପ୍ଲେସମେଣ୍ଟ ବ୍ୟବସ୍ଥା ସୁନିଶ୍ଚିତ କରାଯିବା ନେଇ ଏଥିରେ ଦାବି ରଖାଯାଇଛି । ଏହି ଆଲୋଚନା ପରେ କୁଳପତି ୧୫ରୁ ୨୦ ଦିନ ମଧ୍ୟରେ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବା ସହ ଅନ୍ୟାନ୍ୟ ଦାବି ଉପରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଏବଭିପି ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବିଦ୍ୟାର୍ଥୀ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।



# ମାଦଳ ମହୁରୀ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ

ବାରିପଦା,୨୪।୮ (ସମିସ): ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର ଆନୁକୂଲ୍ୟରେ ଚଳିତ ବର୍ଷ ୩ ଦିନିଆ ମାଦଳ ମହୁରୀ ଉତ୍ସବ ଅନୁଷ୍ଠିତ ହୋଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଆୟୋଜକ କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ୫ଟି ନାଟକ ମଞ୍ଚସ୍ଥ ହୋଇଥିଲା ଓ ସମସ୍ତ ନାଟକର ନିର୍ଦ୍ଦେଶକ, କଳାକାର, ସଂଗୀତ ନିର୍ଦ୍ଦେଶକ ଓ ଅନ୍ୟ ସମସ୍ତଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ଗତ ସନ୍ଧ୍ୟାରେ ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସମସ୍ତ ନାଟକର କଳାକାର, ନିର୍ଦ୍ଦେଶକ ଓ ସହଯୋଗୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପରିଷଦର ପ୍ରତିଷ୍ଠାତା ଶ୍ରୀ ସିଟ ସ୍ୱାଗତ ଭାଷଣରେ ଉତ୍ସବକୁ ସଫଳ କରିଥିବା ସମସ୍ତ ନାଟ୍ୟସଂସ୍ଥାର ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ବର୍ଷରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଚଳିତ ବର୍ଷର ଉତ୍ସବ ଉପରେ ଉପସ୍ଥିତ ନିର୍ଦ୍ଦେଶକ ଓ କଳାକାର ନିଜ ନିଜର ମତପୋଷଣ କରିଥିଲେ । ଏ ଅବସରରେ ଉତ୍ସବରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନେତା ସୋମନାଥ ସିଂହ, ରାଜେଶ ଦାଶ ଓ ଜ୍ଞାନରଞ୍ଜନ ପଣ୍ଡା, ଉଦୀୟମାନ କଣ୍ଠଶିଳ୍ପୀ ସରନ୍ୟା ସାହୁ, ମୋନାଲିସା ସେଠୀ ଓ ଆଦ୍ୟାଶା ଗଜେନ୍ଦ୍ର ମହାପାତ୍ରଙ୍କୁ ଅତିଥି ୱାର୍ଡ ନଂ ୧୭ର କାଉନସିଲର କରୁଣାକର ହେମ୍ବ୍ରମ ଓ ବାରିପଦା କଳାକାର ପରିବାରର ସଭାପତି ତଥା ବରିଷ୍ଠ ଅଭିନେତା ସନ୍ତୋଷ କୁମାର ମହାନ୍ତିଙ୍କ ହାତରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ମୁରଲୀଧର ବେହେରା, ଅଶୋକ ପଟ୍ଟନାୟକ, ବରେନ୍ଦ୍ର ମହାନ୍ତି, ରବି ନାରାୟଣ ମହାପାତ୍ର ଓ ଅନିରୁଦ୍ଧ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୌଖିନ କଳାକାରର ସମ୍ପାଦକ ଅନୀଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ଜୟନ୍ତୀ



ବାରିପଦା,୨୪।୮ (ସମିସ): ବିଶିଷ୍ଟ ସର୍ବୋଦୟ ନେତା ସ୍ୱର୍ଗତ ପ୍ରଶାନ୍ତ ମହାନ୍ତିଙ୍କ ୮୬ତମ ଜୟନ୍ତୀ ଉତ୍ସବ ଓଡ଼ିଆ ଜାଗରଣ ମଞ୍ଚ, ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଏଣ୍ଡ ମ୍ୟାନେଜମେଣ୍ଟ ଓ ବିନୋବା ସ୍ମାରକ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ମହାରାଜପୁରସ୍ଥ ଏମସିଏଏମ କଲେଜ ପରିସରରେ ଅନୁଷ୍ଠିତ ହୋଇଛି । ସାମ୍ବାଦିକ ଦୀପକ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ଜାଗରଣ ମଞ୍ଚ ପ୍ରତିଷ୍ଠାତା ସମ୍ପାଦକ ଓ ପ୍ରଶାନ୍ତ ମହାନ୍ତିଙ୍କ ସହକର୍ମୀ ଶରତ ନାୟକ, ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଏଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସନ୍ଥ ବଇଦୁ ବାବା, କୀର୍ତ୍ତି କୌଶିକ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରି ସନ୍ଥ ବିନୋବାଙ୍କ ଭୁଦାନ ଆନ୍ଦୋଳନରେ ପ୍ରଶାନ୍ତ ମହାନ୍ତିଙ୍କ ତ୍ୟାଗପୁତ କର୍ମଧାରା ବିଷୟରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ କଲେଜର ଛାତ୍ରଛାତ୍ରୀ ମାନେ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ ।

# କ୍ରୀଡ଼ା ଶିକ୍ଷକ ପ୍ରିୟବ୍ରତଙ୍କୁ ଶ୍ରଦ୍ଧାଞ୍ଜଳି

ରାସଗୋବିନ୍ଦପୁର,୨୪।୮ (ସମିସ): ଯୁବ କ୍ରୀଡ଼ା ଶିକ୍ଷକ ତଥା ରାସଗୋବିନ୍ଦପୁରସ୍ଥ ବିନୋଦ ବିହାରୀ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପୁରାତନ ଛାତ୍ର ପ୍ରିୟବ୍ରତ ବେହେରା (୨୫)ଙ୍କ ଅକାଳ ବିୟୋଗରେ ବିଦ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ଦିବଂଗତ ଆତ୍ମାର ସଦଗତି କାମନା କରିଥିଲେ । ପ୍ରିୟବ୍ରତ କିଛିଦିନ ପୂର୍ବେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ମଇତାପୁରସ୍ଥ ରୟାଲ ହାଇସ୍କୁଲରେ କ୍ରୀଡ଼ା ଶିକ୍ଷକ ଭାବେ ଯୋଗଦେଇଥିଲେ । ସ୍ୱାଧୀନତା ଦିବସ ପାଇଁ ବିଦ୍ୟାଳୟରେ ପତାକା ଉତ୍ତୋଳନ ନିମନ୍ତେ ପ୍ରସ୍ତୁତି ଚାଲିଥିବାବେଳେ ଏକ ଅଭାବନୀୟ ଘଟଣା ଘଟିଥିଲା । ତିନିଜଣ ଛାତ୍ର ଲୁହା ପାଇପକୁ ପତାକା ଖୁଣ୍ଟ ଭାବେ ପ୍ରସ୍ତୁତ କରୁଥିଲେ । ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସହ ଲୁହା ପାଇପ ସଂସ୍ପର୍ଶରେ ଆସିବା ଆଶଙ୍କା ଦେଖି ପ୍ରିୟବ୍ରତ ତୁରନ୍ତ ଛାତ୍ରଙ୍କୁ ଠେଲିଦେଇ ସେମାନଙ୍କ ଜୀବନ ବଞ୍ଚାଇଥିଲେ । ପରେ ନିଜେ ପାଇପକୁ ଟାଣି ଦୂରେଇବାକୁ ଚେଷ୍ଟା କରିବା ସମୟରେ ତାହା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ପ୍ରିୟବ୍ରତଙ୍କ ମୃତ୍ୟୁ ଘଟିଥିଲା । ନିଜ ଜୀବନକୁ ବିପଦରେ ପକାଇ ଛାତ୍ରଙ୍କ ଜୀବନ ବଞ୍ଚାଇଥିବା ପ୍ରିୟବ୍ରତଙ୍କ ଏହି ସାହସିକ ଓ ମାନବିକ ପଦକ୍ଷେପକୁ ସଭାରେ ସମସ୍ତେ ସ୍ମରଣ କରିଥିଲେ । ପ୍ରିୟବ୍ରତ ବସ୍ତା ଥାନା ଅଧୀନ କୁଶଡିହା ଗ୍ରାମର ବାସିନ୍ଦା ଓ ଜ୍ଞାନେନ୍ଦ୍ର ବେହେରାଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ । ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।



# ତକତପୁର ଦେଶ୍ କରମ ପରବ କମିଟିର ପ୍ରସ୍ତୁତି ବୈଠକ




ବାରିପଦା, ୨୪।୮ (ସମିସ): ପ୍ରେମକାଲ୍ ଯୋଗ ମନ୍ଦିର ପରିସରରେ ତକତପୁର ଆମ ବୀର ସହିଦ ରଘୁନାଥ ମାହାତୋ କରମ ପରିବାର ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ସେପ୍ଟେମ୍ବର ୨୦ ତାରିଖରେ ଜାୱା ଉଠା କାର୍ଯକ୍ରମ ହେବ ଓ ବୁଢାବଳଙ୍ଗ ନଦୀ ତୁଠରେ ବାଲି ଉଠାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଇଛି । ୨୧ ତାରିଖ ସନ୍ଧ୍ୟାରେ ଜାୱା ବେଢା କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ, ୨୨ ତାରିଖରେ ଜାୱା ରାଲି ସକାଳ ୧୦:୦୦ ଘଟିକା ସମୟରେ କୃଷ୍ଣଚନ୍ଦ୍ର ଗୋଲେଇଠାରୁ ଆରମ୍ଭ ହେବ ବୋଲି ସ୍ଥିର ହୋଇଛି । ଏହି ବୈଠକାରେ ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ସମ୍ପାଦକ ନରୋତ୍ତମ ମହାନ୍ତ ଓ ପ୍ରଭାକର ମହାନ୍ତ, ଦୈତାରୀ ମହାନ୍ତ, ଗମନଲାଲ ମହାନ୍ତ, ସୁକୁଲ ମୁର୍ମୁ, ପଦ୍ମଲୋଚନ ମହାନ୍ତ, ଜହରଲାଲ ମହାନ୍ତ, ଗୁରୁଚରଣ ମହାନ୍ତ, ପ୍ରଶାନ୍ତ ମହାନ୍ତ, ସଂକେତ ମହାନ୍ତ, ସୌମ୍ୟରଞ୍ଜନ ମହାନ୍ତ, ଅଚିନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କୋଷାଧ୍ୟକ୍ଷ ବିଶ୍ୱନାଥ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ତିରିଂରୁ ପଦଯାତ୍ରା ଭୁବନେଶ୍ୱରରେ ଶେଷ, ରାଜ୍ୟପାଳଙ୍କ ଅତିରିକ୍ତ ସଚିବଙ୍କୁ ଦାବିପତ୍ର

# ହୋ' ଭାଷାକୁ ଓଡ଼ିଶାର ଦ୍ୱିତୀୟ ସରକାରୀ ଭାଷା ମାନ୍ୟତା ଦାବି

ବାରିପଦା, ୨୪।୮ (ସମିସ):

ବୀର ବିର୍ସା ମୁଣ୍ଡା କମିଟି ପକ୍ଷରୁ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ହୋ' ଭାଷାକୁ ଓଡ଼ିଶାର ଦ୍ୱିତୀୟ ସରକାରୀ ଭାଷା ଭାବେ ମାନ୍ୟତା ଦେବା ସହିତ ଏହାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରାଯାଇଛି । ହୋ ଭାଷା ଏକ ସୁବିକଶିତ ଲିପି 'ୱାରାଙ୍ଗ ଚିତି' ଥିବା ଆଷ୍ଟ୍ରୋ-ଏସିଆଟିକ୍ ମୁଣ୍ଡା ଭାଷା ପରିବାରର ଅନ୍ୟତମ । ଏହା ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ ଓ ମଧ୍ୟପ୍ରଦେଶରେ ବ୍ୟବହୃତ ହେଉଛି । ଓଡ଼ିଶାରେ ମାତ୍ର ହୋ ସମ୍ପ୍ରଦାୟର ଜନସଂଖ୍ୟା ପ୍ରାୟ ୧୩ ଲକ୍ଷ ରହିଥିବାବେଳେ ଅନ୍ୟ ଜନଜାତି ଓ ଅଣଜନଜାତି ଲୋକଙ୍କୁ ମିଶାଇ ଏହାର ବ୍ୟବହାରକାରୀ ସଂଖ୍ୟା ୨ ଲକ୍ଷରୁ ଅଧିକ । ସାମଗ୍ରିକ ଭାବେ ଦେଶରେ ହୋ' ଭାଷା କହୁଥିବା ଲୋକଙ୍କ ସଂଖ୍ୟା ୫୦ ଲକ୍ଷରୁ ଅଧିକ ବୋଲି ଆବେଦନରେ ଉଲ୍ଲେଖ ରହିଛି ।




ବୀର ବିର୍ସା ମୁଣ୍ଡା କମିଟି ଦାବି କରିଛି ଯେ, ଗତ ୩୦ ବର୍ଷ ଧରି ହୋ' ଭାଷାର ମାନ୍ୟତା ପାଇଁ ଚାଲି ଆସିଥିବା ଆନ୍ଦୋଳନକୁ ସରକାର ଉପେକ୍ଷା କରିଛନ୍ତି । ଫଳରେ ହୋ ସମ୍ପ୍ରଦାୟ ନିଜର ଜନ୍ମଗତ ଓ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଥିବା ଅନୁଭବ କରୁଛନ୍ତି । ଆବେଦନରେ ଆହୁରି କୁହାଯାଇଛି ଯେ ସରକାରୀ ରେକର୍ଡରେ ହୋ ସମ୍ପ୍ରଦାୟକୁ ଭୁଲ ଭାବେ ଭିନ୍ନ ଜନଜାତି (ହୋ ଓ କୋଲହ) ଭାବେ ବିଭାଜିତ କରାଯାଇଛି । ଏହା ଫଳରେ ସେମାନଙ୍କ ଜନସଂଖ୍ୟା ହ୍ରାସ ପାଇଛି ଓ ସେମାନେ ଗୌଣ ଜନଜାତି ଭାବେ ବିବେଚିତ ହେଉଛନ୍ତି । ବାଂଲାଦେଶ ଓ ନେପାଳରେ ମଧ ହୋ ସମ୍ପ୍ରଦାୟର ଲୋକ ବସବାସ କରୁଥିବା ଉଲ୍ଲେଖ ରହିଛି । ଆବେଦନକାରୀ ସଂଗଠନ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏହି ଦାବିକୁ ଅନୁକୂଳ ବିଚାର କରିବାକୁ ଅନୁରୋଧ କରିଛନ୍ତି । ଚଳିତ ମାସ୧୬ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାର ତିରିଂଠାରୁ ସଂଗଠନର ସଭାପତି ଘନଶ୍ୟାମ ପିଙ୍ଗୁଆଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆରମ୍ଭ ହୋଇ ଆଜି ୨୪ ତାରିଖ ଦିନ ଭୁବନେଶ୍ୱରଠାରେ ପହଞ୍ଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ଆଠଦିନ ଧରି ଚାଲିଥିବା ଏହି ଐତିହାସିକ ପଦଯାତ୍ରା ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ ଓ ଖୋର୍ଦ୍ଧା ଜିଲ୍ଲା ଅତିକ୍ରମ କରି ଆଜି ଭୁବନେଶ୍ୱର ପହଞ୍ଚି ରାଜ୍ୟପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ପଦଯାତ୍ରାରେ ସୁକୁଲାଲ ହୋ, ଗାମାଏ ରାମିଲ ସିଂ ଗୋଇପାଇ, ରାମେଶ୍ୱର କର୍ଣ୍ଣଂକେଲ, ପିଣ୍ଟୁ ହେମ୍ବ୍ରମ, ସଞ୍ଜୟ ହେମ୍ବ୍ରମ, କୃଷ୍ଣଚନ୍ଦ୍ର କାରୁଆ, ଚନ୍ଦ୍ରମୋହନ ପିଙ୍ଗୁଆ, ତୁରାରାମ ବିରୁଆ ଓ ତୁରାମ ହୋ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ଥିଲେ ।

## ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରାଯାଉ

ସକାଳ
THE SAKALA

# ସମ୍ପାଦକୀୟ



ଶାନ୍ତି ଅନ୍ତରାତ୍ମାରୁ ହିଁ ଜନ୍ମନିଏ। ତେଣୁ ନିଜକୁ ବାଦ୍ ଦେଇ ଶାନ୍ତି ଖୋଜିବା ଅସମ୍ଭବ।
-ଗୌତମ ବୁଦ୍ଧ

## ମାଗଣା ସଂସ୍କୃତିର ବୋଝ

ତାମିଲନାଡ଼ୁର ମୁଖ୍ୟମନ୍ତ୍ରୀ ସି ଯୋଶେଫ୍ ବିଜୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ଶହେଦିନ ପୂର୍ତ୍ତି ଅବସରରେ ହିତାଧିକାରୀ ମହିଳାଙ୍କୁ ବାର୍ଷିକ ତିନିଟି ମାଗଣା ରୋଷେଇ ଗ୍ୟାସ୍ ସିଲିଣ୍ଡର ଦେବାକୁ ଘୋଷଣା କରିବା ସହିତ ମାଗଣା ବସ୍ ଯାତ୍ରା ସେବାକୁ ପରିବର୍ଦ୍ଧନ କରିଛନ୍ତି। ଏଥିପାଇଁ ତାମିଲନାଡ଼ୁ ରାଜକୋଷ ଉପରେ ଅତିରିକ୍ତ ୧୦ ହଜାର କୋଟି ଟଙ୍କାର ବୋଝ ପଡ଼ିବ ବୋଲି ଆକଳନ କରାଯାଇଛି। ଭାରତୀୟ ରାଜନୀତିରେ ଏହା ଏକ ଗତାନୁଗତିକ ଧାରାରେ ପରିଣତ ହୋଇଯାଇଛି। ବିଶେଷକରି ନିର୍ବାଚନ ଜିତିବା ପାଇଁ ଭୋଟ ରାଜନୀତିରେ ଫ୍ରିବିଜ୍ ବା ମାଗଣା ସଂସ୍କୃତି ଏକ ଅଲିଖିତ ପରମ୍ପରା ପାଲଟି ଯାଇଛି। ସେଥିରେ ସରକାରମାନେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ଓ ଆରଥରକୁ ପୁଣି କ୍ଷମତା ଆହରଣ ପାଇଁ ବିପୁଳ ପରିମାଣର ଋଣ କରିବା ବ୍ୟତୀତ ବିକଳ୍ପ ନାହିଁ। ତାମିଲ୍‌ନାଡ଼ୁ ମୁଖ୍ୟମନ୍ତ୍ରୀ ଯୋଶେଫ୍ ବିଜୟ ରାଜନୀତିରେ ସମ୍ପୂର୍ଣ୍ଣ ଅନଭିଜ୍ଞ। ତେଣୁ ତାଙ୍କ ଆର୍ଥିକ ପରିଚାଳନାର କୌଶଳ କ'ଣ ରହିବ କେତେ ପ୍ରଭାବଶାଳୀ ହେବ ତାହା ଭବିଷ୍ୟତରେ ଜଣାପଡ଼ିବ। କିନ୍ତୁ ନିର୍ବାଚନ ଜିତିବାକୁ ସେ ମଧ୍ୟ ଯେଉଁ ପ୍ରତିଶ୍ରୁତି(ଫ୍ରିବିଜ୍)ମାନ ଘୋଷଣା କରିଥିଲେ ସେଥିପାଇଁ ରାଜକୋଷ ଉପରେ ପ୍ରାୟ ୭୫ ହଜାର କୋଟି ଟଙ୍କାର ବୋଝ ପଡ଼ିବ।

ଫ୍ରିବିଜ୍‌ରେ କେବଳ ତାମିଲନାଡ଼ୁ ଅର୍ଥନୀତି ଆକ୍ରାନ୍ତ ନୁହେଁ, ପ୍ରାୟ ସବୁ ରାଜ୍ୟର ଅଳ୍ପେବହୁତ ସମାନ ସ୍ଥିତି। ସରକାରୀ ବିରୋଧୀ ଜନମତକୁ ପ୍ରତିହତ କରି ପୁଣି ଥରେ କ୍ଷମତାସୀନ ହେବା ଲାଗି ଗତ ଦୁଇବର୍ଷ ଭିତରେ ୮ଟି ରାଜ୍ୟର କ୍ଷମତାସୀନ ଦଳମାନେ ସାମଗ୍ରିକ ଭାବେ ୬୭, ୯୨୮ କୋଟି ଟଙ୍କା ପ୍ରାକ୍ ନିର୍ବାଚନୀ ଖର୍ଚ୍ଚ କରିଛନ୍ତି। ନିର୍ବାଚନ ଜିତିବା ପରେ ତାହା ରାଜକୋଷ ଉପରେ ଅତିରିକ୍ତ ବୋଝ ସୃଷ୍ଟି କରିଛି। ଏତେ ବିପୁଳ ପରିମାଣର ଖର୍ଚ୍ଚ ସତ୍ତ୍ୱେ ଯଦି ସେମାନେ ପୁନଃକ୍ଷମତାସୀନ ହୋଇ ନ ଥା'ନ୍ତେ ତେବେ ନୂଆ ସରକାରର ମୁଣ୍ଡରେ ତାହା ଗଡ଼ିଥା'ନ୍ତା, ଯାହା ଏବେ ତାମିଲ୍‌ନାଡ଼ୁରେ ଘଟିଛି। ଏହି ଆଠଟି ରାଜ୍ୟ ମଧ୍ୟରୁ ମହାରାଷ୍ଟ୍ରରେ ମହାୟୁତି ସରକାର ୨୩, ୩୦୦ କୋଟି ଟଙ୍କାର ମାଗଣା ଯୋଜନା ସହିତ ମାଗଣା ବିଦ୍ୟୁତ୍ ଯୋଜନା, ବିହାରରେ ଏନ୍‌ଡିଏ ସରକାର ୧୯, ୩୩୩ କୋଟି ଟଙ୍କାର ବିଭିନ୍ନ ରିହାତି ଓ ମାଗଣା ଯୋଜନା ଘୋଷଣା କରିଥିଲା। ଏହାଛଡ଼ା ଝାଡ଼ଖଣ୍ଡର କ୍ଷମତାସୀନ କଂଗ୍ରେସ ସରକାର ତା'ର ମୋଟ ଟିକସ ରାଜସ୍ୱର ୧୫. ୯ ୯ ପ୍ରତିଶତ, ମଧ୍ୟପ୍ରଦେଶର କ୍ଷମତାସୀନ ବିଜେପି ସରକାର ମୋଟ ଟିକସ ରାଜସ୍ୱର ୧୦.୨୭ ପ୍ରତିଶତ ଭୋଟରଙ୍କୁ ଆକୃଷ୍ଟ କରି ପୁନଃକ୍ଷମତାସୀନ ହେବା ପାଇଁ ଖର୍ଚ୍ଚ କରିବାକୁ ଘୋଷଣା କରିଥିଲା। ବର୍ତ୍ତମାନ ସେହିସବୁ ରାଜ୍ୟ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ପାଇଁ ସଂଘର୍ଷ କରୁଛନ୍ତି। ସେଠାରେ ଅନ୍ୟାନ୍ୟ ବିଭାଗୀୟ ଓ କ୍ଷେତ୍ରୀୟ ବ୍ୟୟବରାଦକୁ କାଣ୍ଟଛାଣ୍ଟ କରିବାକୁ ପଡ଼ିଛି। ଓଡ଼ିଶା, ରାଜସ୍ଥାନ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଦିଲ୍ଲୀରେ କ୍ଷମତାସୀନ ଦଳ ଏଭଳି ଘୋଷଣାରେ ପଛରେ ପଡ଼ିଯାଇଥିବାରୁ କ୍ଷମତା ହରାଇଛନ୍ତି।

ସାମଗ୍ରିକ ଭାବେ ମୋଟ ଟିକସ ରାଜସ୍ୱର ଏକ-ତୃତୀୟାଂଶ ଏଭଳି ମାଗଣା ଯୋଜନାରେ ବ୍ୟୟ ହେଉଥିବାରୁ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ କଲ୍ୟାଣ ଭଳି କ୍ଷେତ୍ର ଅବହେଳିତ ହେଉଛି ଏବଂ ହେବା ମଧ୍ୟ ସ୍ୱାଭାବିକ। ତେଣୁ କେତେକ ରାଜ୍ୟ ଏଥିପାଇଁ ଆହୁରି ଋଣ କରିବାକୁ ବାଧ୍ୟ ହେଉଛନ୍ତି। ଗତ ଫେବୃଆରୀ ମାସରେ ଆନ୍ଧ୍ରପ୍ରଦେଶ ଓ ଆସାମ ଯଥାକ୍ରମେ ଅତିରିକ୍ତ ୧୧୦୦ କୋଟି ଓ ୧୦୦୦ କୋଟି ଟଙ୍କା ଋଣ କରିଥିବା ବେଳେ ପୂର୍ବ ବର୍ଷ ସେହି ସମୟରେ ଯଥାକ୍ରମେ ୨ ହଜାର କୋଟି ଏବଂ ୯୦୦ କୋଟି ଟଙ୍କା ଉଚ୍ଚ ସୁଧ ହାରରେ ଋଣ କରିଥିଲେ। ଗତ ଦୁଇବର୍ଷ ଭିତରେ ଗୁଜରାଟ ଉଚ୍ଚ ସୁଧ ହାରରେ ପ୍ରାୟ ୩ ହଜାର କୋଟି ଟଙ୍କା ଋଣ କରିଛି। କେନ୍ଦ୍ର ସରକାର ମଧ୍ୟ ଚଳିତ ଆର୍ଥିକ ବର୍ଷରେ ୧୯.୭୦ ଲକ୍ଷ କୋଟି ଟଙ୍କା ଋଣ କରିବାକୁ ବରାଦ କରିଛନ୍ତି।

ଏକପକ୍ଷରେ କ୍ଷମତାରେ ରହିବା ପାଇଁ ମାଗଣା ଯୋଜନା ଘୋଷଣା ଏବଂ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ପାଇଁ ଋଣ ପ୍ରକ୍ରିୟାରେ ଆନ୍ତର୍ଜାତିକ ସ୍ତରରେ ଭାରତର ରେଟିଂ ହ୍ରାସ ପାଇବାରେ ଲାଗିଛି। ଅପରପକ୍ଷରେ ବୈଦେଶିକ ପୁଞ୍ଜି ନିବେଶର ଅନ୍ତଃସ୍ରୋତ ହ୍ରାସ ପାଇ ଚାଲିଥିବା ବେଳେ ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରୁ ଅଂଶଧନ ପ୍ରତ୍ୟାହାର କରି ଚାଲିଛନ୍ତି। ଏହାଛଡ଼ା ନିର୍ବାଚନୀ ପ୍ରତିଶ୍ରୁତି ପାଳନ ବା ମାଗଣା ଯୋଜନା ପାଇଁ ଋଣ ଅଣଉତ୍ପାଦନ ଭିତ୍ତିକ ଥିବାରୁ ରାଜ୍ୟମାନେ ଯେଉଁ ଋଣ କରୁଛନ୍ତି ତାହା ଉପରେ ଋଣଦାତାମାନେ ଅଧିକ ସୁଧ ଦାବି କରୁଛନ୍ତି। ରାଜନୀତିରେ କ୍ଷମତାର ମୋହ ଅପରିହାର୍ଯ୍ୟ। କିନ୍ତୁ ଏଥିପାଇଁ ସାମଗ୍ରିକ ଭାବେ ରାଜ୍ୟ ଓ କେନ୍ଦ୍ରର ଅର୍ଥନୀତିକୁ ବଳି ଦିଆଯିବା କଥା ନୁହେଁ। ଭୋଟରମାନେ ମଧ୍ୟ ଏଭଳି ଘୋଷଣାରେ ଭଳି ଯିବା କିମ୍ବା ଭୁଲିଯିବା ଉଚିତ ନୁହେଁ ଯେ ଏହି ମାଗଣା ଯୋଜନାର ଖର୍ଚ୍ଚ ଭରଣା ଅନ୍ୟବାଟେ ତାଙ୍କଠାରୁ ହିଁ ଅସୁଲ କରାଯାଉଛି। ଏ କଥା ଭୋଟର ଅବିଳମ୍ବେ ବୁଝିଲେ ଅର୍ଥନୀତି ଓ ଦେଶର ମଙ୍ଗଳ ହେବ।

## ଓଡ଼ିଶାର ଅଭ୍ୟୁଦୟ : ଜାତୀୟ ବିକାଶର ରାଜପଥ

ଡକ୍ଟର ଏମ୍ ଜି ପ୍ରସାଦ

ବିକାଶ ଏକ ନିରନ୍ତର ପ୍ରକ୍ରିୟା। ଏହା ଲକ୍ଷ୍ୟଭିତ୍ତିକ ଓ ଏକ ନିର୍ଦ୍ଦିଷ୍ଟ ସମୟରୁ ଧାର୍ଯ୍ୟ ହୋଇଥିବା ପରବର୍ତ୍ତୀ ଲକ୍ଷ୍ୟ ସ୍ଥଳ ପର୍ଯ୍ୟନ୍ତ କାଳଖଣ୍ଡ ହିସାବରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହୋଇଥାଏ। ବିକାଶ ପ୍ରକ୍ରିୟାରେ ଅନେକକିଛି ସ୍ପଷ୍ଟ ପ୍ରତୀୟମାନ ହୁଏ, ରୂପାନ୍ତରଣର ପ୍ରଭେଦ ବାରି ହୁଏ ଏବଂ ଆଉକିଛି ଦୃଶ୍ୟମାନ ନ ହେଲେ ମଧ୍ୟ ସ୍ପଷ୍ଟ ଅନୁଭବ କରିହୁଏ। ଜନଜୀବନରେ ବିକାଶ ପ୍ରକ୍ରିୟାର ବିଭିନ୍ନ କାର୍ଯ୍ୟ ଓ ସ୍ଥିତିକୁ ଆକଳନ କରିହୁଏ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରଙ୍କ ମୌଳିକ ଦାୟିତ୍ୱ ହେଲା ଲୋକକଲ୍ୟାଣକୁ ଅଗ୍ରାଧିକାର ଦେବା ସହିତ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା। ଏହି ପୃଷ୍ଠଭୂମିରେ ଓଡ଼ିଶାର ଅଭ୍ୟୁଦୟର ଉତ୍ତରଣକୁ ଅନୁଶୀଳନ କରାଯାଇପାରେ।

ଐତିହାସିକ ଅନଗ୍ରସରତା, ପାରମ୍ପରିକ ଦାରିଦ୍ର୍ୟ ଓ ମାନବ ବିକାଶ ସୂଚକାଙ୍କରେ ଏକଦା ପଛୁଆ ଥିବା ଓଡ଼ିଶା ଦୀର୍ଘ ପ୍ରାୟ ଅଢ଼େଇ ଦଶନ୍ଧିର ସ୍ଥିର ଓ ଜନହିତକର ଶାସନ, ଦୃଢ଼ ଲୋକାଭିମୁଖୀ ନେତୃତ୍ୱ, ନିରନ୍ତର ଉତ୍ତମ ବିତ୍ତୀୟ ପରିଚାଳନା, ମହିଳା ଓ ଦୁର୍ବଳ ବର୍ଗର ସଶକ୍ତୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଯୋଗ କ୍ଷେତ୍ରରେ ଅନୁକରଣୀୟ ରୂପାନ୍ତରଣ ଆଦି ପଦକ୍ଷେପ ଦ୍ୱାରା ଓଡ଼ିଶା ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏକ ଦ୍ରୁତ ପ୍ରଗତିଶୀଳ ରାଜ୍ୟ ଭାବେ ସୁନାମ ଅର୍ଜନ କରିଛି।

୨୦୦୦ ପୂର୍ବର ଓଡ଼ିଶା ଓ ଆଜିର ଓଡ଼ିଶା ମଧ୍ୟରେ ଯେ ଆକାଶ ପାତାଳ ପରିବର୍ତ୍ତନ ଘଟିଛି, ଏକଥା ସର୍ବଜନବିଦିତ। ଏକଦା ଦାରିଦ୍ର୍ୟ, ଅନାହାର, କୁପୋଷଣ, ଶିଶୁ ଓ ମାତୃ ମୃତ୍ୟୁ, ବେକାରୀ, ଯୋଗାଯୋଗ, କୃଷି, ଶିଳ୍ପ, ଶିକ୍ଷା ଓ ସାମାଜିକ ଦୁଃସ୍ଥିତି ଆଦି ସବୁକ୍ଷେତ୍ରରେ ଅନଗ୍ରସର ରହି ଜାତୀୟ ତାଲିକାରେ ସବାଶେଷରେ ରହିଥିବା ଓଡ଼ିଶା ଏବେ ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରି ସର୍ବଭାରତୀୟ ସ୍ତରରେ ଆଗଧାଡ଼ିର ରାଜ୍ୟଙ୍କ ସହ ସମକକ୍ଷ ହୋଇପାରିଛି। ଓଡ଼ିଶା ବିକାଶର ପ୍ରୟୋଗଶାଳା ପାଲଟିବା ସହିତ ଅନ୍ୟ ରାଜ୍ୟମାନଙ୍କ ପାଇଁ ଆଦର୍ଶ ମଧ୍ୟ ହୋଇଛି। ସବୁଠୁ ଅଧିକ କିଛି ଘଟୁଥିବା (ମୋଷ୍ଟ ହାପେନିଂ) ରାଜ୍ୟ ତାଲିକାରେ ଓଡ଼ିଶା ସ୍ଥାନ ପାଇଛି ଏବଂ ପ୍ରତ୍ୟେକ କ୍ଷେତ୍ରରେ ଆମ ରାଜ୍ୟରେ କିଛି ନା କିଛି ପ୍ରଗତିମୂଳକ କାର୍ଯ୍ୟ ଚାଲିଛି। ଓଡ଼ିଶାର ଏହି ପ୍ରଗତି ପାଇଁ ଜାତିସଂଘ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ, ୟୁନିସେଫ୍, ବିଶ୍ୱ ଖାଦ୍ୟ ସଂଗଠନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ନିତି ଆୟୋଗ ଏବଂ ଭାରତ ସରକାର ଓ ତାଙ୍କର ବିଭିନ୍ନ ସଂସ୍ଥା ନିୟମିତ ପ୍ରଶଂସା କରିବା ସହିତ ବିକାଶର ପ୍ରୟୋଗ, ପରୀକ୍ଷା ନିରୀକ୍ଷା ଓ ସଫଳତାକୁ ଅନ୍ୟତ୍ର ମଡେଲ ଭାବେ ଗ୍ରହଣ କରିବାକୁ ମତ ରଖୁଛନ୍ତି।

ବିଗତ ଦୁଇ ଦଶନ୍ଧିରେ ଓଡ଼ିଶାର ରୂପାନ୍ତରଣ ଏକ ପ୍ରମାଣିକ ସତ୍ୟ। ଆମ ରାଜ୍ୟ ବଦଳିଛି ଓ ବଦଳୁଛି। ପରିବର୍ତ୍ତନର ସୁଦୀର୍ଘ ପ୍ରକ୍ରିୟା ରହିଛି। ଏଥିରେ ଗ୍ଲାସ୍ କେତେ ପୂରଣ ହୋଇଛି ଓ କେତେ ଖାଲି ରହିଛି, ତାହା ଦିବାଲୋକ ପରି ସ୍ପଷ୍ଟ ଦେଖାଯାଉଛି। ସବୁ ବୁଝି ଯିଏ ଅବୁଝା ହେବ ତାକୁ ଯେତେ ବୁଝାଇଲେ ମଧ୍ୟ ସେ ବଦଳିବ ନାହିଁ। ଏହା ସଂକୀର୍ଣ୍ଣ ମାନସିକତାର ପରିଚୟ। ନକାରାତ୍ମକ ବିଚାରର ଲୋକଙ୍କୁ ବିକାଶ ଓ ସଫଳତା ଦିଶେ ନାହିଁ। ସୁସ୍ଥ ଗଣତନ୍ତ୍ରରେ ଗଠନମୂଳକ ସମାଲୋଚନା ପାଇଁ ସ୍ଥାନ ଅଛି। କିନ୍ତୁ କେବଳ ବିରୋଧ ପାଇଁ ବିରୋଧ ବା ସମାଲୋଚନା ସ୍ପୃହଣୀୟ ନୁହେଁ। କେବଳ ଦାୟିତ୍ୱବାନ ଓ ସଚ୍ଚୋଟ ଜନନେତାମାନେ ଦଳମତ ନିର୍ବିଶେଷରେ ବିକାଶକୁ ଦେଖିପାରନ୍ତି ଏବଂ ଏକ କାମିକା ସରକାରକୁ ପ୍ରଶଂସା କରିଥା'ନ୍ତି।

ଯୁବଶକ୍ତି ଯେକୌଣସି ଦେଶର ସମ୍ପତ୍ତି। ତେଣୁ ଦେଶଗଠନରେ ସେମାନଙ୍କ ଦକ୍ଷତା ଓ ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ଏକ ଜନମଙ୍ଗଳ ଓ ଦୂରଦ୍ରଷ୍ଟା ସରକାର ଅଗ୍ରାଧିକାର ଦେବା ଅପରିହାର୍ଯ୍ୟ। ଓଡ଼ିଶାରେ ବିକାଶର ଯେଉଁ ରୂପାନ୍ତରଣ ପ୍ରକ୍ରିୟା ଜାରି ରହିଛି ସେଥିରେ ସାମିଲ୍ ହୋଇଛନ୍ତି ଆଗାମୀ ଦିନର ଦେଶର ଭବିଷ୍ୟତ ଯୁବବର୍ଗ। ରାଜ୍ୟ ସାରା ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ରମାନ ସ୍ଥାପନ ହୋଇ ଉନ୍ନତ ମାନବ ସମ୍ବଳ ସୃଷ୍ଟି ଓ ନିଯୁକ୍ତିର ନୂଆ ସମ୍ଭାବନା ନିର୍ମାଣ ହୋଇଚାଲିଛି - ଏହା ସ୍ୱୀକାର କରିବାରେ ଅସୁବିଧା କ'ଣ? ଓଡ଼ିଶାର ଦ୍ରୁତ ଶିଳ୍ପାୟନ ନିମନ୍ତେ ନିରନ୍ତର ବିଶେଷ ଅଭିଯାନ ଫଳସ୍ୱରୂପ ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସର୍ବାଧିକ ପୁଞ୍ଜି ନିବେଶ ହୋଇ ରାଜ୍ୟ ବିକାଶର ଆହୁରି ଉଜ୍ଜ୍ୱଳ ଭବିଷ୍ୟତ ସୂଚାଉ ନାହିଁକି? ବିତ୍ତୀୟ ପରିଚାଳନା କ୍ଷେତ୍ରରେ ଉତ୍ତମ ସଫଳତା ଲାଭ କରି ଏବଂ ରାଜ୍ୟ ଅର୍ଥନୀତିରେ ଋଣ ଭାରରେ ଉଲ୍ଲେଖନୀୟ ହ୍ରାସ, ଏଥିପାଇଁ ଦେଶବିଦେଶରେ ପ୍ରଶଂସା କ'ଣ କେବଳ ବ୍ୟାଖ୍ୟାନରେ ସୀମିତ?

ସର୍ବୋପରି ଶ୍ରୀକ୍ଷେତ୍ର ଓ ଏକାମ୍ର କ୍ଷେତ୍ର ସମେତ ରାଜ୍ୟସାରା ବହୁ ଧାର୍ମିକ ପୀଠର ପୁନରୁଦ୍ଧାର, ପରିବର୍ଦ୍ଧନ ତଥା ସୌନ୍ଦର୍ଯ୍ୟକରଣ ଯେ ରାଜ୍ୟବାସୀଙ୍କ ହୃଦୟକୁ ଛୁଇଁପାରିଛି ଏହା କିଏ ବା ଅନୁଭବ ନ କରୁଛି? ଓଡ଼ିଶା ସବୁବେଳେ ତା'ର ସଂସ୍କୃତି, ପରମ୍ପରା ଓ ଇତିହାସ ସହିତ ଦୃଢ଼ ଭାବରେ ଯୋଡ଼ି ହୋଇ ରହିଛି। ଓଡ଼ିଶା ହେଉଛି ସେହି ଭୂମି, ଯିଏ କି ସାରା ବିଶ୍ୱକୁ ଜଗନ୍ନାଥ ସଂସ୍କୃତି ଭଳି ମହାନ ସଂସ୍କୃତି ସହ ପରିଚିତ କରାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱପ୍ରେମ, ସେବା ଓ ସମାନତାକୁ ଗୁରୁତ୍ୱ ଦେଇଛି। ସମସ୍ତଙ୍କୁ ସମାନ ଭାବରେ ଆଦରି ନେଇଛି। ଜାତି ଓ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ନିଜର କରିପାରିଛି। 'ଜାଗା ମିଶନ୍', ପ୍ରତି ଘରକୁ ପାଇପ୍ ପାଣି ଯୋଗାଣ, ବିଜୁ ଏକ୍ସପ୍ରେସ୍ ୱେ ଓ ସୁଦୀର୍ଘ ଅର୍ଥନୈତିକ କରିଡର ସ୍ଥାପନ ଆଦି ତଥା ରାଜ୍ୟସାରା କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ, ଯାହା ଭୁବନେଶ୍ୱରକୁ ଭାରତର କ୍ରୀଡ଼ା ରାଜଧାନୀ ଭାବେ ମାନ୍ୟତା ଦେଇଛି, ଏ ସବୁ ଯେ ବିକାଶ ଓ ଜନସେବାର ଜାତୀୟ ରାଜପଥ - ଏ କଥା ଅନସ୍ୱୀକାର୍ଯ୍ୟ।

ମହିଳାମାନଙ୍କ ପ୍ରଗତି ଓ ସଶକ୍ତୀକରଣର ସ୍ଥିତି କ'ଣ, ତାହା ଜାଣିବା ପାଇଁ ଆମକୁ ବେଶୀ ଦୂର ଯିବାକୁ ପଡ଼ିବ ନାହିଁ କିମ୍ବା ଅଧିକ ଅନୁସନ୍ଧାନ କରିବାର ଆବଶ୍ୟକତା ନାହିଁ। ଏବେ ଆମେ ଆମ ପରିବାର, ସମାଜ ଓ ବ୍ୟବସ୍ଥାରେ ଏହାର ବାସ୍ତବଚିତ୍ର ଦେଖିପାରୁଛୁ। ମହିଳାମାନେ ପୁରୁଷପ୍ରଧାନ ରକ୍ଷଣଶୀଳ ବ୍ୟବସ୍ଥାର ଗଡ୍ଡଳିକା ଭାଙ୍ଗି ଏକ ନୂଆ ଧାରା ସୃଷ୍ଟି କରିଛନ୍ତି ଏବଂ ସବୁକ୍ଷେତ୍ରରେ ପୁରୁଷଙ୍କ ସହ ସମାନ ଅଧିକାର ଜାହିର କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁଛନ୍ତି। ଓଡ଼ିଶାକୁ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ 'ମିଶନ ଶକ୍ତି'ର ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଶିକ୍ଷା, ଦୀକ୍ଷା, କୃଷି, ଉଦ୍ୟୋଗ, ଜନସଚେତନତା, ଆଇନ ଆଦି କ୍ଷେତ୍ରରେ ମହିଳାମାନଙ୍କୁ ସୁରକ୍ଷା ଓ ଶକ୍ତି ଯୋଗାଇ ଅଗ୍ରସର ହେବାକୁ 'ମିଶନ୍ ଶକ୍ତି' ଯେଉଁ ମଞ୍ଚ, ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇଥିଲା ତାହାର ସୁଫଳ ଆଜି ଅନୁଭୂତ ହେଉଛି।

ଏକ ସମୃଦ୍ଧ ଓଡ଼ିଶା ଗଠନରେ ସୁସ୍ଥ ଜନତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଏକ ରୋଗଣା ଜନସଂଖ୍ୟାକୁ ନେଇ ଓଡ଼ିଶାକୁ ଅଗ୍ରଣୀ କରିହେବ ନାହିଁ। ସେ ଦୃଷ୍ଟିରୁ ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ବିଭିନ୍ନ ପ୍ରୟାସ ଦ୍ୱାରା ଅଧିକ ଭରସାଯୋଗ୍ୟ ଓ ଅଧୁନାତନ କରାଯାଉଛି। ୨୬ ବର୍ଷ ତଳେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ଦେଶରେ ଯେଉଁ ଦୟନୀୟ ସ୍ଥିତିରେ ଥିଲା ଆଜି ସେ ଅବସ୍ଥା ନାହିଁ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏବେ ଓଡ଼ିଶା ଏକ ଆଗୁଆ ରାଜ୍ୟ ଭାବେ ଦେଶରେ ପରିଗଣିତ ହେଉଛି। ସରକାରୀ ଓ ବେସରକାରୀ ହସ୍ପିଟାଲ ସଂଖ୍ୟା ଉଲ୍ଲେଖନୀୟ ଭାବେ ବଢ଼ିଛି। ଡାକ୍ତର, ଚିକିତ୍ସାକର୍ମୀ ଓ ନର୍ସ ଆଦିଙ୍କର ଅଭାବ ନାହିଁ। ମେଡିକାଲ କଲେଜ ସଂଖ୍ୟା ସରକାରୀ ଓ ବେସରକାରୀ ମିଶି ୨୧ରେ ପହଞ୍ଚିଛି। ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ବିନାମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି।

ଓଡ଼ିଶାର ଯେଉଁ ବିପୁଳ ପ୍ରାକୃତିକ ସଂପଦ ଓ ଭୌଗୋଳିକ ସୁବିଧା ରହିଛି, ତାହା ରାଜ୍ୟକୁ ଦେଶର ଅନ୍ୟତମ ସମୃଦ୍ଧ ପ୍ରଦେଶରେ ଗଢ଼ି ତୋଳିବାର ସାମର୍ଥ୍ୟ ରଖିଛି। ଏଥିପାଇଁ ମୌଳିକ ଆବଶ୍ୟକତାଟି ହେଲା ଭିତ୍ତିଭୂମିର ବିକାଶ। ସେଥିପାଇଁ କେନ୍ଦ୍ର ସରକାରଙ୍କର ସ୍ୱତନ୍ତ୍ର ସହାୟତା ଓ ସଦିଚ୍ଛା ଲୋଡ଼ା। କେବଳ ନିଜସ୍ୱ ସମ୍ବଳ ବିନିଯୋଗ କରି ଓଡ଼ିଶା ସରକାର ସେ ଆବଶ୍ୟକତା ପୂରଣ କରିବା ସମ୍ଭବ ନୁହେଁ। ଦୀର୍ଘକାଳ ଧରି ଓଡ଼ିଶା ବିଭିନ୍ନ କାରଣରୁ ଅବହେଳିତ ହେବା ରହିବା ପରେ ବିଗତ ଅଢ଼େଇଦଶନ୍ଧି ଧରି ଏଥିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ରାଜନୈତିକ ସ୍ଥିରତା ଯୋଗୁଁ ଓଡ଼ିଶାରେ ଭିତ୍ତିଭୂମି କ୍ଷେତ୍ରର ବିକାଶର ରାଜପଥ ପ୍ରଶସ୍ତ ହୋଇଛି। ଏଥିରେ କେନ୍ଦ୍ର ମଧ୍ୟ ବିଭିନ୍ନ ଯୋଜନାରେ ସହଯୋଗର ହାତ ବଢ଼ାଇଛି। ତେବେ ଦେଶର ଅନ୍ୟତମ ଅନଗ୍ରସର ରାଜ୍ୟ ଓଡ଼ିଶାକୁ ଜାତୀୟସ୍ତରରେ ଉପରକୁ ଉଠାଇବାକୁ କେନ୍ଦ୍ର ଯେଉଁ ସ୍ୱତନ୍ତ୍ର ନଜର ରହିବା କଥା ସେଥିରେ ଅଭାବ ଅନୁଭୂତ ହେଉଛି।

(ଅବସରପ୍ରାପ୍ତ ପ୍ରାଧ୍ୟାପକ)
ଚେନ୍ନାଇ

## ମୋବାଇଲ ମାଷ୍ଟ୍ରେ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

୨୦୨୫ ମସିହାର ଆଦ୍ୟଭାଗ। ସ୍ନାୟୁବିଜ୍ଞାନୀ ତଥା ଶିକ୍ଷା ପରାମର୍ଶଦାତା ଡକ୍ଟର ଜାରେଡ କୁନୀ ହୋରଭାଥ ଯୁକ୍ତରାଷ୍ଟ୍ର ଆମେରିକାର ସିନେଟ୍ ସମ୍ମୁଖରେ ଉପସ୍ଥିତ ହୋଇ ଯେଉଁ ତଥ୍ୟ ଉପସ୍ଥାପନ କରିଥିଲେ ତାହା ଚମକେଇ ଦେଇଥିଲା ଶିକ୍ଷା ଯୋଜନା ପ୍ରଣୟନକାରୀ ତଥା ନୀତି ନିର୍ଦ୍ଧାରଣକାରୀମାନଙ୍କୁ। କ'ଣ ଥିଲା ସେହି ତଥ୍ୟ? ସେ କହିଥିଲେ ଯେ ଶ୍ରେଣୀକକ୍ଷରେ ଡିଜିଟାଲ ଟେକ୍ନୋଲୋଜିର ବହୁଳ ବ୍ୟବହାର ପିଲାମାନଙ୍କର ସକ୍ରିୟ କ୍ଷତି କରିଚାଲିଛି। ହ୍ରାସ ପାଇଚାଲିଛି ସେମାନଙ୍କର ପାଠ ବୁଝିପାରିବାର କ୍ଷମତା। କ୍ଷୟ ହେଉଛି ସେମାନଙ୍କର ଏକାଗ୍ରତା। ଚିନ୍ତାଶକ୍ତି, ବିଚାରଶକ୍ତି, ସ୍ମୃତିଶକ୍ତି ଓ କଳ୍ପନାଶକ୍ତିରେ ପରିଲକ୍ଷିତ ହେଉଛି ଅବନତି।

ଜେନ ଜେଡ ହେଉଛନ୍ତି ସେଇମାନେ, ଯେଉଁମାନେ ୧୯୯୭ ରୁ ୨୦୧୨ ମସିହା ଭିତରେ ଜନ୍ମ ଦେଇଥିଲେ ଏବଂ ସେମାନଙ୍କର ବୟସ ଏବେ (୨୦୨୬ ମସିହା ସୁଦ୍ଧା) ୧୪ ରୁ ୨୯ ବର୍ଷ। ପୂର୍ବଗୋଷ୍ଠୀଙ୍କ ତୁଳନାରେ ଏହି ଗୋଷ୍ଠୀଟି ପାରମ୍ପରିକ ସ୍କୁଲ ଶିକ୍ଷାରେ କଟାଇଛନ୍ତି ଅଧିକ ବର୍ଷ। ମାତ୍ର ପୂର୍ବଛାତ୍ରଗୋଷ୍ଠୀ ତୁଳନାରେ ପାରମ୍ପରିକ ଶିକ୍ଷାରେ ଏମାନଙ୍କ ମନଯୋଗ, ସ୍ମରଣଶକ୍ତି, ପଢ଼ିବା, ଲେଖିବା ସାମର୍ଥ୍ୟ, ଗଣିତ ଜ୍ଞାନ, ସଂଖ୍ୟାଜ୍ଞାନ ଏବଂ ଇଣ୍ଟେଲିଜେନ୍ସ କୋସେଣ୍ଟ (ଆଇକ୍ୟୁ) ବା ବୁଦ୍ଧି ଅଙ୍କ ଯଥେଷ୍ଟ ଊଣା। କ୍ଲାସ୍‌ରୁମ୍‌ରେ ଟେକ୍ନୋଲୋଜିର ବ୍ୟବହାର ସଂପର୍କରେ ହେରଭାତ୍ ତଥ୍ୟ ସଂଗ୍ରହ କରିଥିଲେ ୮୦ ଟି ରାଷ୍ଟ୍ରରୁ। ସେ ସେହି ତଥ୍ୟକୁ ଅନୁଶୀଳନ କରି ଦେଖିଲେ ଯେ ଜ୍ଞାନାତ୍ମକ, ବୌଦ୍ଧିକ, ସ୍ମୃତିଶକ୍ତି ଓ ଚିନ୍ତାଶକ୍ତି ପରିପ୍ରେକ୍ଷୀରେ ଶିକ୍ଷାର୍ଥୀମାନଙ୍କ କୃତିତ୍ୱକୁ ଡିଜିଟାଲ ଉପକରଣଗୁଡ଼ିକର ଅନୁପ୍ରବେଶ ପ୍ରତିକୂଳ ଭାବରେ ପ୍ରଭାବିତ କରୁଛି। ଯେଉଁ ଛାତ୍ରଛାତ୍ରୀମାନେ ସ୍କୁଲରେ ପ୍ରତିଦିନ ଅଧିକ ସମୟ ଡିଜିଟାଲ ପରଦା ସମ୍ମୁଖରେ ଅତିବାହିତ କରିଥିଲେ ଏବଂ ଯେଉଁ ଛାତ୍ରଛାତ୍ରୀ ଏଥିରୁ ସଂପୂର୍ଣ୍ଣ କିମ୍ବା ଅଧିକ ମାତ୍ରାରେ ବଞ୍ଚିତ ହୋଇଥିଲେ ପ୍ରଥମୋକ୍ତ ଗୋଷ୍ଠୀଙ୍କ ତୁଳନାରେ ଶେଷୋକ୍ତ ଗୋଷ୍ଠୀ ଛାତ୍ରଛାତ୍ରୀଙ୍କର ପରୀକ୍ଷାରେ ଫଳାଫଳ ଥିଲା ଅଧିକ ସନ୍ତୋଷଜନକ।

ହୋରଭାଥଙ୍କ ଯୁକ୍ତି ହେଉଛି, ମଣିଷର ବୌଦ୍ଧିକ ଦକ୍ଷତା ବେଶୀ ବୃଦ୍ଧିପାଏ ଅନ୍ୟ ମଣିଷମାନଙ୍କଠାରୁ ଶିକ୍ଷା ଲାଭ କଲେ। ଏହାଦ୍ୱାରା ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଭାବ ଆଦାନପ୍ରଦାନର ଏବଂ ସାମାଜିକ ସଂପର୍କ ସ୍ଥାପନର ସୁଯୋଗ ମିଳେ। ପିଲାମାନଙ୍କ ଆଖି ସହ ଆଖି ମିଳେଇ ଏବଂ ସୁସଙ୍ଗତ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ଶିକ୍ଷକ ଯେତେବେଳେ ପଢ଼େଇବାରେ ନିଜକୁ ହଜେଇ ଦିଅନ୍ତି, ତାହା ପିଲାମାନଙ୍କୁ ପଠିତ ବିଷୟ ଦିଗକୁ ସ୍ୱତଃ ଆକର୍ଷିତ କରିପକାଏ। ଏଭଳି ସୁଯୋଗ ଡିଜିଟାଲ ଉପକରଣଗୁଡ଼ିକ ପ୍ରଦାନ କରିପାରିବ କି? ଛାତ୍ରମାନଙ୍କ ସମ୍ମୁଖରେ ନାନା ଡିଜିଟାଲ ଉପକରଣ, ସାମନାରେ ପରଦା, ଉପକରଣର ସୁଇଚ ଅନ୍ ଓ ଅଫ, ମଝିରେ ବିଦ୍ୟୁତ୍ ବିଭ୍ରାଟ ଏସବୁ ପଢ଼ାଯାଉଥିବା ବିଷୟଟି ଉପରେ ମନୋନିବେଶ କରିବାରେ କ'ଣ ବାଧକ ନୁହେଁ?

ଐତିହାସିକ ତଥା ପିଢ଼ିଗତ ପରାମର୍ଶଦାତା(ଜେନେରେସନାଲ କନସଲନାଣ୍ଟ) ଡକ୍ଟର ଏଲିଡା ଫିଲବାଏ ଯାହା କହିଛନ୍ତି ତାହା ଭାରତୀୟ ଶିକ୍ଷାନୀତି ନିର୍ଦ୍ଧାରକମାନଙ୍କ ପାଇଁ ପ୍ରଣିଧାନଯୋଗ୍ୟ। ସେ କହିଛନ୍ତି ପାଶ୍ଚାତ୍ୟ ଜଗତର ବହୁ ବିତ୍ତଶାଳୀ ପାରିବାରିକ ଦୃଷ୍ଟିଭଙ୍ଗୀରେ ଏବେ ପରିଲକ୍ଷିତ ହେଉଛି ଏକ ପରିବର୍ତ୍ତନ। ଯେଉଁସବୁ ସ୍କୁଲରେ ପାଠପଢ଼ା ଅଧିକ ମାତ୍ରାରେ ଡିଜିଟାଲ ଉପକରଣ ବ୍ୟବହାର ଉପରେ ନିର୍ଭରଶୀଳ, ସେହିସବୁ ସ୍କୁଲରୁ ସେମାନେ ନିଜର ସନ୍ତାନମାନଙ୍କୁ ଉଠେଇ ନେଇ ଶିକ୍ଷକକୈନ୍ଦ୍ରିକ ସ୍କୁଲରେ ପଢ଼େଇବା ପାଇଁ ପସନ୍ଦ କରୁଛନ୍ତି। ଭଲ ସ୍କୁଲ ବୋଲି ନାଁ ଥିବା ବେସରକାରୀ ସ୍କୁଲଗୁଡ଼ିକ ବି ଡିଜିଟାଲ୍ ଉପକରଣ ବଦଳରେ ଗୁରୁତ୍ୱ ଦେଲେଣି କୁଶଳୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଉପରେ। ଏପରି ପରିବର୍ତ୍ତନ ଫଳରେ ଛାତ୍ରଛାତ୍ରୀଙ୍କଠାରେ ବୃଦ୍ଧିପାଉଛି ସର୍ଜନଶୀଳ ଭାବନା, ମନଯୋଗ ଓ ପଠନାଭ୍ୟାସ। ମାତ୍ର କ୍ଷୋଭର ବିଷୟ, ଯେଉଁ ଡିଜିଟାଲ୍ ଉପକରଣ ପର୍ଯ୍ୟାପ୍ତ ଉପଲବ୍ଧ ନଥିବା ସ୍କୁଲ୍‌ର କର୍ତ୍ତୃପକ୍ଷ ଓ ଶିକ୍ଷକଗୋଷ୍ଠୀ ପ୍ରଲୁବ୍ଧ ହୋଇପଡ଼ିଲେଣି ଡିଜିଟାଲ ଶିକ୍ଷାଦାନ ଉପକରଣ ପାଇଁ।

ବିଡ଼ମ୍ବନାର ବିଷୟ ଯେ ଅତ୍ୟନ୍ତ ଉତ୍ସାହର ସହିତ ଭାରତର ଶିକ୍ଷାବ୍ୟବସ୍ଥା ଲମ୍ଫ ଦେଲାଣି ଡିଜିଟାଲ ଜଗତକୁ। ବିଦ୍ୟାଳୟଗୁଡ଼ିକରେ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି ଜାତୀୟ ଶିକ୍ଷାନୀତିରେ। ବେଳ ଥିଲା ଶିକ୍ଷକଗୋଷ୍ଠୀ ଥିଲେ ଶିକ୍ଷାର ମେରୁଦଣ୍ଡ। କିନ୍ତୁ ସଂପ୍ରତି ସେମାନଙ୍କ ସ୍ଥାନ ଅଧିକାର କରିନେଲେଣି ଅନଲାଇନ କୋର୍ସ, କୋଚିଂ ଆପ୍ସ ଏବଂ ଏ.ଆଇ. (ଆର୍ଟି ଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା) ଟ୍ୟୁଟର। ଫଳାରେ ଶିକ୍ଷକମାନେ ଭୁଲିଯିବେ ଜ୍ଞାନ ବୃଦ୍ଧି କରିବାର ଶ୍ରମ, ଭୁଲିଯିବେ ଭଲ ପଢ଼େଇପାରିବାର କଳାକୌଶଳରେ

ଶିକ୍ଷା ପ୍ରଯୁକ୍ତିରେ ଚୀନ ରହିଛି ଭାରତଠାରୁ ବହୁ ଆଗରେ। ପ୍ରତିଶ୍ରେଣୀରେ ପଢ଼ିବା ଲେଖିବା କାମ ତୁଲାଇଛି ଏ.ଆଇ.। ଏବେ କିନ୍ତୁ ଚୀନ ତା'ର ଶିକ୍ଷାନୀତିର ପୁନର୍ବିଚାର କଲାଣି। ବିଦ୍ୟାଳୟରେ ହ୍ରାସ କଲାଣି ସ୍କ୍ରିନଟାଇମ୍ ବା ଡିଜିଟାଲ ମାଧ୍ୟମ ପାଠନ। ଅଙ୍କୁଶ ଲଗେଇଲାଣି ଡିଜିଟାଲ ଉପକରଣଗୁଡ଼ିକର ସାହାଯ୍ୟରେ ଶିକ୍ଷାଦାନ ଉପରେ। ଛାତ୍ରମାନଙ୍କ କୃତିତ୍ୱର ମୂଲ୍ୟାୟନ କରୁଥିବା ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ 'ପିସା' ୮୧ ଟି ରାଷ୍ଟ୍ରରୁ ତଥ୍ୟ ସଂଗ୍ରହ କରି ଅତିମାତ୍ରାରେ ଡିଜିଲାଟ ଉପକରଣ ନିର୍ଭରଶୀଳ ଶିକ୍ଷାଦାନ ଅପେକ୍ଷା ଡିଜିଟାଲ ଉପକରଣର ପରିମିତ ବ୍ୟବହାର ବେଶୀ ଉପଯୋଗୀ ବୋଲି କହିଛି। ଅବଶ୍ୟ ଭାରତ ରହିଛି ଏକ ଅନୁକୂଳ ସ୍ଥିତିରେ। ଏଠାରେ ଶିକ୍ଷାଦାନ କାର୍ଯ୍ୟକ୍ରମରେ ଡିଜିଟାଲ ଉପକରଣଗୁଡ଼ିକର ବହୁଳ ବ୍ୟବହାର ନାହିଁ।

ଆମ୍ଭେମାନେ ସମସ୍ତେ ସଚେତନ ରହିବା ବାଞ୍ଛନୀୟ ଯେ ଶିକ୍ଷାର୍ଥୀମାନଙ୍କ ସମ୍ମୁଖରେ ସ୍କ୍ରିନ ଓହଳେଇ ଏବଂ ସେମାନଙ୍କୁ ମଣିଷ ହେବା ପାଇଁ ପ୍ରତ୍ୟକ୍ଷ ଶିକ୍ଷାଦେବା ସମାନ କଥା ନୁହେଁ। ଆମେ ଗୁରୁତ୍ୱ ଦେବା ଉଚିତ ଯେ ଆମ୍ଭମାନଙ୍କ ପିଲାମାନଙ୍କୁ ମୋବାଇଲ ମାଷ୍ଟ୍ରେ ନ ପଢ଼ାନ୍ତୁ। ପଢ଼ାନ୍ତୁ ହସେଇ ମଜେଇ, ନିଜକୁ ହଜେଇ ପଢ଼େଇ ପାରଥିବା ଶିକ୍ଷକକୁଳ।

କଟକ, ମୋ:(୯୪୩୭୭୬୬୧୧୭)

## ଅଣ୍ଡାର ବିକଳ୍ପ ସୋୟାବିନ୍

### ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଦେଶର ବିଦ୍ୟାଳୟମାନଙ୍କରେ ପ୍ରଚଳିତ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଯଥାର୍ଥରେ ଏକ ଜନକଲ୍ୟାଣକାରୀ ଯୋଜନା। ଏହା ଶିଶୁମାନଙ୍କ ମଧ୍ୟରେ କୁପୋଷଣ ସମସ୍ୟା କିଛିମାତ୍ରାରେ ଦୂରକରିବାକୁ ସମର୍ଥ ହୋଇଛି। ଏଥିରେ ଅଧିକ ପୁଷ୍ଟିକର ଖାଦ୍ୟ ଦିଆଯାଇପାରିଲେ କୁପୋଷଣ ଆହୁରି ଦୂର ହୋଇପାରନ୍ତା। ଏହି ଲକ୍ଷ୍ୟ ନେଇ ମାତ୍ର ୧୩ ଟି ରାଜ୍ୟ ଅଣ୍ଡାକୁ ମଧ୍ୟାହ୍ନଭୋଜନରେ ଅନ୍ତର୍ଭୁକ୍ତ କରିଛନ୍ତି। ଏମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ରହିଛି କର୍ଣ୍ଣାଟକ, ଯେଉଁଠାରେ ବିଦ୍ୟାଳୟର ଛାତ୍ରମାନଙ୍କୁ ସପ୍ତାହରେ ୬ଟି କରି ଅଣ୍ଡା ଖାଇବାକୁ ଦେଉଛି। ସେହିପରି ଆନ୍ଧ୍ର ଓ ତାମିଲନାଡ଼ୁ ୫ଟି କରି ଦେଲାବେଳକୁ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ରାଜ୍ୟ ୨ଟି କରି ଏବଂ କେରଳମ୍, ହରିୟାଣା ଆଦି ରାଜ୍ୟ ଗୋଟିଏ କରି ଦେଉଛନ୍ତି। ସପ୍ତାହକୁ ଗୋଟିଏ ବା ଦୁଇଟି ଅଣ୍ଡାର ପୁଷ୍ଟିସାଧନ ଉପରେ ପ୍ରଭାବ ବିଶେଷକିଛି ନୁହେଁ।

ଅନ୍ୟପକ୍ଷରେ, ଅନେକରାଜ୍ୟରେ ଏହା ଆଦୌ ଦିଆଯାଉନାହିଁ। ସେଠାରେ ମୁଖ୍ୟତଃ ପାଚିଲା କଦଳୀ, ପନିର ଓ ସୋୟାବିନକୁ ଅଣ୍ଡାର ବିକଳ୍ପ ରୂପେ ବ୍ୟବହାର କରାଯାଉଛି। ତନ୍ମଧ୍ୟରୁ ପ୍ରଥମଟି ପୌଷ୍ଟିକତା ଦୃଷ୍ଟିରୁ ଅଣ୍ଡାର ସମକକ୍ଷ ନୁହେଁ। କାରଣ, ଏହାର ୧୦୦ ଗ୍ରାମ ଖାଦ୍ୟୋପଯୋଗୀ ଅଂଶରେ ଥାଏ ମାତ୍ର ୧.୧ ଗ୍ରାମ ପ୍ରୋଟିନ। ଅନ୍ୟପକ୍ଷରେ ପ୍ରାୟ ୫୦ ଗ୍ରାମ୍ ହୋଇଥିବା ଏକ ବଡ଼ ଅଣ୍ଡାରେ ପ୍ରୋଟିନ୍ ୬.୩ ଗ୍ରାମ ଥିଲା ବେଳେ ୩୦ ଗ୍ରାମ ପନିରରେ ୫.୫ରୁ ୬ ଗ୍ରାମ ଏବଂ ୨୫ ଗ୍ରାମ ଶୁଖିଲା ସୋୟାବିନରେ ୧.୨-୧.୩ ଗ୍ରାମ ଥାଏ। ଏହି ତିନୋଟିରେ ଥିବା ମୁଖ୍ୟ ପୌଷ୍ଟିକ ଉପାଦନଗୁଡ଼ିକ ନିମ୍ନୋକ୍ତ ମତେ ଅଟେ।

ଅଣ୍ଡା (୫୦ଗ୍ରାମ) ୬.୩ ଉଚ୍ଚମାନର ପ୍ରୋଟିନ, ୫.୩ ଗ୍ରାମ ସ୍ନେହସାର, ୦.୬ ଗ୍ରାମ ଶ୍ୱେତସାର, ୧୪୭ ମିଲିଗ୍ରାମ କୋଲିନ୍, ୭୪.୫ ମାଇକ୍ରୋଗ୍ରାମ, ଭିଟାମିନ୍ ଏ ଏବଂ ୦.୫୫ ମାଇକ୍ରୋଗ୍ରାମ ଭିଟାମିନ୍ ବି ୧୨। ଏହା ବ୍ୟତୀତ ଏଥିରେ ରହିଛି ଭିଟାମିନ୍ ଡି, ଭିଟାମିନ ବି ୨, ସେଲେନିୟମ ଇତ୍ୟାଦି। ଏହା ୭୦ କ୍ୟାଲୋରୀ ପର୍ଯ୍ୟନ୍ତ ଶକ୍ତି ଯୋଗାଇ ଥାଏ। ପନିର (୧୦୦୦ ଗ୍ରାମ୍) ରେ ଥାଏ ୧୮ ରୁ ୨୧ ଗ୍ରାମ ଉଚ୍ଚମାନର ପ୍ରୋଟିନ, ୨୦ ରୁ ୨୫ ଗ୍ରାମ ସ୍ନେହସାର, ୩ରୁ ୪ ଗ୍ରାମ ଶ୍ୱେତସାର, ୪୦୦ ରୁ ୭୧୦ ମିଲିଗ୍ରାମ କାଲସିୟମ, ୦.୫ ରୁ ୦.୮ ମାଇକ୍ରୋଗ୍ରାମ ଭିଟାମିନ୍ ବି ୧୨ ଇତ୍ୟାଦି। ଏହା ୩୨୧ କ୍ୟାଲୋରୀ ଶକ୍ତି ଯୋଗାଏ। ଏଥିରେ ଯଥେଷ୍ଟ ଭିଟାମିନ ଏ ମଧ୍ୟ ଥାଏ। ସୋୟାବିନ (୧୦୦ ଗ୍ରାମ, ଶୁଖିଲା) ରେ ୪୦ ଗ୍ରାମ ୫୦ ଗ୍ରାମ ପ୍ରୋଟିନ, ୧୮ ରୁ ୨୦ ଗ୍ରାମ ସ୍ନେହସାର, ୧୪ ଗ୍ରାମ ଶ୍ୱେତସାର, ୨୪୦ ମିଲିଗ୍ରାମ କ୍ୟାଲ୍‌ସିୟମ, ୬୯୦ ମିଲିଗ୍ରାମ ଫସଫରସ, ୧୧.୫ ମିଲିଗ୍ରାମ ଲୌହ, ୪୨୬ ମାଇକ୍ରୋଗ୍ରାମ କ୍ୟାରୋଟିନ, ୩.୨ ମିଲିଗ୍ରାମ ନିଆସିନ୍ ଇତ୍ୟାଦି ଥାଏ। ଏହା ୧୯୦ କ୍ୟାଲୋରୀ ପର୍ଯ୍ୟନ୍ତ ଶକ୍ତି ଯୋଗାଇଥାଏ।

ଏ ତିନୋଟି ଯାକର ପ୍ରୋଟିନ୍ ବେଶ୍ ଉଚ୍ଚମାନର। ସାଧାରଣତଃ ତାହା ମାପ କରାଯାଏ। ଏଥିରେ ଥିବା ଅତ୍ୟାବଶ୍ୟକ ଆମିନୋଅମ୍ଳ ଏବଂ ତାହାର ଜୈବିକ ସଭ୍ୟତା ବିଚାରକୁ ନେଇ। ଜୈବିକ ସଭ୍ୟତା ହେଲା ଆମ ଶରୀର ଏକ ପ୍ରକାର ପ୍ରୋଟିନ୍ କେତେ ଅଂଶ ହଜମ, ଶୋଷଣ ଓ ବ୍ୟବହାର କରିପାରେ। ଅଣ୍ଡାକ୍ଷେତ୍ରରେ ତାହା ୧୦୦ ଶତାଂଶ ହୋଇଥିବା ବେଳେ ସୋୟାବିନ୍‌ରେ ୭୦ ରୁ ୮୦ ଶତାଂଶ ଏବଂ ପନିରରେ ୯୦ ରୁ ୯୫ ଶତାଂଶ। ଅନ୍ୟପକ୍ଷରେ ପ୍ରୋଟିନର ଅତ୍ୟାବଶ୍ୟକ ଆମିନୋଅମ୍ଳ ହେଲା ତହିଁରେ ଥିବା କିନ୍ତୁ ଶରୀର ଉତ୍ପନ୍ନ କରି ପାରୁ ନଥିବା ଏବଂ ଖାଦ୍ୟ ଉପରେ ଏକାନ୍ତ ନିର୍ଭର କରୁଥିବା ୯ଟି ଆମିନୋ ଅମ୍ଳ (ପ୍ରୋଟିନ୍‌ରେ ସାଧାରଣତଃ ୨୦ ଟି ଆମିନୋଅମ୍ଳ ଥାଏ)। ସେଗୁଡ଼ିକ ହେଲା ହିଷ୍ଟିଡିନ, ଆଇସୋଲ୍ୟୁସିନ୍, ଲ୍ୟୁସିନ୍, ଲାଇସିନ, ମେଥିନିନ୍‌ଏ ଫିନାଇଲ ଆଲନିନ୍, ଥ୍ରେଓନିନ, ଟ୍ରପ୍ଟୋ ଫ୍ୟାନ୍ ଓ ଭ୍ୟାଲିନ୍। ଅଣ୍ଡା, ପନିର ଓ ସୋୟାବିନ୍‌ର ପ୍ରୋଟିନ୍‌ରେ ଏ ସମସ୍ତ ଉପଯୁକ୍ତ ମାତ୍ରାରେ ଥାଏ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୧୩ ବର୍ଷୀୟା ମନସ୍ୱୀ ଶର୍ମା ଭଗବଦ୍ ଗୀତା ଅଲିମ୍ପିଆଡ୍‌ରେ ପ୍ରଥମ ପୁରସ୍କାର ଜିତିଲେ



ନୂଆଦିଲ୍ଲୀ, ୨୪।୮ (ସମିସ): ୧୩ ବର୍ଷ ବୟସର ମନସ୍ୱୀ ଶର୍ମା ଗୀତା ପରିବାର ଦ୍ୱାରା ଆୟୋଜିତ ଗୀତା ଅଲିମ୍ପିଆଡ୍‌ରେ ପ୍ରଥମ ପୁରସ୍କାର ହାସଲ କରିଛନ୍ତି। ଏହି ଯୁବ ପ୍ରତିଭା ଭଗବଦ୍ ଗୀତାର ଶ୍ଲୋକଗୁଡ଼ିକର ସ୍ପଷ୍ଟ ଆବୃତ୍ତି ସହ ଅର୍ଥ ଓ ଦୃଷ୍ଟିକୋଣକୁ ନିଜ ଭାଷାରେ ବ୍ୟାଖ୍ୟା କରି ସମସ୍ତଙ୍କୁ ଚମତ୍କୃତ କରିଛନ୍ତି। ହାଇପର କ୍ୱେଷ୍ଟ ପଡ୍‌କାଷ୍ଟର ଏକ ବିଶେଷ ଅଧିବେଶନରେ ମନସ୍ୱୀ ଭଗବଦ୍ ଗୀତାର କେତେକ ଶ୍ଲୋକ ବିଷୟରେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଗୀତାକୁ ଯୁକ୍ତି, ବିଜ୍ଞାନ, ମାନବ ଆଚରଣ ଓ ଦୈନନ୍ଦିନ ଜୀବନର ଦୃଷ୍ଟିକୋଣରୁ ଦେଖାଯାଇଛି। ଏଥିରେ ତାଙ୍କ ପାଇଁ ଏକ ଆଶ୍ଚର୍ଯ୍ୟଜନକ ପରୀକ୍ଷା ମଧ୍ୟ ରଖାଯାଇଥିଲା। ମନସ୍ୱୀ ଗୀତା ଆବୃତ୍ତି, ମୁଖସ୍ଥ କରିବା ଓ ଭକ୍ତି-ଆଧାରିତ ବିଭିନ୍ନ ପ୍ରତିଯୋଗିତାରେ ଅନେକ ପ୍ରଥମ ପୁରସ୍କାର ପାଇଛନ୍ତି। ସେ ଜେଏନୟୁ ଆଇଆଇଟିରୁର୍‌କୀ, ଇସ୍କନ ଓ ଉଡୁପି କୃଷ୍ଣମଠରେ ପରିବେଷଣ କରିଛନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ଶ୍ରୀ ବିଧୁଶେଖର ଭାରତୀ ସନ୍ନିଧାନମଙ୍କଠାରୁ ମଧ୍ୟ ସ୍ୱୀକୃତି ପାଇଛନ୍ତି। ସେ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ଭଗବଦ୍ ଗୀତା ଶିକ୍ଷା ଦେଉଛନ୍ତି।

# ହୀରାକୁଦ ଖୋଲିଲା ଆଉ ୧୧ ଗେଟ୍

## ରାତି ୯ଟାରେ ଜଳସ୍ତର ୬୨୩.୦୪ ଫୁଟ୍, ୧୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୨୪।୮ (ସମିସ) : ଉପରମୁଣ୍ଡରେ ବର୍ଷା ଏବଂ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବାପରେ ସୋମବାର ପର୍ଯ୍ୟାୟକ୍ରମେ ୧୧ଟି ଗେଟ୍ ଖୋଲାଯାଇଛି। ପୂର୍ବରୁ ୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିବାବେଳେ ପୂର୍ବାହ୍ନ ୯ଟାବେଳେ ୩ଟି ଗେଟ୍, ଅପରାହ୍ନ ୩ଟାବେଳେ ୪ଟି ଗେଟ୍ ଓ ରାତି ୭ଟା ୫୦ ମିନିଟ ସମୟରେ ୪ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ମୋଟ୍ ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩ ଛୁଇଁଲାଣି। ଉଲ୍ଲେଖଯୋଗ୍ୟଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୦୪ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଏବଂ ଡାହାଣ ପାର୍ଶ୍ୱର ୫ଟି ଏହିଭଳି ମୋଟ ୧୬ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୦୬,୬୫୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୩୯,୭୯୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୦୫,୫୦୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୧୩୪୭ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୮୮,୦୦୦ କ୍ୟୁସେକ୍ ଜଳପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୧,୧୧,୨୮୫ କ୍ୟୁସେକ୍, ଖଇରମାଲଠାରେ ୨,୭୭,୫୦୦ କ୍ୟୁସେକ୍, ବାରମୁଲଠାରେ ୧,୫୫,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୨୮,୫୭୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩୨.୪୧ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୯.୩୩ ମିମି ବର୍ଷା ରେକର୍ଡ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## 'ଓଡ଼ିଶା ଅଭ୍ୟୁଦୟ'କୁ...

ଏଥିରେ ସମୃଦ୍ଧି ଦିଗରେ ଓଡ଼ିଶାର ଯାତ୍ରା ଓ ବର୍ଷ ବର୍ଷ ଧରି ହୋଇଥିବା ପରିବର୍ତ୍ତନ ଉପରେ ଆଲୋଚନା ହେବ। ଦ୍ୱିତୀୟ ଅଧିବେଶନରେ 'ରାଜନୀତିର ଊର୍ଦ୍ଧ୍ୱରେ ଜନନାୟକ ନବୀନ ପଟ୍ଟନାୟକ'। ତୃତୀୟ ଅଧିବେଶନର 'ଶିକ୍ଷା ସଂସ୍ଥାନର ପ୍ରମୁଖ କେନ୍ଦ୍ର ଓଡ଼ିଶା'। ଏଥିରେ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଉଦୀୟମାନ ଭୂମିକା ଓ ରାଜ୍ୟକୁ ଭାରତର ଏକ ପ୍ରମୁଖ ଶିକ୍ଷା କେନ୍ଦ୍ର ଭାବେ ଗଢ଼ିବା ଦିଗ ଉପରେ ଚର୍ଚ୍ଚା ହେବ। ଚତୁର୍ଥ ଅଧିବେଶନର ବିଷୟ "ମହିଳା ସଶକ୍ତିକରଣ ଦିଗରେ ଆହ୍ୱାନ ଓ ଉପଲବ୍ଧି' ଉପରେ ବିଶିଷ୍ଟ ବକ୍ତାମାନେ ସେମାନଙ୍କର ମତ ରଖିବେ।

୨୬ ଅଗଷ୍ଟରେ ମଧ୍ୟ ୪ଟି ଅଧିବେଶନ ରହିଛି। ପ୍ରଥମ ଅଧିବେଶନର ବିଷୟ "ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ବହୁଦଳୀୟ ବନାମ ଦ୍ୱି-ଦଳୀୟ ବ୍ୟବସ୍ଥା'। ବହୁଦଳୀୟ ଓ ଦ୍ୱିଦଳୀୟ ବ୍ୟବସ୍ଥା ମଧ୍ୟରୁ କେଉଁ ବ୍ୟବସ୍ଥା ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରେ, ସେ ନେଇ ମତବିନିମୟ ହେବ। ଦ୍ୱିତୀୟ ଅଧିବେଶନରେ "୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ଓ ସଂକଳ୍ପ' ବିଷୟ ରହିଛି। ତୃତୀୟ ଅଧିବେଶନରେ "ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ରୋଲ୍ ମଡେଲ' ବିଷୟ ରହିଛି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ମଡେଲ୍ ଉପରେ ଏହି ଅଧିବେଶନରେ ଚର୍ଚ୍ଚା ହେବ। ଦ୍ୱିତୀୟ ଦିନର ଶେଷ ତଥା ଅଷ୍ଟମ ଅଧିବେଶନର ବିଷୟ ରହିଛି "ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିଛି ନୂଆ ସୁଯୋଗ ଓ ସମ୍ଭାବନା'। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଭୂମିକା, ନୂଆ ସୁଯୋଗ ଓ ସମ୍ଭାବନାକୁ ନେଇ ଏଥିରେ ଆଲୋଚନା କରାଯିବ। ଦୁଇଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶାର ଅର୍ଥନୈତିକ ବିକାଶ, ରାଜନୀତି, ଶିକ୍ଷା, ମହିଳା ସଶକ୍ତୀକରଣ, ଗଣତନ୍ତ୍ର, ୨୦୩୬ର ରୋଡମ୍ୟାପ୍, ବିପର୍ଯ୍ୟୟ ପରିଚାଳନା ଓ କ୍ରୀଡ଼ା ଭଳି ବିଭିନ୍ନ ପ୍ରସଙ୍ଗ ଗୋଟିଏ ମଞ୍ଚରେ ସ୍ଥାନ ପାଇଛି।

## ଦିଲ୍ଲୀ ଜଳବନ୍ଦୀ...

ଦିଲ୍ଲୀର ଅନେକ ମୁଖ୍ୟ ସଡ଼କ, ନିମ୍ନାଞ୍ଚଳ ଏବଂ ଯାତାୟାତ ଅଧିକ ଥିବା ଅଞ୍ଚଳରେ ଜଳବନ୍ଦୀ ଯୋଗୁଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତା ଉପରେ ଦୁଇ ଫୁଟ୍ ଉପରେ ପାଣି ପ୍ରବାହିତ ହୋଇଥିଲା। ଅନେକ ଅଞ୍ଚଳରେ ୪ କିଲୋମିଟରରୁ ଅଧିକ ରାସ୍ତାରେ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ନୋଏଡା, ଗାଜିଆବାଦ ଓ ଗୁରୁଗ୍ରାମରେ ମଧ୍ୟ ପ୍ରଭାବିତ ହୋଇଛି। ବିଶେଷ କରି ଗୁରୁଗ୍ରାମ ପରିସ୍ଥିତି ଖରାପ ହୋଇପଡ଼ିଥିବାରୁ ଆସନ୍ତାକାଲି ସ୍କୁଲ ଓ କଲେଜ ବନ୍ଦ ରହିବ। ୱାର୍କ ଫ୍ରମ ହୋମ୍ ପାଇଁ ଅଫିସଗୁଡ଼ିକଚ ପରାମର୍ଶ ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ କିଛି ଅଞ୍ଚଳରେ ଭାରୀ ବର୍ଷା ହେବାର ଆଶଙ୍କା ରହିଛି। । ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ ବର୍ତ୍ତମାନ ଦିଲ୍ଲୀରେ ଚାଲିଥିବା ବର୍ଷାର ପ୍ରମୁଖ କାରଣ ହେଉଛି ସକ୍ରିୟ ମୌସୁମୀ ଅକ୍ଷରେଖା, ଉତ୍ତରପ୍ରଦେଶ ଉପରେ ଥିବା ଲଘୁଚାପ କ୍ଷେତ୍ର ଏବଂ ବଙ୍ଗୋପସାଗରରୁ ଉତ୍ତର ଭାରତ ଦିଗକୁ ଆସୁଥିବା ଆର୍ଦ୍ରତାପୂର୍ଣ୍ଣ ପବନ।

ପ୍ରବଳ ବର୍ଷା ଦିଲ୍ଲୀବାସୀଙ୍କ ପାଇଁ ଯଦିଓ ଯାତାୟାତ ଓ ଜଳବନ୍ଦୀ ଭଳି ସମସ୍ୟା ସୃଷ୍ଟି କରିଛି, ତଥାପି ଏହାର ଏକ ସକାରାତ୍ମକ ପ୍ରଭାବ ମଧ୍ୟ ଦେଖାଯାଇଛି। ଗତ ଦୁଇ ଦିନର ବର୍ଷା ପରେ ଦିଲ୍ଲୀର ବାୟୁ ଗୁଣବତ୍ତାରେ ସୁଧାର ହୋଇଛି। ବିଭିନ୍ନ ନିରୀକ୍ଷଣ କେନ୍ଦ୍ରର ତଥ୍ୟ ଅନୁସାରେ ଅଶୋକ ବିହାରରେ ବାୟୁ ଗୁଣବତ୍ତା ସୂଚକାଙ୍କ ୯୭, ଆୟା ନଗରରେ ୧୦୦, ବାୱାନାରେ ୧୨୭, କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ୧୦୨, ଚାନ୍ଦନୀ ଚୌକରେ ୧୦୯, କମନୱେଲ୍ଥ ସ୍ପୋର୍ଟସ କମ୍ପ୍ଲେକ୍ସରେ ୮୩, ମଥୁରା ରୋଡ୍‌ରେ ୧୦୧ ଏବଂ ଡ. କର୍ଣ୍ଣି ସିଂହ ସୁଟିଂ ରେଞ୍ଜ ଅଞ୍ଚଳରେ ୮୮ ରେକର୍ଡ କରାଯାଇଛି। ଯାତ୍ରୀ ଓ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ଦକ୍ଷିଣ ଓଡ଼ିଶାର...

ହେଉଥିବା ଯୋଜନାକୁ ନେଇ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦକ୍ଷିଣ ଓଡ଼ିଶାର ପ୍ରମୁଖ ଡାକ ଯୋଗାଯୋଗ ଓ ପରିବହନ କେନ୍ଦ୍ର ଥିବା ଏହି କାର୍ଯ୍ୟାଳୟର ସ୍ୱତନ୍ତ୍ରତା ବଜାୟ ରହିବା ନିହାତି ଜରୁରୀ। ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ବେଳେ ସ୍ଥାନୀୟ ନିର୍ବାଚିତ ସାଂସଦ ତଥା ଲୋକ ପ୍ରତିନିଧିମାନଙ୍କୁ ବିଚାରବିମର୍ଶରୁ ଦୂରେଇ ରଖାଯାଉଥିବାରୁ ଜନସାଧାରଣଙ୍କ ସମସ୍ୟାର ସଠିକ୍ ପ୍ରତିଫଳନ ହୋଇପାରୁନାହିଁ। ଉଭୟ ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରମୁଖ ରାସ୍ତା, ଫ୍ଲାଏଓଭର, ବନ୍ଦର ଭିତ୍ତିକ ଶିଳ୍ପ, ନଦୀ ସଂରକ୍ଷଣ ତଥା ଜଳସେଚନ ଭିତ୍ତିଭୂମି ସମ୍ପର୍କିତ ବିଭିନ୍ନ ପ୍ରସ୍ତାବଗୁଡ଼ିକ ଉପରେ ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ଅଞ୍ଚଳବାସୀଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ତୁରନ୍ତ ଦୂର କରିବା ସହ ଗଞ୍ଜାମ ଓ ଗଜପତି ଜିଲ୍ଲାର ସମାନ୍ତରାଳ ପ୍ରଗତି ନିମନ୍ତେ ମୁଖ୍ୟ ଶାସନ ସଚିବ ତଥା ସମସ୍ତ ସମ୍ପୃକ୍ତ ବିଭାଗୀୟ ସଚିବମାନଙ୍କୁ ନେଇ ତୁରନ୍ତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡାକିବାକୁ ସାଂସଦ ଡ. ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ସେପ୍ଟେମ୍ବର ୧୧ରେ...

ହେବ। ଏହାପରେ ସେପ୍ଟେମ୍ବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନିଆ ଧର୍ମଘଟ ହେବ। ଯଦି ବ୍ୟାଙ୍କ କର୍ମଚାରୀଙ୍କ ଦାବି ଉପରେ କୌଣସି ସମାଧାନ ନ ହୁଏ, ତେବେ ବ୍ୟାଙ୍କ ୟୁନିଅନଗୁଡ଼ିକ ଅକ୍ଟୋବର ୨୬ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିବେ। ବ୍ୟାଙ୍କ ୟୁନିଅନଗୁଡ଼ିକ ଦୀର୍ଘ ଦିନ ଧରି ପାଞ୍ଚ ଦିନିଆ କାର୍ଯ୍ୟଦିବସ ପାଇଁ ଦାବି କରିଆସୁଛନ୍ତି। ପ୍ରସ୍ତାବ ଅନୁଯାୟୀ, ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଦୈନିକ କାର୍ଯ୍ୟ ଘଣ୍ଟା ପ୍ରାୟ ୪୦ ମିନିଟ୍ ବୃଦ୍ଧି କରାଯିବ ଏବଂ ଶନିବାର ଦିନ ଛୁଟି ରହିବ। ସଂଘଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ଚୁକ୍ତି ସତ୍ତ୍ୱେ, ଏ ପର୍ଯ୍ୟନ୍ତ ଏହାକୁ ସରକାରଙ୍କ ଅନୁମୋଦନ ମିଳିନାହିଁ। ବ୍ୟାଙ୍କ କର୍ମଚାରୀମାନେ ବିଶ୍ୱାସ କରନ୍ତି ଯେ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ କର୍ମଚାରୀମାନଙ୍କୁ ଏକ ଉତ୍ତମ କାର୍ଯ୍ୟ-ଜୀବନ ସନ୍ତୁଳନ ପ୍ରଦାନ କରିବ ଏବଂ ଆଧୁନିକ କାର୍ଯ୍ୟ ପଦ୍ଧତି ଅନୁଯାୟୀ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଅଗ୍ରଗତି କରିବାରେ ସକ୍ଷମ କରାଇବ।

## ଉତ୍ତର ଓଡ଼ିଶାରେ...

ବୈତରଣୀ ନଦୀ ଓ ମଥାନୀଠାରେ ଜଳକା ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଆନନ୍ଦପୁର ନିକଟରେ ବୈତରଣୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଏହି ନଦୀଗୁଡ଼ିକର ବର୍ଦ୍ଧିତ ଜଳସ୍ତର ଏବଂ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି, ନଦୀର ଜଳସ୍ତର କେବେ ବିପଦ ସଙ୍କେତ ଛୁଇଁବ, କେଉଁ ଅଞ୍ଚଳରେ ଅଧିକ ପ୍ରଭାବ ପଡ଼ିବ, ସେନେଇ ବିଭାଗ ନଜର ରଖିଛି। ସମ୍ଭାବ୍ୟ ବନ୍ୟାକୁ ମୁକାବିଲା ପାଇଁ ବିଭାଗୀୟ ସ୍ତରରେ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ନଦୀବନ୍ଧର ସ୍ଥିତି, ଜଳସ୍ତର, ଜଳପ୍ରବାହ ଓ ଦୁର୍ବଳ ସ୍ଥାନ ଉପରେ ବିଭାଗ ନଜର ରଖିଛି। ଆବଶ୍ୟକ ପଡ଼ିଲେ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତରଣ ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ପଦକ୍ଷେପ ନେବାକୁ ପ୍ରଶାସନ ପ୍ରସ୍ତୁତ ରହିଛି। କିନ୍ତୁ ଆଗାମୀ କିଛି ଘଣ୍ଟାରେ ବର୍ଷାର ତୀବ୍ରତା କେତେ ରହିବ ଏବଂ ନଦୀଗୁଡ଼ିକରେ ଜଳପ୍ରବାହ କେତେ ବଢ଼ିବ ତା' ଉପରେ ବନ୍ୟା ସ୍ଥିତିର ଗମ୍ଭୀରତା ନିର୍ଭର କରିବ ବୋଲି ସେ କହିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ତାର ପାଖାପାଖି ଉତ୍ତର ଓଡ଼ିଶା ଏବଂ ଝାଡ଼ଖଣ୍ଡ ଅଞ୍ଚଳରେ ଏହି ଲଘୁଚାପଟି ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟାରେ ଏହି ଲଘୁଚାପ ଉତ୍ତର ପଶ୍ଚିମ ଆଡକୁ ଗତି କରିବା ସହ ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା ଦେଇ ଅତିକ୍ରମ କରିବ। ଏହା ପ୍ରଭାବରେ ମଙ୍ଗଳବାର ବର୍ଷାର ପରିମାଣ କମିବା ସହ ଉପକୂଳ ଓ ଉତ୍ତର ଉପକୂଳ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ମଙ୍ଗଳବାର ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, କଟକ, ଯାଜପୁର, ଭଦ୍ରକ, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରେ ବର୍ଷା ଆଶଙ୍କା ରହିଥିବାରୁ ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏ

ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟର ସୂଚନା ଅନୁସାରେ ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ୨ଟି ବ୍ଲକ(ଭୋଗରାଇ ଓ ବାଲିଆପାଳ), ଭଦ୍ରକର ୩ଟି(ତିହିଡ଼ି, ଚାନ୍ଦବାଲି, ଧାମନଗର), ଯାଜପୁରର ୫ଟି(ଦଶରଥପୁର, ବରୀ, ରସୁଲପୁର, ବିଞ୍ଝାରପୁର, ଯାଜପୁର), କେନ୍ଦ୍ରାପଡ଼ାର ୫ଟି(ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା), କଳାହାଣ୍ଡିର ୫ଟି (ଥୁଆମୂଳ ରାମପୁର, ଜୟପାଟଣା, କଲମପୁର, କୋକସରା, ଜୁନାଗଡ଼) ଏବଂ କୋରାପୁଟର ଗୋଟିଏ ବ୍ଲକ୍ (କୋଟପାଡ଼) ପ୍ରଭାବିତ ହୋଇଛି। ବିଭିନ୍ନ ଜିଲ୍ଲାରେ ରିଲିଫ୍ କ୍ୟାମ୍ପ ମାଧ୍ୟମରେ ପ୍ରଭାବିତ ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ଜିଲ୍ଲା ପ୍ରଶାସନଗୁଡ଼ିକୁ ସ୍ଥାନୀୟ ଜଳବନ୍ଦୀ, ତଳିଆ ଅଞ୍ଚଳରେ ପାଣି ଜମିବା, ସହରାଞ୍ଚଳରେ ଅଣ୍ଡରପାସ୍ ବନ୍ଦ ହେବା, କଚ୍ଚା ରାସ୍ତା ଓ ଦୁର୍ବଳ ଢାଞ୍ଚାର କ୍ଷତି, ଭୂସ୍ଖଳନ ଏବଂ ବଗିଚା ଓ ଠିଆ ଫସଲର କ୍ଷତି ଭଳି ସମ୍ଭାବ୍ୟ ପରିସ୍ଥିତି ଉପରେ ସତର୍କ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସହ ସମନ୍ୱୟ ରଖିଛି।

## ବାରବାଙ୍କ ଘାଟିରେ...

ପରେ ଯାତ୍ରୀ ଓ ଖଣିଜ ପରିବହନକାରୀ ଗାଡ଼ିଗୁଡ଼ିକ ଅସୁବିଧାରେ ପଡ଼ିଛନ୍ତି। ଘଟଣାସ୍ଥଳରେ ରୁଗୁଡ଼ି ପୁଲିସ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କର୍ମଚାରୀ ପହଞ୍ଚି ମାଟି ଓ ପଥର ହଟାଇବା ସହ ଯାତାୟାତ ନିୟନ୍ତ୍ରଣ କରିଥିବା ଜଣାପଡ଼ିଛି। ଅବରୋଧ ହୋଇଥିବା ପାଶ୍ୱର୍ ବଦଳରେ ଅନ୍ୟ ପାଶ୍ୱର୍ ଦେଇ ଯାନବାହନ ଚଳାଚଳକୁ ସ୍ୱାଭାବିକ କରାଯାଇଛି। ସୌଭାଗ୍ୟବଶତଃ ମାଟି ଅତଡ଼ା ଖସିବା ସମୟରେ ଉକ୍ତ ସ୍ଥାନରେ କୌଣସି ଯାନ ନଥିବାରୁ ବଡ଼ଧରଣର ଧନଜୀବନ ହାନି ଘଟିନାହିଁ। ତେବେ ବର୍ଷା ଜାରି ରହିଲେ ଘାଟିର ଅନ୍ୟ ସ୍ଥାନରେ ମଧ୍ୟ ଭୂସ୍ଖଳନର ଆଶଙ୍କା ଥିବାରୁ ଯାତାୟାତ ସମୟରେ ସତର୍କ ରହିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ ସ୍ଥାନୀୟ ବାସିନ୍ଦା ଏହି ଭୂ ସ୍ଖଳନକୁ କୃତ୍ରିମ ବୋଲି କହୁଥିବା ବେଳେ ଏହା ପ୍ରାକୃତିକ କିମ୍ବା କୃତ୍ରିମ ଏଥିନେଇ ପ୍ରଶାସନ ପକ୍ଷରୁ ଯାଞ୍ଚ ଜାରି ରହିଛି। ଉଲ୍ଲେଖଯୋଗ୍ୟ, ସୋମବାର କେନ୍ଦୁଝରର ଯୋଡ଼ା ଅଞ୍ଚଳରେ ୨୪ ଘଣ୍ଟାରେ ୧୬୯.୪ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ରିପୋର୍ଟ ଆସିଛି, ଯାହା ରାଜ୍ୟର ସର୍ବାଧିକ ବର୍ଷା ରେକର୍ଡ।


### AFFIDAVIT

By an affidavit No. 135 sworn before the Executive Magistrate, Bhubaneswar, dtd-24.08.2026. I, Ambika Prasanna Mohanty, S/o- Jogesh Chandra Mohanty, resident of At-Kisanpara, Liploi, Rajgangapur, Ps- Rajgangapur, Dist-Sundargarh, Pin- 770017, State- Odisha declare that my daughter Sailendri Mohanty's name is wrongly recorded in her H.S.C certificate issued by Board of Secondary Education as **Ambika Prasad Mohanty** instead of **Ambika Prasanna Mohanty**. Both names refer to one and the same person for all purposes.

### AFFIDAVIT

I, **Subal Chandra Rout,** S/o-Suresh Rout, aged 53 years Vill/PO- Lodhani, PS-Parjang, Dist- Dhenkanal, Odisha declare that Subal Chandra Rout as in my Aadhaar, PAN and SBI Passbook and **Subal Rout** as in my Educational Certificates and Passport No. N8289851 is one and same person i.e. myself. Affidavit No. 802/20.07.2026 before Executive Magistrate, Parjang.

**Sd/- Subal Chandra Rout**

### ପଶ୍ଚିମ ରେଳବାଇ ରତଲାମ ମଣ୍ଡଳ

**ସଂଶୋଧନ ବିଜ୍ଞପ୍ତି**

ଟେଣ୍ଡର ନଂ.: RTM-2026-27-85 (ଖୋଲା ଟେଣ୍ଡର), ବନ୍ଦ ତାରିଖ/ସମୟ: ୧୫.୦୯.୨୦୨୬, ୧୫:୦୦ ଘଣ୍ଟା। କାର୍ଯ୍ୟର ନାମ: ରତଲାମ–ନାଗଦା ଷ୍ଟେସନର P F ନଂ. ୨, ୩, ୪ ଏବଂ ୫ ଏବଂ ଦାହୋଦର PF ନଂ. ୧ ଠାରେ Ballast-less Track ବ୍ୟବସ୍ଥା କରିବା। ସଂଶୋଧନ: ଟେଣ୍ଡର ବନ୍ଦ ତାରିଖ ଓ ସମୟ: ପୂର୍ବ ମୂଲ୍ୟ: ୦୪.୦୯.୨୦୨୬, ୧୫:୦୦ ଘଣ୍ଟା; ସଂଶୋଧିତ ମୂଲ୍ୟ: ୧୫.୦୯.୨୦୨୬, ୧୫:୦୦ ଘଣ୍ଟା। ବିକ୍ରି ଆରମ୍ଭ ତାରିଖ: ପୂର୍ବ ମୂଲ୍ୟ: ୨୧.୦୮.୨୦୨୬; ସଂଶୋଧିତ ମୂଲ୍ୟ: ୦୧.୦୯.୨୦୨୬। Apex/218

Like us on: facebook.com/WesternRly

### AFFIDAVIT

By virtue of an affidavit on dtd-17/08/2026 sworn before The Notary Public, Bhubaneswar. I, **Naqsh Mohanty,** D/o- Naline Kant Mohanty, resident of Plot No. 2208, Badagada Canal Sahi, Badagada Brit Colony, PS: Badagada, Bhubaneswar, Dist-Khurda, PIN-751018, Odisha declare that I have changed my name from **Swagatika Mohanty** to **Naqsh Mohanty.** Henceforth, I shall be known, called & identified as **Naqsh Mohanty** for all official & non official purposes.

**Naqsh Mohanty**

### AFFIDAVIT

By virtue of an affidavit sworn before Executive Magistrate Panpopsh, Rourkela dated 21st Aug 2026 I, **Omprakash Sahoo,** Address AT/PO: Khuntgaon, PS: Bisra, Dist: Sundargarh, 770036, Odisha declare that I have changed the name of my son from **Prince Sahoo** to **Kavyansh Kumar Sahoo**. Henceforth, he shall be known as **Kavyansh Kumar Sahoo** for all purposes.

**Omprakash Sahoo**

### AFFIDAVIT

By virtue of an affidavit sworn before the Executive Magistrate, Sohela vide no.04 on dtd.24.08.2026, I, Santosh Dishri, S/o- Janek Dishri, resident of Vill./Po.- Rengali, Ps.- Sohela, Dist.- Bargarh, Pin- 768033 state that, I have changed the name of my minor daughter **Usad Dishri** to **Usharani Dishri**. Henceforth she will be known as **Usharani Dishri** for all future purposes.

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 20-08-2026, I, NEERAJ LALANI (New Name), Address-Flat No-101, Shyam Residency, P.O-Jharpada, P.S-Laxmisagar, BBSR, Dist.-Khordha, Odisha-751006, declare that I have changed my name from (NIRAJ KUMAR LALANI) (Old Name) to (NEERAJ LALANI) (New Name) Henceforth I shall be known as **(NEERAJ LALANI)** (New Name) for all purposes.

### AFFIDAVIT

I, Safiqun Nesa holding Indian Passport No:L7398111 residing at At-Sayadpur, Po/Ps-Binjharpur, Dist-Jajpur, Pin-755004, Odisha have declared that my Husband name was incorrectly spelled as Wokil Ahmed Khan in my passport. I have corrected his name Wokil Ahemad Khan vide affidavit no 24828 Dt-24.08.2026 for all future purposes.

**Safiqun Nesa**

### ସତ୍ୟପାଠ

ଏତଦ୍ୱାରା ଘୋଷଣା କରୁଅଛି କି ଯେ ମୋର ନାମ ତିଜୋରୀ ପନିକା, ପିତା - ଦାଦୁଲାଲ ପନିକ, ନିବାସୀ: ଚିଚୋଲି, ପୋଷ୍ଟ - ଭୁକ୍ତା, ଥାନା: ଅମ୍ବାଭୋନା, ଜିଲ୍ଲା-ବରଗଡ, ହାଲ ନିବାସୀ-ଗଙ୍ଗାଧର ନଗର, ୱାର୍ଡ ନଂ-୧୪, ବରଗଡ ପୋ/ଥା: ଜିଲ୍ଲା- ବରଗଡ (ଓଡିଶା) ଆଧାର ନଂ - ୮୦୫୫ ୧୦୪୭ ୨୩୩୩ । ମୋର ମୂଳ ନାମ ତିଜୋରୀ ପନିକା, ପିତା- ଦାଦୁଲାଲ ପନିକା । କିନ୍ତୁ ମେଜର ସେଟଲମେଣ୍ଟ ଖାତା ନଂ ୩୪୬/୩୧୫ ମୌଜା- ଚିଚୋଲି, ଥାନା-ଅମ୍ବାଭୋନା, ଜିଲ୍ଲା-ବରଗଡ ମୋର ନାମ ଦରଜ ହୋଇଛି ତିଜୋରିଲାଲ ପନିକା, ପିତା-ଦାଦୁଲାଲ ପନିକା ସେହିପରି ମେଜର ସେଟଲମେଣ୍ଟ ଖାତା ନଂ ୩୫୯ ମୌଜା - ଚିଚୋଲି, ତହସିଲ: ଅମ୍ବାଭୋନା, ଜିଲ୍ଲା-ବରଗଡ ମୋର ପିତାଙ୍କ ନାମ ଦରଜ ହୋଇଛି ଦାଦୁଲାଲ ପନିକା । ମୋର ପିତା ମୃତ୍ୟୁବରଣ କରି ସାରିଛନ୍ତି-ତା.୧୪.୦୯.୧୯୮୦ରିଖ ଯେଉଁଥିରେ ମୋର ପିତାଙ୍କ ନାମ ଦରଜ ହୋଇଛି ଦାଦୁଲାଲ ପନିକା, ପିତା-କମଳ ସିଂହ ପନିକା । ବର୍ତ୍ତମାନ ଏହି ଘୋଷଣା ନାମା ବଳରେ ମୋର ମୂଳ ନାମ ହେବ ତିଜୋରୀ ପନିକା, ପିତା- ଦାଦୁଲାଲ ପନିକା ଓ ଅଜାଙ୍କ ନାମ କମଳ ସିଂହ ପନିକା ରହିବାକୁ ଚାହୁଁଅଛି । ଏଥିରେ କାହାର କୌଣସି ଆପତ୍ତି ନାହିଁ । ଏଣୁ ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା । ଏ ସମ୍ବନ୍ଧରେ ମାଜିଷ୍ଟ୍ରେଟ, ବରଗଡଙ୍କ ଠାରେ ସତ୍ୟପାଠ କରିଅଛି ।

### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS 2026029, ତା.17.08.2026 ରିଖ

**କାର୍ଯ୍ୟର ନାମ :** ବିମଳାଗଡ଼ ନୂଆ BG ରେଳ ଲିଙ୍କ୍ ତାଳଚେର ପ୍ରକଳ୍ପ ସମ୍ବନ୍ଧୀୟ ଅସ୍ଥାୟୀ ୟାର୍ଡ ସହିତ ବାରକୋଟ୍ (Ex) (Ch : 98.325 କି.ମି.)- ମାହୁଲଡିହ (Ex) (Ch : 117.525 କି.ମି.) ମଧ୍ୟରେ ସଂରଚନାରେ ମାଟି କାମ, ଛୋଟ ପୋଲ, ମୁଖ୍ୟ ପୋଲ, ଷ୍ଟେସନ ଭବନ, ସେବା ଭବନ, P.Way ଲିଙ୍କିଙ୍ଗ୍ କାର୍ଯ୍ୟ, ବାଲାଷ୍ଟ ଯୋଗାଣ, ପ୍ଲାଟଫର୍ମ କାର୍ଯ୍ୟ, ପ୍ଲାଟଫର୍ମ ସେଲ୍ଟର, ଡ୍ରେନ୍ କାମ, କାମିଙ୍ଗ୍ ସୁବିଧା, ରକ୍ଷଣ କାର୍ଯ୍ୟ (Protection work), Ch : 116.205 କି.ମି. ଠାରୁ Ch : 116.415 କି.ମି. ମଧ୍ୟରେ ଟେନେଲ କାର୍ଯ୍ୟ ଏବଂ ଅନ୍ୟ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 43080.29 ଲକ୍ଷ, EMD (₹): 8,61,60,600.00, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.09.2026 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ [illegible]

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-179/CJ/26-27

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

13001/11632/2627

ପତ୍ର ସଂଖ୍ୟା ୧୭୮୯୧/ ଭୁ.ଉ.କ., ଭୁବନେଶ୍ୱର CS-15/85 (Pt)

**ସୂଚନା**

ତା.୧୮.୦୮.୨୦୨୬ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MIG-I-G-1/24 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୨୮୬୮ ତା-୧ ରିଖ ଅନୁଯାୟୀ ସୁଧାଂଶୁ ଚନ୍ଦ୍ର କବିଙ୍କ ନାମରୁ ଶ୍ରୀ ଜଗନ୍ନାଥ ପଣ୍ଡା, ପିତା-ସ୍ୱର୍ଗତ ଲଡୁ କିଶୋର ପଣ୍ଡା, ଗ୍ରାମ /ପୋଷ୍ଟ-ପ୍ରତାପପୁର, ଥାନା-ପୁରୁଷୋତ୍ତମପୁର, ଜିଲ୍ଲା-ଗଞ୍ଜାମ, ଓଡିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା । ଇତି ମଧ୍ୟରେ କ୍ରେତା ଜଗନ୍ନାଥ ପଣ୍ଡା ମୃତ୍ୟୁ ବରଣ କରି ଅଛନ୍ତି। Death certificate Registration No. 8578/2025 dated 10.07.2025, Legal heir certificate No. E-LHC/2025/201069 dt.10.11.2025 ଅନୁଯାୟୀ କ୍ରେତା ଜଗନ୍ନାଥ ପଣ୍ଡାଙ୍କର ଉତ୍ତରାଧିକାରୀ (୧) ଭାଗ୍ୟଲତା ପଣ୍ଡା (ସ୍ତ୍ରୀ), (୨) ମିଲନ ପଣ୍ଡା (ବିବାହିତା କନ୍ୟା) ଓ (୩) ମୋନିକା ପଣ୍ଡା (ଅବିବାହିତା କନ୍ୟା) ଅଟନ୍ତି ।

ବର୍ତ୍ତମାନ କ୍ରେତା ଜଗନ୍ନାଥ ପଣ୍ଡାଙ୍କ ନାମ ପରିବର୍ତ୍ତେ (୧) ଭାଗ୍ୟଲତା ପଣ୍ଡା (ସ୍ତ୍ରୀ), (୨) ମିଲନ ପଣ୍ଡା (ବିବାହିତା କନ୍ୟା) ଓ (୩) ମୋନିକା ପଣ୍ଡା (ଅବିବାହିତା କନ୍ୟା) ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନ ର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ, ଅନୁଯାୟୀ ସମ୍ପାଦନ କରାଯିବ ।

ସା/- ଆବଣ୍ଟନ ଅଧିକାରୀ-୧

OIPR-13001/13033/1/26-27/0124 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

### OFFICE OF THE MUNICIPAL COUNCIL, ANANDAPUR

Mail Id - executiveofficer_andp@rediffmail.com Ph. No. 06731220188

No. 9056 Dt. 20.08.2026

**QUOTATION CALL NOTICE** 13001/1637/2627

Sealed quotations are hereby invited from experienced **Contractors / Event Management Agencies / Suppliers / Media Professionals** for the **Erection of Temporary Structures, Hire of Equipment, Decoration, Lighting, Logistic Arrangements, and Audio-Visual / Media Coverage** for official functions/events within the Anandapur Municipality area.

**Important Dates:**

| | | |
|---|---|---|
| Last Date & Time for Submission of Quotation | : | 28th August 2026 up to 5:30 PM |
| Date & Time of Opening of Quotation | : | 29th August 2026 at 11:00 AM |

*(Detailed specifications and Bid Details may be obtained from the Anandapur Municipality Office during office hours on any working days.)*

Sd/- Executive Officer Anandapur Municipality

OIPR-13001/13049/1/26-27/0011

### OFFICE OF THE PRINCIPAL-CUM-SECRETARY
### ANCHALIKA MAHAVIDYALAYA, HATADIHI, KEONJHAR

Email – amhatadihi@gmail.com

**REQUIREMENT**

Applications are invited from eligible retired persons for recruitment of Guest Faculties in the subjects Commerce-01, Education-01, English-01 and Political Science-01 for the session 2026-27 as per Higher Education Department, Govt. of Odisha **Notification No-57198 dt.23.10.2025.**

Interested candidates can apply through HIMS portal **https://hims.odisha.gov.in** from **Dt.25.08.2026 to 31.08.2026.**

No other mode of application will be accepted.

**Sd/-Principal-cum-Secretary**
**Anchalika Mahavidyalaya, Hatadihi, Keonjhar**

### ମହାତ୍ମାଗାନ୍ଧୀ ସ୍ନାତକ ମହାବିଦ୍ୟାଳୟ

ସା/ପୋ- ଭୁକ୍ତା, ବରଗଡ଼

**ଅତିଥି ଅଧ୍ୟାପକ ନିଯୁକ୍ତି**

ବିଜ୍ଞପ୍ତି ନଂ.-୦୧/୨୦୨୬ ତା.୨୪.୦୮.୨୦୨୬

ମହାତ୍ମା ଗାନ୍ଧୀ ସ୍ନାତକ ମହାବିଦ୍ୟାଳୟ, ଭୁକ୍ତାରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଅତିଥି ଅଧ୍ୟାପକ (Guest Faculty) ନିଯୁକ୍ତି ନିମିତ୍ତ ଆବେଦନ ଆହ୍ୱାନ କରାଯାଉଛି । ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଚିଠି ନଂ. ୫୭୧୯୮, ତା. ୨୩.୧୦.୨୦୨୫ ଅନୁସାରେ ଯୋଗ୍ୟ ପ୍ରାର୍ଥୀ (ଅବସର ପ୍ରାପ୍ତ ଅଧ୍ୟାପକ) ମାନଙ୍କୁ ନିମ୍ନୋକ୍ତ ବିଷୟ ଗୁଡିକରେ HIMS Portal (https://hims.odisha.gov.in) ମାଧ୍ୟମରେ ଆବେଦନ କରିବାକୁ ହେବ । ଅନ୍ୟଥା ଆବେଦନ ଗ୍ରହଣ କରାଯିବ ନାହିଁ । ନିଯୁକ୍ତି ସମ୍ବନ୍ଧୀୟ ସମସ୍ତ ବିବରଣୀ ଉପରୋକ୍ତ ପୋର୍ଟାଲରେ ଉପଲବ୍ଧ ଅଛି ।

ବିଷୟ–ଓଡିଆ-୦୧, ରାଜନୀତି ବିଜ୍ଞାନ-୦୧

ଆବେଦନର ସମୟ ସୀମା-ତା. ୨୬.୦୮.୨୦୨୬ରୁ ତା. ୦୪.୦୯,୨୦୨୬

ସାକ୍ଷାତକାର ତାରିଖ–ତା. ୦୯.୦୯,୨୦୨୬, ସମୟ-ଦିନ ୦୨:୦୦ ଘଟିକା

ଅଧ୍ୟକ୍ଷ-ସମ୍ପାଦକ
ମହାତ୍ମାଗାନ୍ଧୀ ସ୍ନାତକ ମହାବିଦ୍ୟାଳୟ, ଭୁକ୍ତା

### ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
### କ୍ଷୁଦ୍ର ଜଳସେଚନ ବିଭାଜନ,ନବରଙ୍ଗପୁର

32001/726/2627

**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**

ପତ୍ର ସଂଖ୍ୟା.୧୩୨୦ ତାରିଖ ୧୯.୦୮.୨୦୨୬

ନିଲାମ ଡାକର ସଂଖ୍ୟା ଅନଲାଇନ-୦୨ /କ୍ଷୁ.ଜ.ବି. ନବରଙ୍ଗପୁର/୨୦୨୬-୨୭
Bid Identification No. SEMIDNGPUR-02/2026-27
ଇ-ମେଲ: -mingpur@yahoo in, ଟେଲିଫୋନ ନମ୍ବର, ୦୬୮୫୮-୨୨୨୧୩୦

୧. କାର୍ଯ୍ୟର ନାମ: ନୂତନ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ଏବଂ ବିଭିନ୍ନ ଆଡିବନ୍ଧର ଉନ୍ନତିକରଣ ୨୦୨୬-୨୭ ବର୍ଷ ପାଇଁ ।
୨. ସର୍ବମୋଟ କାମର ସଂଖ୍ୟା: ୩୦ (ତିରିଶ) ମାତ୍ର
୩. ଅଟକଳ ମୂଲ୍ୟ: ଆନୁମାନିକ ୨.୯୭ରୁ ୬୯.୬୯ଲକ୍ଷ
୪. ଠିକାଦାରଙ୍କ ଶ୍ରେଣୀ: "ଘ", "ଗ" ଏବଂ "ଖ" ଶ୍ରେଣୀ
୫. ଟେଣ୍ଡର କାଗଜ ମୂଲ୍ୟ(Online): ଟଙ୍କା ୨,୦୦୦.୦୦ରୁ ଟଙ୍କା ୧୦,୦୦୦.୦୦
୬. ନିଲାମ ସୁରକ୍ଷା (Online): ଡି.ଟି.ସି.ଏନ. ରେ ଉପଲବ୍ଧ
୭. କାର୍ଯ୍ୟ ସମାପ୍ତି ସମୟ : ୦୧ (ଏକ) ମାସରୁ ୦୫ (ପାଞ୍ଚ) ମାସ ତା-୨୬.୦୮.୨୦୨୬ ରିଖ ଦିବା ୧୦ : ୦୦ ଘଣ୍ଟିକା ଠାରୁ ତା-୦୧.୦୯.୨୦୨୬ରିଖ
୮. ନିଲାମ ଉପଲବ୍ଧତା ତାରିଖ ଓ ସମୟ: ସନ୍ଧ୍ୟା ୫:୦୦ ଘଣ୍ଟିକା ପର୍ଯ୍ୟନ୍ତ ୱେବସାଇଟ (www.tendersorissa.gov.in) ରେ ଉପଲବ୍ଧ
୯. ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ: ତା-୨୬.୦୮.୨୦୨୬ ରିଖ ଦିବା ୧୦ : ୦୦ ଘଣ୍ଟିକା ଠାରୁ ତା-୦୧.୦୯.୨୦୨୬ରିଖ ସନ୍ଧ୍ୟା ୫:୦୦ ଘଣ୍ଟିକା ପର୍ଯ୍ୟନ୍ତ ୱେବସାଇଟ ମାଧ୍ୟମରେ
୧୦. ବୈଷୟିକ ନିଲାମ ଖୋଲିବା ତାରିଖ ଓ ସମୟ : ତା- ୦୨.୦୯.୨୦୨୬ ଦିବା ୧୧ : ୦୦ ଘଣ୍ଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ
୧୧. ଆର୍ଥିକ ବିଡ୍ ଖୋଲିବାର ତାରିଖ/ସମୟ : : ବୈଷୟିକ ବିଡ୍ ମୂଲ୍ୟାଙ୍କନ ପରେ ୱେବସାଇଟ୍ ମାଧ୍ୟମରେ ସୂଚିତ କରାଯିବ ।
୧୨. ସ୍ୱଚ୍ଛ ଲଟେରୀ ତାରିଖ (ଆବଶ୍ୟକ ସ୍ଥଳେ) : ଆର୍ଥିକ ବିଡ୍ ମୂଲ୍ୟାଙ୍କନ ପରେ ୱେବସାଇଟ୍ ମାଧ୍ୟମରେ ସୂଚିତ କରାଯିବ ।
୧୩. ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା : ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ ନବରଙ୍ଗପୁର ସ୍ଥାନ/ପୋଷ୍ଟ:-ନବରଙ୍ଗପୁର, ଜିଲ୍ଲା:-ନବରଙ୍ଗପୁର, ପିନ୍‌କୋଡ-୭୬୪୦୫୯
୧୪. ଓଡିଶା ସରକାରଙ୍କ ୱେବସାଇଟ୍‌ରେ ଅଧିକ ବିବରଣୀ ଉପଲବ୍ଧ ହେବ: www.tendersorissa.gov.in

ସ୍ୱା/- ଅଧୀକ୍ଷଣ ଯନ୍ତ୍ରୀ
OIPR-32001/32003/1/26-27/0005 କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର

### GOVT. OF ODISHA
### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR

32001/726/2627

**E-Mail ID :- exengr.mnd@gmail.com**

**'e' Procurement Notice No- MND-04/2026-27**

| | | |
|---|---|---|
| 1. Nature of Work | : | Works in River embankments & Canals |
| 2. Total No. of Works | : | 24 (Twenty Four) Nos |
| 3. Tender Cost | : | Rs.50.00 Lakh to Rs.99.00 Lakh |
| 4. Class of Contractor | : | "B" Class |
| 5. Period of completion | : | 6 (Six) Months |
| 6. EMD required | : | As mentioned in DTCN |
| 7. On-line bidding period | : | 10.00 Hrs of 01.09.2026 to 17.30 Hrs of 17.09.2026 |
| 8. Date and time of Opening of Technical Bid | : | 18.09.2026 at 11.30 Hours |

Further details can be seen from the Govt. web site https://tendersodisha.gov.in

All corrigendum/cancellation of tender if any will only be uploaded in the above web site.

Superintending Engineer
Mahanadi North Division-I
Jagatpur

OIPR-32001/32003/1/26-27/0005

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ୫୦୦ ମିଟର ଦୂର ପାଣ୍ଡେ ସରକାରୀ ସ୍କୁଲ ଅବହେଳିତ

# ଭଙ୍ଗା ଘରେ ଚାଲିଛି ପାଠପଢ଼ା, ନାହିଁ ପିଇବା ପାଣି ବ୍ୟବସ୍ଥା

ବାରିପଦା, ୨୪।୮(ସମିସ): ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ମାତ୍ର ୫ ଶହ ମିଟର ଦୂରରେ ଥିବା ପାଣ୍ଡେ ସରକାରୀ ସ୍କୁଲ ଅବହେଳିତ ଅବସ୍ଥାରେ ରହିଛି। ଭଙ୍ଗା ଘରେ ଚାଲିଛି ପାଠପଢ଼ା। ନା ଅଛି ଛାତ, ନା ଚେୟାର-ଟେବୁଲ୍। ଭଙ୍ଗା ମେଜିଆରେ ଗଢ଼ା ହେଉଛି ଭବିଷ୍ୟତ ପିଢ଼ି। ଛାତ୍ରଛାତ୍ରୀଙ୍କୁ ମିଳୁନି ସ୍ୱଚ୍ଛ ପିଇବା ପାଣି। ଓଡ଼ିଶା ଶିକ୍ଷା ବିକାଶର ରୂପାନ୍ତରଣର ବିଜ୍ଞାପନ ଓ ସ୍ମାର୍ଟ କ୍ଲାସ୍‌ର ଡିଣ୍ଡିମ ପିଟୁଥିବାବେଳେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମାରୁ ସାମ୍ନାକୁ ଆସିଛି ସରକାରୀ ଶିକ୍ଷା ବ୍ୟବସ୍ଥାର ବିକଳ ତଥା ଲଜ୍ଜାଜନକ ଚିତ୍ର। ଏହି ସରକାରୀ ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତି ଆଣିବା ଦିବରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।
ଯେଉଁଠି ଜିଲ୍ଲାର ସର୍ବୋଚ୍ଚ ପ୍ରଶାସକ ତଥା ଜିଲ୍ଲାପାଳ ବସୁଛନ୍ତି, ଠିକ୍ ତାଙ୍କ ନାକ ତଳେ ମାତ୍ର ୫ ଶହ ମିଟର ଦୂରରେ ଆଖି ବୁଜି ପଡ଼ିରହିଛି ୬୮ ବର୍ଷର ପୁରୁଣା 'ପାଣ୍ଡେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ'। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୪ କିଲୋମିଟର ପରିଧି ଭିତରେ ଥିବା ଏହି ବିଦ୍ୟାଳୟକୁ ଦେଖିଲେ ମନେହୁଏ, ପ୍ରଶାସନ ପାଇଁ ଏହା ଏକ ପରିତ୍ୟକ୍ତ




ଭୂତକୋଠି। ୧୯୫୮ରେ ପ୍ରତିଷ୍ଠିତ ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ବାସ୍ତବତା ହେଉଛି, ଏଠାରେ ଶିକ୍ଷା ଅଧିକାର କେବଳ କାଗଜପତ୍ରରେ ସୀମିତ। ଶ୍ରେଣୀଗୃହ ନାଁରେ ରହିଛି ବିପଦସଙ୍କୁଳ ଝଡ଼ିପଡୁଥିବା କାନ୍ଥ ଓ ଭଙ୍ଗା, ଫଟା ଆଜବେଷ୍ଟ। ବସିବା ପାଇଁ ଖଣ୍ଡେ ଭଲ ଚେୟାର କି ଟେବୁଲ୍ ନାହିଁ। କଅଁଳ ଶିଶୁମାନେ ସନ୍ତସନ୍ତିଆ ଭଙ୍ଗା ଚଟାଣରେ ବସି ପାଠ ପଢ଼ିବାକୁ ବାଧ ହେଉଛନ୍ତି। ସବୁଠାରୁ ଅମାନୁଷିକ କଥା ହେଉଛି, ସ୍କୁଲରେ ପିଲାଙ୍କ ପାଇଁ ସ୍ୱଚ୍ଛ ପିଇବା ପାଣି ନାହିଁ କି ପରିମଳର ସୁବିଧା ନାହିଁ। ଖରା ଗରମରେ ତୃଷାର୍ତ୍ତ ପିଲାମାନେ ପାଣି ଟୋପାଏ ପାଇଁ ଡହଳବିକଳ ହେଉଥିବାବେଳେ ବାତାନୁକୂଳିତ ଚାମ୍ବରରେ ବସୁଥିବା ବାବୁଙ୍କ ଆଖିରେ ଏହି ଦୃଶ୍ୟ ପଡୁନାହିଁ କିପରି, ତାହା ହିଁ ବଡ଼ ପ୍ରଶ୍ନ। ଜିଲ୍ଲା ମୁଖ୍ୟାଳୟର ଭିଆଇପି ରୋଡ (ସତ୍ୟସାଇ ଛକରୁ ଦାରଗାଡାହି) ଦେଇ ପ୍ରତ୍ୟେହ ସରକାରୀ ଅଧିକାରୀ ଯାଉଥିବାବେଳେ ସେମାନଙ୍କ ଗାଡ଼ିର ଧୂଳି ସ୍କୁଲ ଗେଟ୍ ଉପରେ ପଡୁଥିଲେ ମଧ୍ୟ ସେମାନେ ଆଖି ବୁଜି ଦେଉଛନ୍ତି। ପ୍ରଶାସନର ଚରମ ଅପାରଗତା ପାଇଁ ଗରିବ ଘରର ପିଲାଙ୍କ ଭବିଷ୍ୟତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଜିଲ୍ଲା ମୁଖ୍ୟାଳୟ ଛାତି ଉପରେ ଥିବା ଏହି ସ୍କୁଲର ଅବସ୍ଥା ଯଦି ଏଭଳି, ତେବେ ଜିଲ୍ଲାର ଆଭ୍ୟନ୍ତର ଅଞ୍ଚଳର ଶିକ୍ଷା ବ୍ୟବସ୍ଥା କିପରି ସ୍ଥିତିରେ ତାହା ସହଜେ ଅନୁମେୟ। ଜିଲ୍ଲା ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ଅବିଳମ୍ବେ ସ୍କୁଲର ଭିତ୍ତିଭୂମି ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଅଭିଭାବକ ଦାବି କରୁଛନ୍ତି।

## ଘର ଭିତରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଉଦଳା ୨୪।୮( ସମିସ), ଘର ଭିତରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଉଦଳା ଥାନା ଅଧିନସ୍ଥ ଉଦଳା ଏନଏସି ୧୦ ନଂ ନମ୍ବର ୱାର୍ଡରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତ ଯୁବତୀଙ୍କ ପିତା ସଂଜିତ କୁମାର ସାହୁ ପୁଅ ଓ ସ୍ତ୍ରୀଙ୍କୁ ସାଥିରେ ନେଇ ମନ୍ଦିର ଯାଇଥିବାବେଳେ ଘରେ ଝିଅ ଅମ୍ବିକା ସାହୁ ଏକୁଟିଆ ଥିଲେ। ମନ୍ଦିରରୁ ଘରକୁ ଫେରିବା ପରେ ବାପା ସଂଜିତ ଝିଅକୁ ଅନେକ ଡାକିବା ସହ ଘରର କବାଟ ବାଡ଼େଇଥିଲେ। ହେଲେ ଝିଅ କବାଟ ଖୋଲି ନ ଥିଲା। ଫଳରେ ଘର ସ୍କାଏ ଲାଇଟ୍‌ରେ ଦେଖିବା ପରେ ଝିଅକୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଏହାପରେ ଘରକବାଟ ଭାଙ୍ଗି ଝିଅକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସୂଚନାଅନୁଯାୟୀ ଏକ ମାସ ପୂର୍ବରୁ ଅମ୍ବିକାଙ୍କ ଲଗ୍ନଧରା ସରିଥିବାବେଳେ ସବୁ କିଛି ଠିକ ଥିଲା। ତେବେ ହଠାତ୍ କଣ ପାଇଁ ଅମ୍ବିକା ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ଏବେବି ସନ୍ଦେହ ଘେରରେ। ଖବର ପାଇ ଉଦଳା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସୀମାନ୍ତ ମହାବିଦ୍ୟାଳୟରେ ନାରୀ ସଶକ୍ତୀକରଣ ସଚେତନତା



ସାରସକଣା ୨୪।୮(ସମିସ): ସାରସକଣା ବ୍ଲକ୍ ଝାରପୋଖରୀଆସ୍ଥ ସୀମାନ୍ତ ମହାବିଦ୍ୟାଳୟରେ ନାରୀ ସଶକ୍ତୀକରଣ ସଚେତନତା କର୍ମଶାଳା ଅଧ୍ୟକ୍ଷ ପ୍ରହଲ୍ଲାଦ ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରକୁ ଏକ ମାନବିକତା ସମାନତା ଓ ନୈତିକତାର ପୀଠସ୍ଥଳୀ କରିବା ପାଇଁ ଅଧ୍ୟକ୍ଷ ଆହ୍ୱାନ ଦେଇଥିଲେ। ଝାରପୋଖରୀଆ ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ନ୍ୟାୟ ସଂହିତାର ବିଭିନ୍ନ ଧାରା ବିଷୟରେ ବିଷଦ ବ୍ୟାଖ୍ୟା କରି ଛାତ୍ରୀ ଓ ମହିଳା କର୍ମଚାରୀଙ୍କୁ ତାର ସଦୁପଯୋଗ କରିବା ପାଇଁ ବୁଝାଇ ଥିଲେ। ମହାବିଦ୍ୟାଳୟର ଶକ୍ତିଶ୍ରୀ ସଂଯୋଜିକା ଡା. ପ୍ରାଚୀପ୍ରଭା ପଢିଆରୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ପୋଷ୍ ଆକ୍ଟ ବିଷୟରେ ମତବ୍ୟକ୍ତ କରିଥିଲେ। ସେହିପରି ପ୍ରଶାସନିକ ଅଧିକାରୀ ଅନିଲ କୁମାର ଝା, ପ୍ରାଧ୍ୟାପକ ରଞ୍ଜନ କୁମାର ମହାନ୍ତି, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ମୁଖ୍ୟା ଡା. ଧରିତ୍ରୀ ବେହେରା କମିଟିର କାର୍ଯ୍ୟଶୈଳୀ ସଂପର୍କରେ ଦିଗଦର୍ଶନ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ମହାବିଦ୍ୟାଳୟର ପରିସରକୁ ସମାନତା, ସ୍ୱାଧୀନତା, ସମାନ ସୁଯୋଗ ଓ ଭେଦଭାବ ଶୂନ୍ୟ କରିବା ପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯଥା ଲେଫ୍ଟନେଣ୍ଟ ନିହାର ରଞ୍ଜନ ମହାନ୍ତ, ଅଜୟ କୁମାର ପରିଡା, ସପ୍ନେଶ୍ୱରୀ ମୁର୍ମୁ, ସ୍ନିଗ୍ଧା ଆଚାର୍ଯ୍ୟ, ରାମକୃଷ୍ଣ ହରିଜନ, ନିରୋଜ ରଞ୍ଜନ ମହାନ୍ତ ସହଯୋଗ କରିଥିଲେ।

● ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର

## ଶତାଧିକ ଲୋକଙ୍କୁ ଚିକିତ୍ସା ପରାମର୍ଶ ଓ ଔଷଧ ବଣ୍ଟନ




ବାରିପଦା, ୨୪।୮ (ସମିସ): ଆୟୁର୍ବେଦ ଓ ପ୍ରାକୃତିକ ଚିକିତ୍ସା ପଦ୍ଧତିର ପ୍ରଚାର ପ୍ରସାର ଓ ଏହାର ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ହୋପ୍ସ ଟ୍ରଷ୍ଟ ପକ୍ଷରୁ ଗାଙ୍ଗରାଜ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଏକ ନିଶୁଳ୍କ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶତାଧିକ ଲୋକ ଯୋଗଦେଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ପ୍ରକାଶ କୁମାର ମଣ୍ଡଳ, ଡାକ୍ତର ରଜତ କୁମାର ନାୟକ, ଡାକ୍ତର ସ୍ମୃତିରଞ୍ଜନ ବେହେରା ଓ ଡାକ୍ତର ସୋନାଲି ମିଶ୍ରଙ୍କଠାରୁ ଚିକିତ୍ସା ପରାମର୍ଶ ନେଇଥିଲେ। ଆବଶ୍ୟକତା ଅନୁଯାୟୀ ରୋଗୀଙ୍କୁ ନିଶୁଳ୍କ ଆୟୁର୍ବେଦିକ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା। ଏ ଅବସରରେ ଗାଙ୍ଗରାଜ ପଞ୍ଚାୟତର ସରପଞ୍ଚ ଦିଲ୍ଲୀପ କୁମାର ନାୟକ ମୁଖ୍ୟଅତିଥି, ରେଡକ୍ରସର ଆଜୀବନ ସଦସ୍ୟ ଅମର ସେଠୀ, ପଞ୍ଚାୟତ ସମିତି ସଦସ୍ୟ କୃଷ୍ଣଚନ୍ଦ୍ର ମହାକୁଡ, ଆଇନଜୀବୀ ଦୀପକ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ହୋପ୍ସ ଟ୍ରଷ୍ଟର ଏହି ପଦକ୍ଷେପକୁ ଏକ ଉଲ୍ଲେଖନୀୟ ଜନସେବାମୂଳକ ପ୍ରୟାସ ବୋଲି କହିବା ସହ ଗ୍ରାମାଞ୍ଚଳରେ ଆୟୁର୍ବେଦିକ ଚିକିତ୍ସା ପ୍ରତି ସଚେତନତା ବୃଦ୍ଧିରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ହୋପ୍ସ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଜୟଶ୍ରୀ ଜେନାଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ତାପସ କୁମାର ନାୟକ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନାରେ ପ୍ରମୁଖ ଭୂମିକା ନେଇଥିଲେ। ଟ୍ରଷ୍ଟର ସଦସ୍ୟ ଦୀପଙ୍କର ପରିଡ଼ା, ସୁବ୍ରତ ଜେନା, ସୁଜାତା ପୁଟି, ସୌମ୍ୟରଞ୍ଜନ ଦଳେଇ, ସୁଦୀପ ପାତ୍ର, ସମ୍ବିତ ଜେନା ଓ ଗଣେଶ ଚନ୍ଦ୍ର କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଶ୍ରମ ଉପଆୟୁକ୍ତଙ୍କ ନ୍ୟୁ ମଡର୍ଣ୍ଣ ଟେକ୍ନୋମେକ ଶ୍ରମିକଙ୍କ ଶୁଣାଣି

ବାରିପଦା, ୨୪।୮(ସମିସ) ବାରିପଦାସ୍ଥ ନ୍ୟୁ ମଡର୍ଣ୍ଣ ଟେକ୍ନୋମେକ ପ୍ରାଇଭେଟ୍ ଲିମିଟେଡ କାରଖାନାରେ ୨୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ଦୀର୍ଘ ବର୍ଷ ଧରି କାମ କରୁଥିବା ସତ୍ତ୍ୱେ ମଜୁରୀ ନ ମିଳିବାରୁ ଶ୍ରମିକଙ୍କ ମଧ୍ୟରେ ଅଶାନ୍ତି ଦେଖାଯାଇଛି। ଏହାକୁ ପ୍ରତିବାଦ କରି ଏଆଇଟିୟୁସି ସହବନ୍ଧିତ ନିଉ ମଡର୍ଣ୍ଣ ଟେକ୍ନୋମେକ ଶ୍ରମିକ ୟୁନିଅନ ପକ୍ଷରୁ ସୋମବାରଠାରୁ ଧାରଣା ଦେବା ପାଇଁ ସଚେତନ କରାଯାଇଥିଲା। ଜିଲ୍ଲା ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଥିରେ ହସ୍ତକ୍ଷେପ କରି ଶ୍ରମିକ ସଂଘକୁ ଆଲୋଚନା ପାଇଁ ଡକାଇଥିଲେ ଏବଂ ତାହା ଫଳପ୍ରଦ ହୋଇଛି। ଶ୍ରମ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟରତ ଶ୍ରମିକଙ୍କ କାର୍ଯ୍ୟାନୁଯାୟୀ ବର୍ଗୀକରଣ ସହ ମଜୁରୀ ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ମାଲିକଙ୍କ ପକ୍ଷରୁ କେହି ଉପସ୍ଥିତ ଥିବା ଦେଖାଯାଇନାହିଁ। ଶ୍ରମ କାର୍ଯ୍ୟାଳୟରେ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ସଭାପତି ବସନ୍ତ କୁମାର ନାଏକ, ସୁବାସ ଚନ୍ଦ୍ର ମହାନ୍ତ, ସନ୍ତୋଷ କୁମାର ସାହୁ, ମଧୁସୂଦନ ଦଳ ନାଏକ, ମୁକେଶ ମହାନ୍ତ, ତରୁଣ କୁମାର ମହାନ୍ତ, ସରୋଜ, ଦେବେନ୍ଦ୍ର ବେହେରା, ଈଶ୍ୱର ନାଏକ,ଅଜୟ ମହାନ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ସଂଘ ପକ୍ଷରୁ ଧାରଣାକୁ ସ୍ଥଗିତ କରାଯାଇଛି। ଏଆଇଟିୟୁସି ଜିଲ୍ଲା ସଭାପତି ସାଥୀ ଜଗବନ୍ଧୁ ମିଶ୍ର ଓ ସମ୍ପାଦକ ସାଥୀ କାହ୍ନୁଚରଣ ବେହେରା ଉପସ୍ଥିତ ରହି ଶୁଣାଣିକୁ ଅଗ୍ରସର କରିଥିଲେ।




## ଶୀର୍ଷା ଆଦର୍ଶ ବିଦ୍ୟାଳୟରେ ପରିଚାଳନା କମିଟିର ଜରୁରୀ ବୈଠକ

ସାରସକଣା,୨୪।୮(ସମିସ):ସାରସକଣା ବ୍ଲକ୍ ଶୀର୍ଷାସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଳିତ ବର୍ଷ ପାଇଁ ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ସାରସକଣା ବ୍ଲକ୍‌ର ଏ.ବି.ଡି.ଓ ଦେବାଶିଷ ସାହୁ, ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଏନ୍ କେ ଘୋଷ୍, ସାରସକଣା ତହସିଲଦାର ମନୋଜ କର୍ମୀ, ଶିକ୍ଷାବିତ୍ କୁଞ୍ଜ ବିହାରୀ ସେଠୀ, ଶିକ୍ଷାବିତ୍ ଭାରତୀ ବେହେରା ଯୋଗ ଦେଇଥିଲେ। ଆରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ସୁମନ୍ ଜାନା ଅତିଥିଙ୍କୁ ସ୍ୱାଗତ କରିଥିଲେ ଓ ବିଭିନ୍ନ କ୍ଷେତ୍ରରେ ବିଦ୍ୟାଳୟର ସଫଳତା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବିଗତ ବର୍ଷରେ ବିଦ୍ୟାଳୟ ଯେଉଁ ସଫଳତା ହାସଲ କରିଛି ତାହାକୁ ସମସ୍ତେ ପ୍ରଶଂସା କରିଥିଲେ। ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟରେ ପଡ଼ିଆ ନ ଥିବାରୁ ଚଳିତ ବର୍ଷ ଖେଳ ପଡ଼ିଆ କରିବା ପାଇଁ କମିଟି ଗୁରୁତ୍ୱ ଦେଇଛି। ବିଦ୍ୟାଳୟରେ ଖାଲି ପଡ଼ିଥିବା କିରାଣୀ ପଦବୀ ପୂରଣ, ୧୦୦ ଶଯ୍ୟା ବିଶିଷ୍ଟ ନିର୍ମିତ ଛାତ୍ରାବାସ ପଦବୀ ପୂରଣ, ବିଦ୍ୟାଳୟରେ ବିଦ୍ୟୁତ୍ ଜନିତ ସମସ୍ୟା ଓ ସେଥିପାଇଁ ଏକ ନୂଆ ଟ୍ରାନ୍ସଫର୍ମର୍ ବସାଇବା, ବିଦ୍ୟାଳୟର ସମ୍ମୁଖରେ ଥିବା ଅବ୍ୟବହୃତ ପୁରୁଣା ଘରକୁ ଭାଙ୍ଗିବା, ଖାଇବା ଘର ସମ୍ମୁଖରେ ଏକ ଛାଉଣୀ କରିବା ଭଳି ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ସମସ୍ତ କମିଟି ସଦସ୍ୟ ବିଦ୍ୟାଳୟ ପରିସର ଓ ଛାତ୍ରାବାସ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ବିଭିନ୍ନ ପାଣ୍ଠିରୁ ଆସୁଥିବା ଅର୍ଥରାଶିର କିପରି ସୁବିନିଯୋଗ ହୋଇପାରିବ କମିଟିରେ ନିଷ୍ପତ୍ତି ନିଆଯାଇଥିଲା। ପରିଶେଷରେ ପିଲାଙ୍କର ସର୍ବାଙ୍ଗୀନ ଉନ୍ନତି କିପରି ହୋଇପାରିବ କମିଟି ବିସ୍ତୃତ ଆଲୋଚନା କରିଥିଲା।



## ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବାରିପଦା, ୨୪।୮(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସଭାପତି ମେଜର ରବୀନ୍ଦ୍ର ନାଥ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଦୁଇଜଣ ବରିଷ୍ଠ ତଥା ବର୍ଷିଆନ ଆଜୀବନ ସଦସ୍ୟ ଡା. ପ୍ରମଥନାଥ ଭୂୟାଁ ଓ ନକୁଳ ଚନ୍ଦ୍ର ସେନାପତିଙ୍କ ଅମର ଆତ୍ମାର ସଦଗତି ପାଇଁ ସ୍ମୃତିଚାରଣ କରାଯାଇଥିଲା। ସ୍ୱର୍ଗତ ଭୂୟାଁଙ୍କ ଜନ୍ମ ୪।୧୦।୧୯୪୧ ଓ ସ୍ୱର୍ଗତ ସେନାପତିଙ୍କ ଜନ୍ମ ୧୪।୧୦।୧୯୪୩ ହୋଇଥିବାବେଳେ ଉଭୟଙ୍କର ମୃତ୍ୟୁ ୧୮।୮। ୨୬ ଅଟେ। ଉକ୍ତ କାର୍ଯ୍ୟକ୍ରମରେ ଉପଦେଷ୍ଟା ରାସେଶ୍ୱର ସାହୁ, ପୂର୍ବତନ ସମ୍ପାଦକ ପ୍ରତ୍ୟୁଷ ମହାନ୍ତି, ପରମେଶ୍ୱର ପୁଟ୍ଟୀ, ପ୍ରଦୀପ ନାୟକ, ଉପସଭାପତି ବୀଣାପାଣି ପଣ୍ଡା ଓ ନଳୀନ କୁମାର ଚୌଧୁରୀ, ସମ୍ପାଦକ ପ୍ରଦୀପ ପାଣି ଉଭୟଙ୍କର ବ୍ୟକ୍ତିଗତ ଜୀବନ ଓ ସଂଘ ସଦସ୍ୟ ଭାବେ ସେମାନଙ୍କର କାର୍ଯକଳାପ ସମ୍ବନ୍ଧରେ ବହୁ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ସଭାପତି ଶ୍ରୀ ପରିଡ଼ା ଡାକ୍ତର ଭୂୟାଁଙ୍କ ସହିତ ପାରିବାରିକ ସମ୍ପର୍କ ସହ ସ୍ୱର୍ଗତ ସେନାପତିଙ୍କ ସଂଘରେ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଯୁଗ୍ମସମ୍ପାଦକ ସନ୍ତୋଷ କୁମାର କାସ୍ତ ଧନ୍ୟବାଦ ଦେଇଥିଲେ। ଏଥିରେ କାର୍ଯକାରୀ ସଦସ୍ୟ ସଞ୍ଜୀବ କୁମାର ଦଣ୍ଡପାଟ, ବସନ୍ତ କୁମାର ପାତ୍ର, ସଞ୍ଜୟ କୁମାର ନାୟକ, ଅନୀଲକାନ୍ତ ପଣ୍ଡାଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ।



## ଦୁଇ କାଠମାଫିଆ କୋର୍ଟ ଚାଲାଣ

ରାଇରଙ୍ଗପୁର, ୨୪।୮ (ସମିସ): ଆଜି ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ ଫରେଷ୍ଟ ରେଞ୍ଜ ଅଞ୍ଚଳରୁ ଦୁଇ କାଠ ମାଫିଆ ଗିରଫ ହେବା ପରେ କୋର୍ଟଚାଲାଣ ହୋଇଥିବା ଜଣାପଡ଼ିଛି। କୋର୍ଟଚାଲାଣ ହୋଇଥିବା କାଠ ମାଫିଆ ମଦନ ସାହୁ ଓ ହିମାଚଳ ପ୍ରଦେଶର ସେକ୍ ଇସରାଇଲ ବୋଲି ଜଣାପଡ଼ିଛି। ସେମାନଙ୍କ ବିରୋଧରେ ଓଡ଼ିଶା ଟିମ୍ବର ଓ ଓଡ଼ିଶା ଅଦର୍ସ ଫରେଷ୍ଟ ଆକ୍ଟରେ ମାମଲା ରୁଜୁ ହୋଇଛି।

## ଦୁର୍ଘଟଣାରେ ଯୁବକ ମୃତ

ରାଇରଙ୍ଗପୁର, ୨୪।୮ (ସମିସ): ରାଇରଙ୍ଗପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ଗୋରୁମହିଷାଣୀ ଥାନା ଅଞ୍ଚଳର ବିଜାତଳା ବ୍ଲକର ସାନବାଣ୍ଡା ଗ୍ରାମର ଅଲେଖ ଚନ୍ଦ୍ର ଧଳ ଘରର କୌଣସି କାମ ପାଇଁ ସାଇକଲରେ ଯାଉଥିବାବେଳେ ରାସ୍ତାରେ ଖସିପଡ଼ିଥିଲେ। ଦୁର୍ଘଟଣା ରବିବାର ସକାଳେ ଘଟିଥିଲା। ପରେ ପରିବାର ଲୋକେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ଗୋରୁମହିଷାଣୀ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

● ଶ୍ରାବଣ ଶେଷ ସୋମବାର

## ମା' କିଚକେଶ୍ୱରୀଙ୍କ ପୀଠରେ ଶତାଧିକ କାଉଡ଼ିଆଙ୍କ ଭିଡ଼

ଖିଚିଂ/ଶୁକୃଳି, ୨୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକ ଅଧୀନସ୍ଥ ଖିଚିର ମା' କିଚକେଶ୍ୱରୀଙ୍କ ପୀଠରେ ଅବସ୍ଥିତ କୁଟାଇତୁଣ୍ଡି ଓ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିରରେ ଶ୍ରାବଣ ମାସ ଶେଷ ସୋମବାରରେ ଶହ ଶହ ମାନସିକଧାରୀ କାଉଡିଆ ଜଳାଭିଷେକ କରିବା ସହିତ ମା' କିଚକେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ପ୍ରତିକୂଳ ପାଗ ସତ୍ତ୍ୱେ ପୁଣ୍ୟ ଅର୍ଜନ ପାଇଁ ବଡ଼ିଭୋରରୁ ବହୁ ଶ୍ରଦ୍ଧାଳୁ ମହିଳା, ପୁରୁଷ ଓ କୁନି ଭକ୍ତ ନିକଟସ୍ଥ ପୁଣ୍ୟତୋୟା ଦୋମୁହାଣି ତୀର୍ଥଘାଟରୁ ପାଣି ଭାର ଧରି ଓଁ ନମଃ ଶିବାୟ, ବୋଲ ବମ ହର ହର ବମ ଧ୍ୱନି ଦେଇ ମା' କିଚକେଶ୍ୱରୀଙ୍କ ପୀଠରେ ପହଞ୍ଚି କୁଟାଇତୁଣ୍ଡି ଓ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିରରେ ଜଳାଭିଷେକ କରିଥିଲେ।



## ସ୍ୱାମୀଜୀଙ୍କ ଜନ୍ମ ଶତବାର୍ଷିକୀ



ମୋରଡ଼ା, ୨୪।୮(ସମିସ): ବିଶ୍ୱହିନ୍ଦୁ ପରିଷଦ ମୋରଡା ପ୍ରଖଣ୍ଡ ପକ୍ଷରୁ ବେଦାନ୍ତ କେଶରୀ ସନ୍ଥ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଖଣ୍ଡ ପାଳକ ଅଧିକାରୀ ତଥା ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ପାଳ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ଜାଳି ଉତ୍ସବକୁ ଉଦଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସ୍ୱାମୀଙ୍କ ଧର୍ମାନ୍ତରୀକରଣ ରୋକିବା, କନ୍ଧମାନଙ୍କ ଶିକ୍ଷା ସଂସ୍କୃତିର ବିକାଶ ପାଇଁ ଆତ୍ମବଳୀ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମଣ ମହାନ୍ତ, ମାର୍କଣ୍ଡ ବେହେରା, ସୁରେଶ ଚନ୍ଦ୍ର ବରାଳ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ ଜିଲ୍ଲାରେ 'ଉଲ୍ଲାସ-୨୬' ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବାରିପଦା, ୨୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ 'ଉଲ୍ଲାସ-୨୬' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣରେ ଜିଲ୍ଲାର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଓ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କୁ ନେଇ ମୋଟ ୬୫ ଜଣ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡିଆଇଇଟିର ଅଧ୍ୟକ୍ଷା ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏଡିଇଓ ବିନୋଦ ସିଂ, ବାରିପଦା ବିଇଓ ଅନୁଜା ମାଧୁରୀ ଦାସ ଓ ଶାମାଖୁଣ୍ଟା ବିଇଓ ଦୀପ୍ତିମୟୀ ସିଂଙ୍କ ଦ୍ୱାରା ବିଷୟ ଭିତ୍ତିକ ଆଲୋଚନା ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ 'ଉଲ୍ଲାସ-୨୦୨୬'ର ପରିଚୟାତ୍ମକ ଅଧିବେଶନ, ସିଆରସିସିଙ୍କ ଭୂମିକା, ସ୍କୁଲର ପ୍ରଧାନଶିକ୍ଷକଙ୍କ ଭୂମିକା, ବିଇଓଙ୍କ ଭୂମିକା ଓ ଦାୟିତ୍ୱ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହିତ ଉଲ୍ଲାସ ପୋର୍ଟାଲରେ କ୍ରେଡେନ୍ସିଆଲ୍ସର ବ୍ୟବହାର ଓ ପ୍ରକ୍ରିୟା, ପୋର୍ଟାଲ ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ସର୍ଟଲିଷ୍ଟ କରିବାର ପ୍ରକ୍ରିୟା, ଅନୁଦାନର ସୁଚାରୁ ବିନିଯୋଗ, ଡାଉଟ୍ କ୍ଲିୟରିଂ କ୍ଲାସ୍ ପରିଚାଳନା ଓ ବ୍ଲକ ସ୍ତରରେ କାର୍ଯ୍ୟ ମଡ୍ୟୁଲ୍ ପ୍ରସ୍ତୁତି ସମ୍ପର୍କରେ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ହ୍ୟାଣ୍ଡ୍ସ-ଅନ୍ ଟେକ୍ନିକାଲ୍ ସେସନ୍, ଯେଉଁଥିରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉଲ୍ଲାସ ପୋର୍ଟାଲର ବ୍ୟବହାର, ଲଗ୍-ଇନ୍, କ୍ରେଡେନ୍ସିଆଲ୍ ବ୍ୟବହାର, ଶିକ୍ଷାର୍ଥୀ ଚୟନ ଓ ଅନ୍ୟାନ୍ୟ ଆବଶ୍ୟକୀୟ ପ୍ରାୟୋଗିକ ପ୍ରକ୍ରିୟା ସମ୍ପର୍କରେ ପ୍ରାୟୋଗିକ ଅଭ୍ୟାସ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କ ଅଧ୍ୟକ୍ଷୀୟ ଅଭିଭାଷଣରେ ଉଲ୍ଲାସ-୨୦୨୬ର ସଫଳ ରୂପାୟଣ ପାଇଁ ବ୍ଲକ ଓ ବିଦ୍ୟାଳୟ ସ୍ତରରେ ସମନ୍ୱିତ ଭାବେ କାର୍ଯ୍ୟ କରିବା ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

**ଆକାଶଛୁଆଁ ଦରବୃଦ୍ଧି**

# ମଧ୍ୟାହ୍ନଭୋଜନକୁ ନେଇ ଚିନ୍ତାରେ ଶିକ୍ଷକ, ଅନୁଦାନ ବୃଦ୍ଧି ଦାବି

ମୋରଡ଼ା, ୨୪।୮(ସମିସ): ଦୀର୍ଘଦିନ ଧରି ମୟୂରଭଞ୍ଜ ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରେ ଲଗାଣ ବର୍ଷା ଲାଗି ରହିଥିବାବେଳେ ଦୁଇଦିନ ହେବ ବର୍ଷା କମିଛି। ଏହି ସମୟରେ ବଜାରରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଅହେତୁକ ଦରବୃଦ୍ଧିର ସିଧାସଳଖ ପ୍ରଭାବ ବିଦ୍ୟାଳୟରେ ପଢୁଥିବା କୁନି କୁନି ପିଲାଙ୍କ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଉପରେ ପଡ଼ିଛି। ବଜାରରେ ଏବେ ରସୁଣ କେଜି ପିଛା ୧୬୦ ଟଙ୍କା, ପିଆଜ ୫୦ ଟଙ୍କା, ଖାଇବା ତେଲ ୨୦୦ ଟଙ୍କା, ଚିନି କେଜି ୭୦ ଟଙ୍କା ଓ ଅଣ୍ଡା ଦର ୮ ଟଙ୍କାରେ ପହଞ୍ଚିଛି। ଏଥିସହ ଅନ୍ୟାନ୍ୟ ପନିପରିବା ଦର ମଧ ମଧ କେଜି ପ୍ରତି ୫୦ ଟଙ୍କାରୁ ଅଧିକ ରହିଛି। ସରକାରୀ ନିୟମ ଅନୁସାରେ ପ୍ରାଥମିକ (ପ୍ରଥମରୁ ପଞ୍ଚମ ଶ୍ରେଣୀ) ପିଲାଙ୍କ ପାଇଁ ମୁଣ୍ଡପିଛା ୧୧.୧୫ ଟଙ୍କା ଓ ଉଚ୍ଚ ପ୍ରାଥମିକ (ଷଷ୍ଠରୁ ଅଷ୍ଟମ/ ଦଶମ ଶ୍ରେଣୀ) ପାଇଁ ୧୪.୭୪ ଟଙ୍କା ମଧ୍ୟାହ୍ନଭୋଜନ ଖର୍ଚ୍ଚ ଧାର୍ଯ୍ୟ କରାଯାଇଛି। ସପ୍ତାହରେ ୩ ଦିନ ଅଣ୍ଡା ଦେବା ବାଧ୍ୟତାମୂଳକ ଥିବାବେଳେ ବର୍ତ୍ତମାନର ବର୍ଦ୍ଧିତ ବଜାର ଦର ମଧ୍ୟରେ ଏହି ସୀମିତ ଅନୁଦାନରେ ଗୁଣାତ୍ମକ ଖାଦ୍ୟ ଯୋଗାଇବା ୩୦ରୁ କମ୍ ପିଲା ଥିବା ବିଦ୍ୟାଳୟର ଶିକ୍ଷକଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ତେବେ ଅନେକ ଶିକ୍ଷକ ନାମ ଗୋପନୀୟ ରଖି ପ୍ରକାଶ କରିଛନ୍ତି ଯେ, ବଜାର ଦର ବୃଦ୍ଧି ଯୋଗୁଁ ମଧ୍ୟାହ୍ନଭୋଜନ ପରିଚାଳନାରେ ସେମାନେ ନିୟମିତ ଅସୁବିଧାର ସମ୍ମୁଖୀନ ହେବା ସହ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଉଛନ୍ତି। ସରକାର ତୁରନ୍ତ ମଧ୍ୟାହ୍ନଭୋଜନ ମୁଣ୍ଡପିଛା ଅନୁଦାନ ବୃଦ୍ଧି କରିବା ସହ ଲଗାଣ ବର୍ଷା ବନ୍ୟାରେ ବିଦ୍ୟାଳୟର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇଦେବାକୁ ଦାବି ହୋଇଛି। ରାସଗୋବିନ୍ଦପୁର ବ୍ଲକର ନାକୀଟୁଆ, ରାସଗୋବିନ୍ଦପୁର, ସାରୁମୁଳା, ରାଘବପୁର, ମାଣିଦା ପଞ୍ଚାୟତ, ମୋରଡା ବ୍ଲକର ଘୋଳମୁହାଁ, ହଳଦୀପାଳ, ମୋରଡା, ଚିତ୍ରଡା ଆଦି ପଞ୍ଚାୟତରେ ପାଣି ହ୍ରାସ ପାଇବା ପରେ ଶ୍ରେଣୀଗୃହରେ କାଦୁଅ ଓ ପଟୁମାଟି ଜମି ରହିଥିବାରୁ ପାଠପଢ଼ା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିନାହିଁ। ଏଥିଯୋଗୁଁ ଅନେକ ଅଭିଭାବକ ପିଲାଙ୍କୁ ସ୍କୁଲ ପଠାଇବାକୁ କୁଣ୍ଠାବୋଧ କରୁଛନ୍ତି।

● ଶ୍ରାବଣ ଶେଷ ସୋମବାର

## ବିଭିନ୍ନ ଶୈବ ପୀଠରେ କାଉଡ଼ିଆଙ୍କ ଭିଡ଼



ତେଲକୋଇ,୨୪।୮ (ସମିସ): ଆଜି ଶ୍ରାବଣ ମାସର ଶେଷ ସୋମବାରରେ ତେଲକୋଇ ଅଞ୍ଚଳର ବିଭିନ୍ନ ଶୈବ ପୀଠରେ କାଉଡ଼ିଆଙ୍କ ଭିଡ଼ ଜମିଛି। କମାଳାଙ୍ଗସ୍ଥିତ ବାବା କମଳେଶ୍ୱର ଶୈବ ପୀଠରେ ଶହଶହ କାଉଡ଼ିଆ ସମାଗମ ହୋଇଥିଲା। ଜିଲ୍ଲା ତଥା ଜିଲ୍ଲା ବାହାରୁ ଶତାଧିକ କାଉଡ଼ିଆ ମଧ୍ୟରାତ୍ରୀରୁ ଆସି ମନ୍ଦିର ପ୍ରାଙ୍ଗଣରେ ରହି ଭୋରୁ ସମୟରେ ଜଳାଭିଷେକ କରିଥିଲେ। ଅନେକ କାଉଡ଼ିଆ ନିକଟସ୍ଥ ସମାକୋଇ ନଦୀର ବିଭିନ୍ନ ଘାଟରୁ ଜଳ ଉଠାଇ ବାବା କମଳେଶ୍ୱରଙ୍କ ଠାରେ ଜଳଲାଗି କରିଥିଲେ। ଫଳରେ ସମାକୋଇ ନଦୀର ବିଭିନ୍ନ ଘାଟ ଚଳଚଞ୍ଚଳ ହେବା ସହିତ ପୂଜାର୍ଚ୍ଚନାରେ ମହମହ ବାସୁଥିଲା। ସ୍ଥାନୀୟ ମନ୍ଦିର କମିଟି ପକ୍ଷରୁ କାଉଡ଼ିଆଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇ ଥିବା ବେଳେ ଅଞ୍ଚଳର ଯୁବ ଗୋଷ୍ଠୀଙ୍କ ପକ୍ଷରୁ ପ୍ରସାଦ ସେବନ ଠାରୁ ଆରମ୍ଭ କରି ଜଳପାନର ସୁ ବନ୍ଦୋବସ୍ତ ହୋଇଥିଲା। ସେହିପରି ତେଲକୋଇ ସ୍ଥିତ ବାବା ନୀଳ କଣ୍ଠେଶ୍ୱର, ଖୁଣ୍ଟାପଡ଼ାସ୍ଥିତ ବାବା ବ୍ରହ୍ମେଶ୍ୱର, ସିରିଗିଡ଼ାସ୍ଥିତ ବାବା ସିଦ୍ଧେଶ୍ୱର, ବିମଳାସ୍ଥିତ ବାବା ବୁଦ୍ଧେଶ୍ୱର ସହିତ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଶୈବପୀଠ ମାନଙ୍କରେ କାଉଡ଼ିଆ ତଥା ଭକ୍ତଙ୍କ ଭିଡ଼ ଜମିଥିଲା।

## କାଉଡ଼ିଆଙ୍କ ପାଇଁ ଆଞ୍ଚଳିକ ଟ୍ରକ ମାଲିକ ସଂଘର ସେବା କାର୍ଯ୍ୟ



ଯୋଡ଼ା,୨୪।୮ (ସମିସ): ପବିତ୍ର ଶ୍ରାବଣ ମାସ ଅବସରରେ କାଉଡ଼ିଆଙ୍କ ସେବା ପାଇଁ ଆଗେଇ ଆସିଛି ଆଞ୍ଚଳିକ ଟ୍ରକ ମାଲିକ ସଂଘ। ଭକ୍ତମାନଙ୍କ ଯାତାୟାତ ସୁବିଧାକୁ ଦୃଷ୍ଟିରେ ରଖି ବିଲେଇପଦା ଠାରୁ ମୁର୍ଗା ମହାଦେବ ପର୍ଯ୍ୟନ୍ତ ବସ୍ ସେବା ଯୋଗାଇବାକୁ ସଂଘ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ଏଥିସହ ବୈତରଣୀ ନଦୀ କୂଳରେ କାଉଡ଼ିଆ ଓ ଅନ୍ୟ ଶିବଭକ୍ତଙ୍କ ପାଇଁ ଫାଷ୍ଟ ଏଡ୍, ଚା, ବିସ୍କୁଟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଯେପରି ଯାତ୍ରା ସମୟରେ ଅସୁବିଧାରେ ନପଡ଼ନ୍ତି, ସେଥିପାଇଁ ସଂଘର ସଦସ୍ୟମାନେ ସେବା କାର୍ଯ୍ୟରେ ନିୟୋଜିତ ରହିଥିଲେ। ବିଶେଷକରି ସୋମବାର ଦିନ ମୁର୍ଗା ମହାଦେବଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳ ବ୍ୟତୀତ ଜିଲ୍ଲା, ଜିଲ୍ଲା ବାହାରୁ, ପଡ଼ୋଶୀ ରାଜ୍ୟଗୁଡ଼ିକରୁ ଲକ୍ଷାଧିକ ଶ୍ରଦ୍ଧାଳୁ କାଉଡ଼ିଆ ସଙ୍ଘ ପକ୍ଷରୁ ଅନେକ ବ୍ୟବସ୍ଥା ମଧ୍ୟରେ ଆସୁଥିବା ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସୋମବାର ସକାଳେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଜନ ପରିବେଷଣ କରାଯାଇଥିଲା। ଆଞ୍ଚଳିକ ଟ୍ରକ ମାଲିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ଏହି ସେବା କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। ଏଥିରେ ଦେଓଝରର ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହଯୋଗ ରହିଥିଲା।

## ଝାଡ଼େଶ୍ୱର ପୀଠରେ ଶ୍ରାବଣୀ ମହୋତ୍ସବ

ଆନନ୍ଦପୁର,୨୪।୮ (ସମିସ): ଘସିପୁରା ଝାଡ଼େଶ୍ୱର ମନ୍ଦିରରେ ଘସିପୁରା ବୋଲ୍‌ବମ୍ ସଂଘ ପକ୍ଷରୁ ଶ୍ରାବଣୀ ଉତ୍ସବ ପାଳିତ ହୋଇଛି। ଆଜି ଶ୍ରାବଣ ମାସର ଶେଷ ସୋମବାର ହୋଇଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆଜି ଶେଷ ଦିନରେ ୨୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଜିଲ୍ଲା ତଥା ଜିଲ୍ଲା ବାହାରୁ ମାନସିକଧାରୀ ଲମ୍ବାଧାଡ଼ିରେ ଆସି ଜଳାଭିଷେକ କରିଥିଲେ। ନିକଟସ୍ଥ ବୈତରଣୀ ନଦୀରୁ ଶ୍ରଦ୍ଧାଳୁମାନେ ପାଣି ଉଠାଇ ଝାଡ଼େଶ୍ୱରଙ୍କ ମଥାରେ ଢାଳିଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ଓଡ଼ିଆ ଭାଷା ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନଙ୍କ ଦ୍ୱାରା ଶିବ ଭଜନ ପରିବେଷଣ କରାଯାଇଥିଲା। ସେହିପରି ସାଇ କମ୍ପ୍ୟୁଟର ଓ ଅମୃତ ସାଗର ପକ୍ଷରୁ ସେବାକାର୍ଯ୍ୟ କରାଯାଇଥିଲା। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଆନନ୍ଦପୁର ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ପହଞ୍ଚି ଜଳଲାଗି କରିଥିଲେ। ପୂଜକ କୃଷ୍ଣଚନ୍ଦ୍ର ଶତପଥୀ, ସୁଦାମ ପଣ୍ଡା, ଅନ୍ତର୍ଯ୍ୟାମୀ ଦାଶ, ସୁରେଶ ମିଶ୍ର, ସନ୍ତୋଷ ପଣ୍ଡା, ସାରଙ୍ଗ ଧର ନନ୍ଦଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। କୋଠ ତହସିଲଦାର ସୁଶାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ବାଲି ବୋଝେଇ ହାଇୱା ଜବତ, ୨ ଅଟକ

ବାରିପଦା, ୨୪।୮ (ସମିସ): ବାଙ୍ଗିରିପୋଷି ପୁଲିସ ଦ୍ୱାରା ବେଆଇନ ବାଲି ବୋଝେଇ ଏକ ହାଇୱା ଜବତ ହେବା ସହ ଦୁଇଜଣଙ୍କୁ ଅଟକ ରଖାଯାଇଛି। ସୋମବାର ଭୋର ସମୟରେ ଚୋରା ବାଲି ନେଇ ଆସୁଥିବା ଏକ ହାଇୱାକୁ କିଛି ସ୍ଥାନୀୟ ଯୁବକ ଅଟକାଇ ଗାଡ଼ିର କାଗଜପତ୍ର ମାଗିଥିଲେ। ତେବେ ଡ୍ରାଇଭର କୌଣସି ବୈଧ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ। ଏହାକୁ ନେଇ ବାକ୍‌ଯୁଦ୍ଧ ହେବାରୁ ଗାଡ଼ିରେ ଥିବା ଅନ୍ୟ ଜଣେ ବ୍ୟକ୍ତି ସ୍ଥାନୀୟ ଯୁବକଙ୍କୁ ମାଡ଼ ମାରି ବାଙ୍ଗିରିପୋଷି ନୂତନ ବସଷ୍ଟାଣ୍ଡ ନିକଟରେ ଜୋର ଜବରଦସ୍ତ ବାଲି ଅନଲୋଡ୍ କରି ଦେଇଥିଲେ। ଖବର ପାଇ ବାଙ୍ଗିରିପୋଷି ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଜବତ କରିବା ସହ ୨ ଜଣଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

ଡିଜିଟାଲ ଇଣ୍ଡିଆ ପ୍ରହସନ

# ସ୍ୱାଧୀନତାର ୮୦ ବର୍ଷ ପରେ ବି ମିଳୁନି ବିଦ୍ୟୁତ୍ ସେବା



ତେଲକୋଇ,୨୪।୮ (ସମିସ): ସ୍ୱାଧୀନତାକୁ ୮୦ ବର୍ଷ ପୂରିଛି। ଡିଜିଟାଲ ଇଣ୍ଡିଆ ମଧ୍ୟ ପ୍ରଗତି ପଥରେ ଆଗକୁ ଆଗେଇ ଚାଲିଛି। ହେଲେ ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାରେ ଅନେକ ଗ୍ରାମ ଓ ପଡ଼ା ରହିଛି, ଯେଉଁଠି ସର୍ବନିମ୍ନ ମୌଳିକ ସୁବିଧା ପହଞ୍ଚି ପାରିନି। ତେଲକୋଇ ବ୍ଲକ ଶିବ ନାରାୟଣପୁର ଗୋଡ଼ା ପଞ୍ଚାୟତର ପାହାଡ଼ିଆ ଉପାନ୍ତ ଅଞ୍ଚଳ କାଞ୍ଜିଆ ଝରଣ, ନୂଆ ଡମାଙ୍ଗ ଓ ଗୁଣ୍ଡୁରୁ ଗ୍ରାମକୁ ବିଦ୍ୟୁତ୍ ସେବା ଅପହଞ୍ଚ ହୋଇଛି। ଯାହାକୁ ନେଇ ଆଜି ସ୍ଥାନୀୟ ବାସିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଏହି ଅଞ୍ଚଳରେ ଭୂୟାଁ ଜନଜାତିର ବାସିନ୍ଦା ବସବାସ କରୁଥିବା ବେଳେ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି।

ଗ୍ରାମରେ ଅନେକ ଯୁବକ ଯୁବତୀ କଲେଜରେ ପାଠ ପଢୁଥିବାବେଳେ ବିଦ୍ୟୁତ୍ ସେବା ନଥିବାରୁ ପାଠପଢ଼ାରେ ଘୋର ଅସୁବିଧା ହେଉଛି। ସରକାର ଡିଜିଟାଲ ଇଣ୍ଡିଆର ନାରା ଦେଉଥିବାବେଳେ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ଅପହଞ୍ଚ ଥିବାରୁ ସରକାରଙ୍କ ଡିଜିଟାଲ ଇଣ୍ଡିଆ ନାରା ପ୍ରହସନ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଏକ ସପ୍ତାହ ମଧ୍ୟରେ ଉକ୍ତ ଗ୍ରାମଗୁଡ଼ିକରେ ବିଦ୍ୟୁତ୍ ସେବା ଯୋଗାଇ ନ ଦେଲେ ଗ୍ରାମବାସୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଯାହାକୁ ନେଇ ବ୍ଲକ୍ ପ୍ରଶାସନ ଅଡୁଆରେ ପଡ଼ିଥିବା ଜଣା ପଡ଼ିଛି।

## ଘର ମାଲିକଙ୍କୁ ତାଲା ମାରି ୫ ଛେଳି ଚୋରି

ତୁରୁମୁଙ୍ଗା,୨୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା କପୁଣ୍ଡି ପଞ୍ଚାୟତ ଧାନବେଣୀ ଗ୍ରାମର ପ୍ରଦ୍ୟୁମ୍ନ କୁମାର ମହାନ୍ତଙ୍କ ଘରୁ ରବିବାର ରାତିରେ ୫ଟି ଛେଳି ଚୋରି ହୋଇଛି। ରାସ୍ତା କଡ଼ରେ ଥିବା ତାଙ୍କ ଘରର ବାହାର ପଟୁ ତାଲା ବନ୍ଦ କରି ପ୍ରଦ୍ୟୁମ୍ନଙ୍କ ଗୁହାଳରୁ ଏଭଳି ଚୋରି ହୋଇଥିବା ଜଣାପଡ଼ିଛି। ସୋମବାର ଏ ନେଇ ପୁଲିସରେ ଅଭିଯୋଗ ହୋଇଛି। ପୁଲିସ ଘଟଣାର ପ୍ରାଥମିକ ତଦନ୍ତ କରିଥିଲେ ମଧ୍ୟ ଚୋରଙ୍କ ସୁରାକ ମିଳିପାରିନାହିଁ।

## ମଦ ଜବତ, ୩ ଗିରଫ

ଉଦଳା,୨୪।୮ (ସମିସ): ଆଜି ଉଦଳା ଅବକାରୀ ବିଭାଗ ଚଢ଼ଉ କରି ମଦ ଜବତ କରିଥିବାବେଳେ ୩ ଜଣଙ୍କୁ ଗିରଫ କରିଛି। ଉକ୍ତ ଚଢ଼ଉରେ ଖୁଣ୍ଟା ଓଆଇସି ଓ କର୍ମଚାରୀ ସାମିଲ ଥିଲେ। ଗିରଫ ତିନିଜଣ ଜୁଆଲିୟାର ଜାନା ବାସ୍କେ, କପ୍ତିପଦା ପଳାସବନିର ଦିଲ୍ଲୀପ କୁମାର ବେହେରା ଓ ଠାକୁରା ମୁର୍ମୁ। ଚଢ଼ଉରେ ଉଦଳା ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଓଆଇସି ଅଞ୍ଜନ କୁମାର ଜେନା, ରବୀନ୍ଦ୍ର ରେ‡ୀ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସାମିଲ ଥିଲେ।

## ଶିଶୁ କନ୍ୟାକୁ ଦୁଷ୍କର୍ମ ଉଦ୍ୟମ କରି ବୃଦ୍ଧ ଅଟକ

ବେତନଟୀ,୨୪।୮ (ସମିସ): ବେତନଟୀ ଥାନା ଅଞ୍ଚଳର ଜଣେ ଚାରିବର୍ଷର ଶିଶୁ କନ୍ୟାକୁ ଏହି ଥାନା ଅଧୀନ ଜଣେ ୭୦ ବର୍ଷର ବୃଦ୍ଧ ଦୁଷ୍କର୍ମ ଉଦ୍ୟମ କରି ସୋମବାର ଦିନ ଅଟକ ରହିଥିବା ଜଣାପଡିଛି। ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ମହାନ୍ତ। ଶିଶୁ କନ୍ୟା ସବୁଦିନ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ଘରକୁ ଯିବାଆସିବା କରୁଥିବାରୁ ଅଭିଯୁକ୍ତ ଏହି ସୁଯୋଗ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। ୨୦ ତାରିଖ ଦିନ ଶିଶୁ କନ୍ୟାର ପିତାମାତା ଦିନମଜୁରିଆ ହୋଇଥିବାରୁ ନିଜ ପିଲାକୁ ଅଙ୍ଗନବାଡିରେ ଛାଡ଼ି କାମ କରିବାକୁ ଯାଇଥିଲେ। ପିଲାଟି ସବୁଦିନ ଭଳି ଅଙ୍ଗନବାଡିରୁ ଆସି ଉକ୍ତ ଗାଁର ତାଙ୍କ ଘର ନିକଟରେ ଥିବା ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ଘରକୁ ଯାଇଥିଲା। ଏହି ସମୟରେ ଘରେ କେହି ନ ଥିବା ସୁଯୋଗ ନେଇ ପୂର୍ଣ୍ଣଚନ୍ଦ୍ର ପିଲାକୁ ଡାକି ଚକୋଲେଟ ଦେବା ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଘଟଣା ସମ୍ପର୍କରେ ଶିଶୁ କନ୍ୟା ମାଆକୁ ରବିବାର କହିବା ପରେ ଶିଶୁ କନ୍ୟାର ବାପା ଚିତ୍ତରଞ୍ଜନ ମହାନ୍ତ ସୋମବାର ଦିନ ବେତନଟୀ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ବେତନଟୀ ପୁଲିସ କେସ ନମ୍ବର ୩୪୧/୨୦୨୬ରେ ମାମଲା ରୁଜୁ କରି ପୂର୍ଣ୍ଣଚନ୍ଦ୍ରଙ୍କୁ ଥାନାରେ ଅଟକ କରି ତଦନ୍ତ ଚଳାଇଛି।

## ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ କଲେଜର ଦ୍ୱିତୀୟ ଛାତ୍ରୀ ନିବାସ ଉଦ୍‌ଘାଟିତ



ଉଦଳା,୨୪।୮ (ସମିସ): ମେଣ୍ଢାଖାଇସ୍ଥ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ନୂତନ ଭାବେ ନିର୍ମିତ ହୋଇଥିବା ଦ୍ୱିତୀୟ ଛାତ୍ରୀ ନିବାସ ଆଜି ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଶଶୀଭୂଷଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଠୁପାଲି ଅତିଥି ଭାବେ ଯୋଗ ଦେଇଥିବାବେଳେ ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀ ନିବାସ ଉଦ୍‌ଘାଟନ କରିଥିଲେ। କପ୍ତିପଦା ଆଦିବାସୀ ଉନ୍ନୟନ ଅଧିକାରୀ ଆଶିଷ କୁମାର ମହାପାତ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, କଲେଜର ପୂର୍ବତନ ସମ୍ପାଦକ ବସନ୍ତ ପରିଡା, ପୂର୍ବତନ ସଭାପତି ରବୀନ୍ଦ୍ର କଟୁଆଳ, ସମାଜସେବୀ ଯଜ୍ଞନାରାୟଣ ମହାନ୍ତି, ପ୍ରଭାତ ପରିଡା, ଅବସରପ୍ରାପ୍ତ ଅଧ୍ୟକ୍ଷା ଜୟଶ୍ରୀ ଚୌଧୁରୀ, ସାହିତ୍ୟିକ ଦିଲ୍ଲୀପ କୁମାର ଦୀକ୍ଷିତ ଅତିଥି ଭାବେ ଓ ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଠିକାଦାର ସ୍ୱରୂପ କୁମାର ମହାପାତ୍ର ଯୋଗ ଦେଇଥିଲେ।

## ୩୧ରେ ସରଗଡ଼ା ପଞ୍ଚାୟତରେ ଜନଶୁଣାଣି

ରାଇରଙ୍ଗପୁର,୨୪।୮ (ସମିସ): ଜିଲ୍ଲା କାର୍ଯ୍ୟାଳୟର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମାସ ପଞ୍ଚମ ସୋମବାର ୩୧ ତାରିଖରେ ବାମନଘାଟୀ ଉପଖଣ୍ଡସ୍ଥ ବିଜାତଳା ବ୍ଲକର ସରଗଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିର ପୂର୍ବାହ୍ନ ୧୦ ରେ ଆରମ୍ଭ ହୋଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରାଯିବ। ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗର ଅଧିକାରୀ ଓ ବିଜାତଳା ବ୍ଲକର ବିଭିନ୍ନ ବ୍ଲକସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଅଭିଯୋଗର ଶୁଣାଣି କରାଯିବ।

## ଅଳିଆ ପକାଇବାକୁ ବାରଣ କରିବାରୁ ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ବୈଶିଙ୍ଗା, ୨୪।୮ (ସମିସ): ବୈଶିଙ୍ଗା ଥାନା ଅଧୀନ ଟିକାୟତପୁର ଗ୍ରାମରେ ଅଳିଆ ପକାଇବାକୁ ବାରଣ କରିବାକୁ ନେଇ ଜଣେ ମହିଳାଙ୍କୁ ଆକ୍ରମଣ ଓ ଜାତିଆଣ ଆକ୍ଷେପ କରିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମର ହୃଦାନନ୍ଦ ଧଳଙ୍କ ସ୍ତ୍ରୀ ମମତା ଧଳ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମମତାଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ଅପରାହ୍ନରେ ଗ୍ରାମର ବାବୁ ଦଳେଇ ନିଜ ଘରର ଅଳିଆ ଆଣି ତାଙ୍କ ଘର ସମ୍ମୁଖରେ ପକାଉଥିଲେ। ମମତା ଏହାକୁ ବାରଣ କରିବାରୁ ବାବୁ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଅସଦାଚରଣ କରି ତଳେ ପକାଇ ଦେଇଥିବା ଅଭିଯୋଗ ହୋଇଛି। ଏହାପରେ ବାବୁଙ୍କ ପରିବାର ଓ ସମ୍ପର୍କୀୟ ସେଠାରେ ପହଞ୍ଚି ମମତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ରକ୍ଷା କରିବାକୁ ଆସିଥିବା ପୁଅ ପ୍ରମୋଦ ମଧ୍ୟ ଆକ୍ରମଣର ଶିକାର ହୋଇଥିବା ମମତା ଅଭିଯୋଗ କରିଛନ୍ତି। ସାହିପଡ଼ିଶା ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ସେଠାରୁ ଚାଲିଯାଇଥିଲେ। ପରେ ମମତା ଓ ତାଙ୍କ ପୁଅ ଡାକ୍ତରଖାନାରେ ଚିକିତ୍ସିତ ହୋଇ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସମାଜସେବୀ ଈଶ୍ୱର ଚନ୍ଦ୍ରଙ୍କ ସ୍ମୃତିଚାରଣ ସଭା

ତୁରୁମୁଙ୍ଗା,୨୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ଶିବ ନାରାୟଣପୁର ଶାସନର ଜଣା ଶୁଣା ସଂଗଠକ,



ସାମାଜିକ କର୍ମୀ ଈଶ୍ୱରଚନ୍ଦ୍ର ଦାଶଙ୍କ ଏକଦଶାହ ଅବସରରେ ସ୍ମୃତି ଚାରଣ ସଭା କରଞ୍ଜିଆ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗ ପ୍ରଫେସର ଜଗନ୍ନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିରବ ପ୍ରାର୍ଥନା, ସହ ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଗୀତା ପାଠ ଓ ପଣ୍ଡିତ ନବକିଶୋର ଦାଶଙ୍କ ଦ୍ୱାରା ବେଦ ପାଠ କରାଯାଇଥିଲା। ଏଥିସହ ତାଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ତଥା ଈଶ୍ୱର ଚନ୍ଦ୍ରଙ୍କ ସାନ ଭାଇ ଇଂ ବିଦ୍ୟାଧର ଦାଶ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ନେତା ଇଂ ବିନୋଦ ବିହାରୀ ନାଏକ, ସଂଗ୍ରାମ ଦାସ, ଶିକ୍ଷକ ତଥା ସ୍ମରଣିକାର ସମ୍ପାଦକ ଚିନ୍ମୟ ମିଶ୍ର, ବୀରକିଶୋର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପର୍ଶୁରାମ ପଣ୍ଡା, ମଦନ ମୋହନ ଦ୍ୱିବେଦୀ, ସନାତନ ଦାଶ, ବଳ ଭଦ୍ର କର, ପ୍ରମୋଦ କୁମାର୍ ଭଞ୍ଜ ଦେଓ, ଚିନୁ ପ୍ରମୁଖ ସ୍ୱର୍ଗତ ଈଶ୍ୱର ଚନ୍ଦ୍ର ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଈଶ୍ୱରଙ୍କ ପୁଅ ରଜତ, ସୁବ୍ରତ, ପୁତୁରା ବିବେକା, ଅରବିନ୍ଦ, ବୋହୂ, ପୁତୁରା, ପୁତୁରା ବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ପଞ୍ଚାୟତ ପିଅନଙ୍କୁ ଆର୍ଥିକ ସହାୟତା ମିଳୁ ନ ଥିବା ଅଭିଯୋଗ

ଉଦଳା, ୨୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ପଞ୍ଚାୟତ ପିଅନ ସରକାର ଦେଇଥିବା ଅତିରିକ୍ତ ଆର୍ଥିକ ସହାୟତା ନ ପାଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅତିରିକ୍ତ ଆର୍ଥିକ ସହାୟତା ବାବଦକୁ ୨୦୨୫-୨୬ ଆର୍ଥିକ ବର୍ଷର ଜୁନ ୨୦୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଆସିଥିବା ମାସିକ ୧୦୦୦ ଟଙ୍କା ହିସାବରେ ଦଶ ମାସର ୧୦,୦୦୦ ଟଙ୍କା ଏଯାଏ ମିଳିନଥିବାରୁ ସୋମବାର ଜିଲ୍ଲାପାଳଙ୍କ ଉଦଳା ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଅଭିଯୋଗ କରିଛନ୍ତି। ସରକାରଙ୍କ ଚିଠି ନମ୍ବର ୮ ୯୧୨ , ୨୩/୦୩/୨୦୨୬ରେ ପଞ୍ଚାୟତିରାଜ ବିଭାଗରୁ ଜିଲ୍ଲାପାଳଙ୍କୁ ଚିଠି ହୋଇଥିଲେ ସୁଦ୍ଧା ଟଙ୍କା ନ ମିଳିବା କାରଣରୁ ସେମାନେ ମାନସିକ ଦୁଶ୍ଚିନ୍ତାରେ ରହିଛନ୍ତି। ସେମାନେ କମ ଦରମା ପାଇ ଦୟନୀୟ ସ୍ଥିତିରେ କାର୍ଯ୍ୟ କରୁଛନ୍ତି।



ସେମାନେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଫେରାଦ ହୋଇ ନିରାଶ ହେବା ସହ ଟଙ୍କା ନ ମିଳିବାରୁ ଶେଷରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ମୟୂରଭଞ୍ଜ ଜିଲ୍ଲା ପଞ୍ଚାୟତ ପିଅନ ସଂଘ ପକ୍ଷରୁ ସମ୍ପାଦକ ମାନସ ବିନ୍ଧାଣୀ, ଗୋପବନ୍ଧୁନଗର ସଙ୍ଘ ସଭାପତି ଭୈରବ ମହାପାତ୍ର, ସମ୍ପାଦକ ଶଶୀଧର ରାଉତ, ଖୁଣ୍ଟା ବ୍ଲକ ସଭାପତି ସୁନୀତା ସେଠୀ, ସମ୍ପାଦକ ପରମାନନ୍ଦ ପାତ୍ରଙ୍କ ନେତୃତ୍ୱରେ ପଞ୍ଚାୟତ ପିଅନ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

## ବନ୍ୟା ପ୍ରଭାବିତଙ୍କୁ ସେଲ୍ଟର କିଟ୍ ବଣ୍ଟନ



ବଡ଼ସାହି, ୨୪।୮ (ସମିସ): ଲଘୁଚାପ ପ୍ରଭାବରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ବଡ଼ସାହି ବ୍ଲକ୍ ଅଧୀନ ମାଣତ୍ରୀ ଆରଆଇ ସର୍କଲ୍‌ର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଅନେକ ପରିବାର ପ୍ରଭାବିତ ହୋଇଛନ୍ତି। ଏହି ବନ୍ୟା ପ୍ରଭାବିତ ପରିବାରଙ୍କୁ ଜରୁରୀ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ସ୍ୱର୍ଣ୍ଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବସ୍ତା, ବାଲେଶ୍ୱର ପକ୍ଷରୁ ୧୫୦ଟି ସେଲ୍ଟର କିଟ୍ (ତମ୍ବୁ) ପ୍ରସ୍ତୁତ କରି ବଣ୍ଟନ କରାଯାଇଛି। ମାଣତ୍ରୀ ଆରଆଇ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ରିଲିଫ୍ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମରେ ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ବନ୍ୟା ପ୍ରଭାବିତ ପରିବାରଙ୍କୁ ୧୫୦ଟି ସେଲ୍ଟର କିଟ୍ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଣତ୍ରୀ ଆରଆଇ ସଂଯୁକ୍ତା ଦେହୁରୀ, ସ୍ୱର୍ଣ୍ଣ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ଯୋଗଦେଇ ରିଲିଫ୍ ସାମଗ୍ରୀ ବଣ୍ଟନ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ। ବନ୍ୟା ଭଳି ଜରୁରୀ ପରିସ୍ଥିତିରେ ପ୍ରଭାବିତ ପରିବାରଙ୍କ ପାଖରେ ଆବଶ୍ୟକ ସହାୟତା ପହଞ୍ଚାଇବା ଓ ସେମାନଙ୍କ ଦୁର୍ଦ୍ଦଶାକୁ କିଛି ମାତ୍ରାରେ ହ୍ରାସ କରିବା ଏହି ରିଲିଫ୍ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

● ଜଳ ନିଷ୍କାସନ ସମସ୍ୟା

## ମାସେ ହେଲା ଗଡ଼ସାହି ଜଳବନ୍ଦୀ

କୁଆମରା,୨୪।୮ (ସମିସ): ଏକମାସ ଧରି ଲଘୁଚାପଜନିତ ବର୍ଷା ଲାଗି ରହିବା ଯୋଗୁଁ ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ପଞ୍ଚାୟତ ଗଡ଼ସାହି ଅଞ୍ଚଳର ୧୦ରୁ ଅଧିକ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ତେବେ ବର୍ଷା ସମୟରେ ଦୁଇତିନି ଫୁଟ ଉଚ୍ଚର ପାଣି ଜମି ରହିବା ଯୋଗୁଁ ଘର ମଧ୍ୟକୁ ପାଣି ପଶୁଛି। ବର୍ଷା ଛାଡ଼ିଯିବା ପରେ ମଧ୍ୟ ଫୁଟେ ଉଚ୍ଚର ଗାଁ ଦାଣ୍ଡରେ ଜମି ରହିଛି ପାଣି। ଘରୁ ପଦାକୁ ବାହାରିବା ସ୍ଥାନୀୟ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ରାତିରେ ସରୀସୃପ ଭୟରେ ଘରୁ ବାହାରୁ ନାହାଁନ୍ତି ଲୋକେ। ଜୁଲାଇ ୨୫ ତାରିଖରୁ ମାସେ ହେଲାଣି ଘର ଚାରି ପାଖରେ ଫୁଟେ ଉଚ୍ଚର ପାଣି ଜମି ରହିବା ଯୋଗୁଁ ମାଟି ଘର ପ୍ରତି ବିପଦ ଦେଖା ଦେଲାଣି। ତତ୍ ସହିତ ଲୋକେ ବିଭିନ୍ନ ରୋଗରେ ମଧ୍ୟ ଶିକାର ହେବେ। ତେବେ



ଅଭିଯୋଗ ପାଇ ତହସିଲଦାର, ବିଡ଼ିଓ, କନିଷ୍ଠ ଯନ୍ତ୍ରୀ ପରିଦର୍ଶନ କରି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ପାରିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଜଳ ନିଷ୍କାସନ ପାଇଁ ୨୦୨୧ରୁ ସର୍ଭେ ସରିଥିଲେ ମଧ୍ୟ ଏ ଦିଗରେ ଆଜି ପର୍ଯ୍ୟନ୍ତ ଦୃଷ୍ଟି ନ ଦେବା ପରିତାପର ବିଷୟ। ୫ ବର୍ଷ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ମୁଖ୍ୟ ରାସ୍ତାର ଉନ୍ନତିକରଣ ଓ ଉଚ୍ଚତା ବଢ଼ିବା ଯୋଗୁଁ ଜଳ ନିଷ୍କାସନରେ ପ୍ରତିବନ୍ଧକ ସାଜିଥିବା ଅଞ୍ଚଳବାସୀ କହିଛନ୍ତି। ସରପଞ୍ଚ ରବୀନ୍ଦ୍ର ସିଂଙ୍କୁ ପଚାରିବାରୁ ଏଥିନିମନ୍ତେ ବୈଠକ ଡକାଯାଇଥିଲା। ମାତ୍ର ସହଯୋଗ ମିଳିଲାନି। ତେବେ ବର୍ଷାଋତୁ ପରେ ଡ୍ରେନେଜ ବ୍ୟବସ୍ଥା କରାଯିବ। ଏବେ କିଛିଦିନ ବ୍ୟବଧାନରେ ମେସିନ ବସାଇ ଗାଁ ଦାଣ୍ଡରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉଛି। ଏହା ସ୍ଥାୟୀ ସମାଧାନ ନୁହେଁ ବୋଲି କହିଛନ୍ତି।

# ଅଙ୍ଗଦାନ ଓ ପ୍ରତ୍ୟାରୋପଣ ସମ୍ବନ୍ଧୀୟ ସମ୍ମାନ

ବାରିପଦା,୨୪।୮ (ସମିସ)



ବାରିପଦା ରୋଟାରୀ କ୍ଲବ ଓ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ୟୁନିଟର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ 'ଅଙ୍ଗଦାନ ଓ ପ୍ରତ୍ୟାରୋପଣ: ଆବଶ୍ୟକତା ଓ ଆହ୍ୱାନ' ସମ୍ବନ୍ଧୀୟ ଏକ ସମ୍ମାନ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ନାରାୟଣ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସମ୍ମାନରେ ପିଆରଏମ ଭେଷଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଶରୀର ତତ୍ତ୍ୱ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ରାମକୃଷ୍ଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପିପିଟି ମାଧ୍ୟମରେ ବିଷୟବସ୍ତୁ ଉପରେ ବୈଜ୍ଞାନିକ, ସାମାଜିକ ତଥା ନୈତିକ ଦୃଷ୍ଟିକୋଣରୁ ସବିଶେଷ ଆଲୋଚନା କରିଥିଲେ। ରୋଟାରୀ କ୍ଲବର ସମ୍ପାଦକ ପ୍ରାକ୍ତନ ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ ଅଙ୍ଗଦାନ ଓ ପ୍ରତ୍ୟାରୋପଣର ପ୍ରଚଳିତ ବିଧିବିଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଦ୍ୟ ପୁରସ୍କାରପ୍ରାପ୍ତ ରାଜୀବ ଗାନ୍ଧୀ ରତ୍ନ ପୁରସ୍କାରପ୍ରାପ୍ତ ରୋଭର ଲିଡର ତଥା ଦର୍ଶନ ଶାସ୍ତ୍ରର ସହକାରୀ ପ୍ରଫେସର ଡକ୍ଟର ଦୀପକ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଷୟବସ୍ତୁର ପ୍ରାରମ୍ଭିକ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ରେଞ୍ଜର ଲିଡର ତଥା ଜୀବ ବିଜ୍ଞାନର ସହକାରୀ ପ୍ରଫେସର ଡକ୍ଟର ରଶ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ୨୨୦ ଜଣ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କ୍ଲବ ପକ୍ଷରୁ ଅଂଶଗ୍ରହଣକାରୀଙ୍କୁ ବିଷୟବସ୍ତୁ ସମ୍ପର୍କିତ ସଚେତନତାର ସଂକ୍ଷିପ୍ତ ପୁସ୍ତିକା ପ୍ରଦାନ କରାଯାଇଥିଲା।

କ୍ଲବର ସଭାପତି ତିମିର କୁମାର ଘୋଷ, ଅରୁଣ କୁମାର ଦାଶ, ଭବାନୀ ଶଙ୍କର ସାହୁ, ଜିତେନ୍ଦ୍ର ପଟେଲ, ଡକ୍ଟର ପୁଷ୍ପାରାଣୀ ପାତ୍ର, ପ୍ରୀତିସୁଧା ତ୍ରିପାଠୀ, ବୀରେନ୍ଦ୍ର ସାହୁ, ସୁନୀତ ପୁରୀ, ରାକେଶ ସିଂ ପ୍ରମୁଖ ରୋଟାରିଆନ ମହାବିଦ୍ୟାଳୟର କର୍ତ୍ତୃପକ୍ଷ, କର୍ମଚାରୀ ଓ ରୋଭର ରେଞ୍ଜରର ସ୍ୱେଚ୍ଛାସେବୀଙ୍କ ସହିତ ସମଗ୍ର କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

ସକାଳ
THE SAKALA



# ସହାନୁଭୂତି, ସମବେଦନା ଓ ସହୃଦୟତା ଶାସନ ବ୍ୟବସ୍ଥାର ମୂଳନୀତି: ମୁଖ୍ୟମନ୍ତ୍ରୀ

**ମୁଖ୍ୟମନ୍ତ୍ରୀଙ୍କ ୨୦ତମ ଅଭିଯୋଗ ଶୁଣାଣି**

ଭୁବନେଶ୍ୱର,୨୪।୮ (ସମିସ): ଆମ ଶାସନ ବ୍ୟବସ୍ଥାର ମୂଳନୀତି ହେଉଛି ସହାନୁଭୂତି, ସମବେଦନା ଓ ସହୃଦୟତା। ଲୋକଙ୍କ ସମସ୍ୟା ଶୁଣି, ତା'ର ସମାଧାନ କରିବା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତି ରଖି କହିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୦ଜଣ ବରିଷ୍ଠ ମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ସମସ୍ୟାକୁ ସହୃଦୟତାର ସହ ଶୁଣି



ତା'ର ସମାଧାନ କରିବାକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯେଉଁଠି ଲୋକଙ୍କ ସମସ୍ୟା ଅଛି, ଆମ ସରକାର ସେଠାରେ ନିଶ୍ଚୟ ପହଞ୍ଚିଥାନ୍ତି। ବନ୍ୟା, ବାତ୍ୟା, ମରୁଡି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁବେଳେ ଲୋକଙ୍କ ପାଖରେ ଆମେ ପହଞ୍ଚୁଛୁ ଓ ସେମାନଙ୍କୁ ସହାୟତା ପ୍ରଦାନ କରୁଛୁ। ୨୦୨୪ ମସିହାର ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଘୋଷଣା କରି ଆମେ ସହାୟତା ପ୍ରଦାନ କରିଥିଲୁ। ଚଳିତ ବନ୍ୟା ପାଇଁ ମଧ୍ୟ ସହାୟତା ପ୍ୟାକେଜ ପ୍ରଦାନ କରିଛୁ। ଆମ ସରକାର ଲୋକଙ୍କ ସୁଖ ଦୁଃଖରେ ଅଛି ଓ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୬ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୧୪.୫୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୫,୩୨୭ ଅଭିଯୋଗ ମଧ୍ୟରୁ ୧୪,୫୧୯ ଅର୍ଥାତ ୯୫ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି। ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍‌ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଜୁଲାଇ ମାସ ଶେଷ ସୁଦ୍ଧା ୨,୬୯,୩୯୪ ଅଭିଯୋଗ ଶୁଣାଣି ହୋଇ ୮୭ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ଜିଲ୍ଲାସ୍ତରରେ ଅନେକ ସମସ୍ୟାର ସମାଧାନ ହୋଇଯାଉଥିବାରୁ ଲୋକଙ୍କୁ ଆଉ ଅଯଥା ହଇରାଣ ହେବାକୁ ପଡୁନାହିଁ। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ଫଳରେ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଭରସା ଓ ଆସ୍ଥା ବହୁଗୁଣିତ ହୋଇଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ଡ. ମୁକେଶ ମହାଲିଙ୍ଗ, ବିଭୂତି ଭୂଷଣ ଜେନା, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, କୃଷ୍ଣ ଚନ୍ଦ୍ର ପାତ୍ର, ପ୍ରଦୀପ ବଳ ସାମନ୍ତ, ଗୋକୁଳାନନ୍ଦ ମଲ୍ଲିକ, ସୂର୍ଯ୍ୟବଂଶୀ ସୂରଜ, ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

**ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ହସ୍ତାନ୍ତରିତ ରାସ୍ତା ଉନ୍ନତିକରଣ କାର୍ଯ୍ୟକ୍ରମ**

# ୪ ବର୍ଷରେ ଖର୍ଚ୍ଚ ହେବ ୫୩୬୫ କୋଟି ଟଙ୍କା

**୨୩୭୦୫ କିଲୋମିଟର ଦୈର୍ଘ୍ୟର ରାସ୍ତା ପ୍ରକଳ୍ପ ହେବ କାର୍ଯ୍ୟକାରୀ**

ଭୁବନେଶ୍ୱର,୨୪।୮ (ସମିସ): ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତରିତ ରାସ୍ତାଗୁଡ଼ିକର ଉନ୍ନତିକରଣ ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ହସ୍ତାନ୍ତରିତ ରାସ୍ତା ଉନ୍ନତିକରଣ କାର୍ଯ୍ୟକ୍ରମ' (ଏମ୍‌ଏମ୍‌ଏସ୍‌ୱାଇ-ଟ୍ରିପ୍) ଜାରି ରଖିଛନ୍ତି। ଏହି ଯୋଜନାକୁ ୨୦୨୬-୨୭ରୁ ୨୦୨୯-୩୦ ଅର୍ଥାତ୍ ୪ ବର୍ଷ ଯାଏଁ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ମୋଟ ୫୩୬୫ କୋଟି ଟଙ୍କାରେ ମଧ୍ୟରେ ପ୍ରାୟ ୨୩୭୦୫ କିଲୋମିଟର ଦୈର୍ଘ୍ୟର ରାସ୍ତା ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହାସହ ଜାରି ରହିଥିବା ପ୍ରକଳ୍ପ ଗୁଡିକର ନିର୍ମାଣ ମଧ୍ୟ ଏହି ଅବଧିରେ ଶେଷ କରାଯିବ।

ଗ୍ରାମ୍ୟ ଅଞ୍ଚଳରେ ଲୋକଙ୍କ ଯାତାୟାତ ସୁବିଧା ବଢ଼ାଇବା ସହ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ବଜାର ବ୍ୟବସ୍ଥା ସହ ଗ୍ରାମଗୁଡ଼ିକୁ ଉତ୍ତମ ଭାବେ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ପଞ୍ଚାୟତିରାଜ ଓ ଅନ୍ୟାନ୍ୟ ବିଭାଗରୁ ହସ୍ତାନ୍ତରିତ ରାସ୍ତାଗୁଡ଼ିକର ଉନ୍ନତିକରଣ ଏହି ଯୋଜନାରେ କରାଯିବ। ରାସ୍ତା ନିର୍ମାଣରେ ଗୁଣବତ୍ତାକୁ ସରକାର ପ୍ରାଥମିକତା ଦେଇଛନ୍ତି। ପ୍ରକଳ୍ପଗୁଡ଼ିକର ଆବଶ୍ୟକ ଡିଜାଇନ୍ ଓ ନକ୍ସା ମଧ୍ୟ ବିଭାଗୀୟ ଯନ୍ତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ପ୍ରକଳ୍ପର ଚୁକ୍ତିରେ ୫ ବର୍ଷ ପାଇଁ ବାର୍ଷିକ ନିୟମିତ ରକ୍ଷଣାବେକ୍ଷଣର ବ୍ୟବସ୍ଥା ରହିବ। ଉକ୍ତ ଅବଧି ମଧ୍ୟରେ ଠିକାଦାର ସଡ଼କର ନିୟମିତ ରକ୍ଷଣାବେକ୍ଷଣ କରିବା ସହିତ ସମଗ୍ର ସଡ଼କ ପୃଷ୍ଠକୁ ତ୍ରୁଟିପୂର୍ଣ୍ଣ ଅବସ୍ଥାରେ ରଖିବେ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣର ବ୍ୟବସ୍ଥା ରହିବ। ଏଥିସହ ୫ ବର୍ଷିଆ ତ୍ରୁଟି ଦାୟିତ୍ୱ ଅବଧି ମଧ୍ୟ ଲାଗୁ ହେବ। ଏହି ସମୟ ମଧ୍ୟରେ ରାସ୍ତାରେ କୌଣସି ତ୍ରୁଟି ଦେଖାଦେଲେ ଠିକାଦାର ନିଜ ଖର୍ଚ୍ଚରେ ତାହାର ମରାମତି କରିବେ। ରାସ୍ତାର ଗୁଣବତ୍ତା ଯାଞ୍ଚ ପାଇଁ ନିର୍ଦ୍ଧାରିତ ବିଭିନ୍ନ ପରୀକ୍ଷା କରାଯିବ। ପିଏମଡିଏସୱାଇ ଅଧୀନରେ ରହିଥିବା ରାଜ୍ୟ ଗୁଣବତ୍ତା ମନିଟରିଂ ମଡେଲ ମାଧ୍ୟମରେ ମଧ୍ୟ ତୃତୀୟ ପକ୍ଷ ଗୁଣବତ୍ତା ମୂଲ୍ୟାଙ୍କନ କରାଯିବ।

**ଜାତୀୟ ମହାକାଶ ଦିବସ ପାଳିତ**

# ରାଜ୍ୟରେ ପ୍ରତିଷ୍ଠା ହେବ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର


ଭୁବନେଶ୍ୱର,୨୪।୮ (ସମିସ): ରାଜ୍ୟରେ ଏକ ବିଜ୍ଞାନ ଭବନ, ଓରସାକର ନୂତନ କୋଠା ନିର୍ମାଣ ସହ ଜିଆଇଏସ ଲ୍ୟାବ ପ୍ରତିଷ୍ଠା ସହ ରାଜ୍ୟରେ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସହ ପ୍ରାରମ୍ଭିକ ଆଲୋଚନା ହୋଇଥିବା ହୋଇଥିବା କହିଛନ୍ତି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ନିକଟରେ ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ମନ୍ତ୍ରଙ୍କ ସହ ଏନେଇ ଆଲୋଚନା ହୋଇଥିବା ମନ୍ତ୍ରୀ କହିଛନ୍ତି। ଓଡିଶା ମହାକାଶ ଉପଯୋଗ କେନ୍ଦ୍ରରେ ଆୟୋଜିତ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ଓର୍‌ସାକ୍ ଦ୍ୱାରା ରାଜ୍ୟରେ ଚାଷଜମିଠାରୁ ଆରମ୍ଭ କରି ଭୂତଳ ଜଳ ଓ ଖଣିଜ ସମ୍ପଦର ଭଣ୍ଡାର ଓ ଏହାର ପରିମାଣ ସମ୍ପର୍କରେ ବିଭିନ୍ନ ତଥ୍ୟ ହାସଲ କରାଯାଇ ପାରୁଛି। ଆବଶ୍ୟକ ସ୍ଥଳେ ଅନେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ରାଜସ୍ୱ ସଞ୍ଚୟ କରାଯିବା ସହ ଷ୍ଟାର୍ଟଅପ୍‌ରୁ ଉତ୍ପାଦିତ ଡ୍ରୋନ୍ ଭଳି ବିଭିନ୍ନ ଉପକରଣ ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ବ୍ୟବହାର ହେଉଥିବା ଅତ୍ୟନ୍ତ ଆନନ୍ଦର ବିଷୟ। ରାଜ୍ୟର ବୈଜ୍ଞାନିକମାନେ ଭବିଷ୍ୟତରେ ଏକ୍ଷେତ୍ରରେ କାର୍ଯ୍ୟ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଦେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଯୋଗଦେଇ ଛାତ୍ରଛାତ୍ରୀମାନେ ମହାକାଶ ଓ ଗ୍ରହନକ୍ଷତ୍ର ସମ୍ପର୍କରେ ଅଧିକ ଜାଣିବାକୁ ଆବଶ୍ୟକତା ରହିଛି ଏବଂ ପ୍ରତ୍ୟେକ ବିଷୟବସ୍ତୁ ଉପରେ ଜିଜ୍ଞାସା ରଖିବା ଉଚିତ ବୋଲି କହିଥିଲେ। ସିଏସ୍‌ଆଇଆର୍‌ର ପ୍ରଫେସର ଶିଶିର ପଣ୍ଡା, ଓର୍‌ସାକ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଓଡିଶା ମହାକାଶ ଉପଯୋଗ କେନ୍ଦ୍ରର କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭୂତଳ ଜଳ ସୁରକ୍ଷା ସମ୍ପର୍କିତ ଆଟ୍‌ଲାସ୍, ନିରନ୍ତର ବିକାଶ ଲକ୍ଷ୍ୟ ଓ ଓର୍‌ସାକ୍ ଶିକ୍ଷାନବିଶ ପୋର୍ଟାଲ ଏବଂ ଓରସାକ ପ୍ରକଳ୍ପ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହାସହ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ସହ ବିଭିନ୍ନ ଷ୍ଟାର୍ଟଅପ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





**■ ହାଇକୋର୍ଟରେ ବିସିସିଆଇର ସତ୍ୟପାଠ**

# ଖୁବ୍‌ଶୀଘ୍ର ହେବ ଓସିଏ କାର୍ଯ୍ୟକର୍ତ୍ତା ନିର୍ବାଚନ

କଟକ,୨୪।୮ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର କର୍ମକର୍ତ୍ତା ନିର୍ବାଚନ ଧାର୍ଯ୍ୟ ସମୟରେ କରାନଯିବା ପ୍ରସଙ୍ଗକୁ ନେଇ ରୁଜୁ ମାମଲାରେ ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ) ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ଏହି ସତ୍ୟପାଠରେ ଓସିଏ କର୍ମକର୍ତ୍ତା ନିର୍ବାଚନ ତୁରନ୍ତ କରାଇବା ଉପରେ ଗୁରୁତ୍ୱାରୋପ କରିଛି ବିସିସିଆଇ। ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନିଶ୍ଚିତତା ଭିତରେ ରଖାଯାଇପାରିବ ନାହିଁ। ବିସିସିଆଇ ନିୟମାନୁସାରେ ଜଣେ କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟକାଳ ୩ବର୍ଷ ହୋଇଥିବା ବେଳେ ସେ ୩ ଥରରୁ ଅଧିକ ଅର୍ଥାତ ୯ବର୍ଷରୁ ଅଧିକ ରହିପାରିବେ ନାହିଁ। ସେହିଭଳି ଲଗାତାର ଦୁଇଥର କୌଣସି ପଦବୀରେ ରହିବା ପରେ ୩ ବର୍ଷର କୁଲିଂ ଅଫ୍ ଅବଧି ପୂରଣ କରିବାକୁ ପଡ଼ିବ। ଏଭଳି ନିୟମ ବିସିସିଆଇର ରହିଥିବା ବେଳେ ଏ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ବିସିସିଆଇ ସଦସ୍ୟତା ଓ ସ୍ୱୀକୃତି ବଜାୟ ରଖିବା ପାଇଁ ରାଜ୍ୟ ସଂଘ ଗୁଡ଼ିକୁ ଏପରି ନିୟମ ପାଳନ କରିବାକୁ ହେବା ସହ ଠିକ୍ ସମୟରେ ନିର୍ବାଚନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ପ୍ରକାଶଥାଉକି ନିୟମ ଅନୁସାରେ ଓସିଏ ନିର୍ବାଚନ ବିଳମ୍ବ ହୋଇଥିବା ବେଳେ ଏହା ଘୋଷଣା କରାଯାଉ ନଥିବାରୁ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସନ୍‌ରାଇଜ୍ କ୍ଲବ୍ ତରଫରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ବିସିସିଆଇକୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୭ତାରିଖରେ ମାମଲାର ଶୁଣାଣି ହେବ ବୋଲି ଜଣାପଡ଼ିଛି।






## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୬୭- ପ୍ରସିଦ୍ଧ ଭୌତିକ ବିଜ୍ଞାନୀ ମାଇକେଲ୍ ଫାରାଡେଙ୍କ ଦେହାନ୍ତ।
- ୧୯୫୭- ଭାରତୀୟ ପୋଲୋ ଟିମ୍ ବିଶ୍ୱକପ୍ ଜିତିଲା।
- ୨୦୦୩- ମୁମ୍ବାଇରେ ହୋଇଥିବା ଏକ କାର୍ ବିସ୍ଫୋରଣରେ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଓ ୧୫୦ରୁ ଅଧିକ ଲୋକ ଆହତ।
- ୨୦୧୨- ଚନ୍ଦ୍ରପୃଷ୍ଠରେ ପ୍ରଥମ ଥର ପାଦ ଦେଇଥିବା ଆମେରିକୀୟ ମହାକାଶଚାରୀ ନୀଲ୍ ଆର୍ମଷ୍ଟ୍ରଙ୍ଗ୍‌ଙ୍କ ବିୟୋଗ।
- ୨୦୧୩- ବିଶିଷ୍ଟ କଣ୍ଠଶିଳ୍ପୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ପରଲୋକ।


## ଆଜି ଆସିଥିଲେ

# ସାରସ୍ୱତ ସାଧକ ରତ୍ନାକର ଚଇନି



ଡ. ରତ୍ନାକର ଚଇନି ଜଣେ ପ୍ରତିଷ୍ଠିତ ଓଡ଼ିଆ ସାହିତ୍ୟିକ, ନାଟ୍ୟକାର, ଗାଳ୍ପିକ, ଔପନ୍ୟାସିକ, ସମାଲୋଚକ ଏବଂ ଶିକ୍ଷାବିତ୍ ଥିଲେ। ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଜୀବନକାଳରେ ସେ ଶତାଧିକ ପୁସ୍ତକ ଲେଖିଥିଲେ। ୧୯୪୫ ମସିହା ଆଜିର ଦିନରେ କଟକ ଜିଲ୍ଲା ସାଲେପୁର ନିକଟ ଅରେଇ ଗ୍ରାମରେ ରତ୍ନାକର ଜନ୍ମଗ୍ରହଣ କରିଥିଲେ। ନେମାଳ ହାଇସ୍କୁଲ୍‌ରୁ ଦଶମ ଶ୍ରେଣୀ ପାସ୍ କରିବା ପରେ ସେ ଖ୍ରୀଷ୍ଟ କଲେଜରୁ ସ୍ନାତକ କରିଥିଲେ। ପରେ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍ଏ ପାସ୍ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିଲେ। ୧୯୭୯ ମସିହାରେ ଅଧ୍ୟାପନା ଜୀବନ ଆରମ୍ଭ କରି ସେ ରାଜେନ୍ଦ୍ର କଲେଜ, ଢେଙ୍କାନାଳ କଲେଜ, ଖଲ୍ଲିକୋଟ କଲେଜ, ରେଭେନ୍ସା କଲେଜ, ବିଜେବି କଲେଜରେ କାର୍ଯ୍ୟ କରିବା ପରେ ଶୈଳବାଳା ମହାବିଦ୍ୟାଳୟରୁ ଓଡ଼ିଆ ବିଭାଗର ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ। ଜଣେ ସଫଳ ନାଟ୍ୟକାର ଭାବେ ସେ ଓଡ଼ିଶାର ନାଟ୍ୟପ୍ରେମୀଙ୍କ ନିକଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ରଚିତ ନାଟକ ଓ ଉପନ୍ୟାସ ମଧ୍ୟରେ 'ଅଥଚ ଚାଣକ୍ୟ', 'ଅସ୍ତରାଗର ଚନ୍ଦ୍ର', 'ରାଜହଂସ', 'ମଞ୍ଚ ନାୟିକା', 'ଅପଦେବତା', 'ପୁନଶ୍ଚ ପୃଥିବୀ', 'କଳଙ୍କିତ ସୂର୍ଯ୍ୟ', 'ମୁଖା', 'ସୁନା କଳସ', 'ଶେଷ ଅଶ୍ରୁ', 'ନାଗଫେଣୀ ରତ୍ନ', 'ନଚିକେତା ଉବାଚ,' 'ଅବ୍ୟକ୍ତ ଗୋଧୂଳି', 'ଲୁହ ଲହରୀ, 'ବିଷ ବଳୟ' ଏବଂ 'ଫୁଲର ଫଗୁଣ' ଇତ୍ୟାଦି ପାଠକ ମହଲରେ ଆଦୃତି ପାଇଥିଲା। 'ଅଥଚ ଚାଣକ୍ୟ' ନାଟକରେ ସେ ଓଡ଼ିଆ ଆଧୁନିକ ନାଟ୍ୟ ଜଗତରେ ଏକ ନୂତନ ଧାରା ପ୍ରଚଳନ କରିଥିଲେ ବୋଲି କୁହାଯାଏ। ଏହି ନାଟକ ବହୁଜାଗାରେ ମଞ୍ଚସ୍ଥ ହୋଇଛି। ୧୯୭୭ ମସିହାରେ 'କଳଙ୍କିତ ସୂର୍ଯ୍ୟ' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଂକଳନ 'ମୁଠାଏ ଶୂନ୍ୟତା', 'କହ ଲଳିତା', 'ନିରବ କୋଳାହଳ', 'ନିଷିଦ୍ଧ ଶୃଙ୍ଗାର', 'ତଥାପି ରାବଣ' ଆଦି ବେଶ୍ ଜନାଦୃତ ହୋଇଥିଲା। ସେ କେବଳ ଜଣେ ଲେଖକ ନ ଥିଲେ, ବରଂ ଜଣେ ସଫଳ ସାହିତ୍ୟ ସଂଗଠକ ମଧ୍ୟ ଥିଲେ। ସେ ପ୍ରସିଦ୍ଧ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ଏବଂ 'ସଂସ୍କାର ଭାରତୀ'ର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନ ପାଇଁ ତାଙ୍କୁ 'ସାହିତ୍ୟ ଭାରତୀ ସମ୍ମାନ', 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର' ଏବଂ 'ଝଙ୍କାର ପୁରସ୍କାର' ଭଳି ଅନେକ ପ୍ରତିଷ୍ଠିତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ମହାନ୍ ସାରସ୍ୱତ ସାଧକଙ୍କର ୨୦୨୦ ମସିହା ଅପ୍ରେଲ ୧୮ ତାରିଖରେ କଟକରେ ପରଲୋକ ଘଟିଥିଲା।

# ଛନ୍ଦକବି ରାଧାମୋହନ ଗଡ଼ନାୟକ



ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ସଫଳ, ପ୍ରତିଭାଶାଳୀ, କାଳଜୟୀ ସ୍ରଷ୍ଟା ହେଲେ ରାଧାମୋହନ ଗଡ଼ନାୟକ। ଛନ୍ଦର ଲାଳିତ୍ୟ, କବିତାର ଗାମ୍ଭୀର୍ଯ୍ୟ, ଭାଷା ଚାତୁରୀ, ବିଷୟ ଚୟନରେ ସେ ଥିଲେ ଅନନ୍ୟ। କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନପ୍ରାପ୍ତ ଏହି କବିଙ୍କ କବିତାରେ ଥିଲା ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି। ରାଧାମୋହନ ଓଡ଼ିଆ କାବ୍ୟ ପରମ୍ପରାର ଜଣେ ଅନ୍ୟତମ ଚାରଣ କବି। ପରମ୍ପରାରେ ଗୌରବ, ନିୟତିରେ ଆସ୍ଥା ତାଙ୍କ କାବ୍ୟଧାରାରେ ମୁଖ୍ୟ ସ୍ରୋତଭାବେ ଦେଖାଯାଇଥିଲା। ପୁରାଣ ପୃଷ୍ଠାରୁ, ଇତିହାସ ପୃଷ୍ଠାରୁ, କାହାଣୀରୁ, କିମ୍ବଦନ୍ତୀରୁ ବିଭିନ୍ନ ଚରିତ୍ରଙ୍କୁ ନେଇ ସେ କବିତା ରଚନା କରିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ହେଉଛନ୍ତି ଅନ୍ୟତମ ସଫଳ ଗାଥା କବି। ୧୯୧୧ ମସିହା ଆଜିର ଦିନରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର କଲଣ୍ଡାପାଳ ଗାଁରେ ରାଧାମୋହନ ଜନ୍ମ ହୋଇଥିଲେ। ଗଡ଼ସନ୍ତରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ମାତ୍ର ଆଠବର୍ଷ ବୟସରେ ସେ ପ୍ରଥମ କବିତା 'ତାରା' ରଚନା କରିଥିଲେ। ଏହାପରେ ସେ କଟକସ୍ଥିତ ଖ୍ରୀଷ୍ଟ କଲେଜରେ ପାଠ ପଢ଼ିଲେ। ସେଠାରେ ସେ 'କାବ୍ୟନାୟିକା' ରଚନା କରି ଖୁବ୍ ପ୍ରଶଂସିତ ହୋଇଥିଲେ। ନିଜସ୍ୱ ଅଧ୍ୟୟନ ବଳରେ ସେ ଇଂରାଜୀ, ସଂସ୍କୃତ, ବଙ୍ଗଳା, ହିନ୍ଦୀ ଓ ଓଡ଼ିଆ ସାହିତ୍ୟରେ ଗଭୀର ଜ୍ଞାନର ଅଧିକାରୀ ହୋଇପାରିଥିଲେ। ୧୯୨୭-୧୯୨୮ ମସିହାରେ ଦେଶସେବକ ତଥା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ମିଶ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଜାତି ଓ ଦେଶପ୍ରେମମୂଳକ କବିତାବଳୀ ରଚନା କରିଥିଲେ। ଉତ୍କଳ ସାହିତ୍ୟ ସମ୍ମିଳନୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନେକ ଅନୁଷ୍ଠାନର ସେ ସଭାପତି ଓ ଉପସଭାପତି ଭାବରେ ଦାୟିତ୍ୱ ତୁଲାଇଲେ। 'କାବ୍ୟ ନାୟିକା', 'ଉତ୍କଳିକା', 'କୈଶୋରିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ', 'ସୂର୍ଯ୍ୟ ଓ ଅନ୍ଧକାର' ଓ 'ଦୀପଶିଖା' ଆଦି ତାଙ୍କର ଅନବଦ୍ୟ କୃତି। 'ସୂର୍ଯ୍ୟ ଓ ଅନ୍ଧକାର' କାବ୍ୟ ପାଇଁ ୧୯୭୫ରେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଙ୍କୁ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା। ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପାଇବାରେ ସେ ପ୍ରଥମ ସାହିତ୍ୟିକ। ୨୦୦୦ ମସିହା ଫେବ୍ରୁଆରୀ ୨୧ ତାରିଖରେ ରାଧାମୋହନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



# ବଦଳିଲା ସଲମାନ୍-ନୟନତାରାଙ୍କ ଫିଲ୍ମର ଟାଇଟଲ

ସାଉଥ୍ ସିନେମାର ପ୍ରସିଦ୍ଧ ନିର୍ଦ୍ଦେଶକ ବାମଶୀ ପେଡ୍ଡିପଲ୍ଲୀ ତାଙ୍କ ଆଗାମୀ ଫିଲ୍ମ ପାଇଁ ସଲମାନ୍ ଖାନ୍‌ଙ୍କୁ ସାଇନ୍ କରିଥିବା ନେଇ ଅନେକ ଦିନରୁ ଚର୍ଚ୍ଚା ହେଉଛି। ଏଇବର୍ଷ ମାର୍ଚ୍ଚ ଶେଷ ଆଡ଼କୁ ଏହି ଫିଲ୍ମ ବିଷୟରେ ଘୋଷଣା କରାଯାଇଥିଲା। ହେଲେ, ଏଯାବତ୍ ଫିଲ୍ମର ଟାଇଟଲ ଘୋଷଣା କରାଯାଇ ନାହିଁ। ଫିଲ୍ମର ନାମ କାମଚଳା ଭାବେ 'ଏସ୍‌ଭିସି୬୩' ରଖାଯାଇଥିଲା। ସଲମାନ୍ ଏବଂ ନୟନତାରାଙ୍କ ଅଭିନୀତ ଏହି ଫିଲ୍ମର ନାମ ଏବେ 'ମନ୍‌ଷ୍ଟର' ରଖାଯାଇଛି ବୋଲି ନିକଟରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ହେଲେ ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଏହି ଫିଲ୍ମ ପାଇଁ ସଲମାନ୍ ସେଟ୍‌ରେ ଅଧିକ ସମୟ ଦେଉଥିବାର ମଧ୍ୟ ଜଣାପଡ଼ିଛି। ବଡି ଡମ୍ବଲଙ୍କର ହୃଦ୍‌ଘାତ ହେବା ପରେ ସଲମାନ୍ ଅଧିକାଂଶ ଷ୍ଟଣ୍ଟ ନିଜେ କରୁଛନ୍ତି। ୨୦୨୭ ଇଦ୍ ଅବସରରେ ଏହା ରିଲିଜ୍ ହେବ। ଏହି ଫିଲ୍ମ ନିର୍ଦ୍ଧାରିତ ସମୟରେ ଯଦି ରିଲିଜ୍ ହୁଏ ତେବେ ସଲମାନ୍‌ଙ୍କୁ ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କୁ କଡ଼ା ଟକ୍କର ଦେବାକୁ ହେବ। କାରଣ ପ୍ରଭାସଙ୍କ ଅଭିନୀତ 'ସ୍ପିରିଟ୍' ମଧ୍ୟ ଆସନ୍ତାବର୍ଷ ଇଦ୍ ଅବସରରେ ରିଲିଜ୍ ହେବ।

# ସିଟି ସ୍କାନ ମେସିନ୍ ପାଇଁ ଭାଙ୍ଗିଲା ବିବାହ

ଭାରତୀୟ ବିବାହଗୁଡ଼ିକରେ କନିଆ ଘର ତରଫରୁ ବର ଏବଂ ତାଙ୍କ ପରିବାରକୁ ଆଦର ଓ ସମ୍ମାନର ସହ ଅନେକ ପାରମ୍ପରିକ ଉପହାର ଦିଆଯାଇଥାଏ। ହେଲେ ଲକ୍ଷ୍ନୌରେ ଜଣେ ରେଡିଓଲୋଜି ଟେକ୍ନିସିଆନ୍ ନିଜ ବିବାହରେ କନିଆ ପକ୍ଷଙ୍କୁ ସିଟି ସ୍କାନ ମେସିନ୍ ଦେବାର ପ୍ରସ୍ତାବ ରଖି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। କିଛି ଦିନ ପୂର୍ବରୁ ଏହି ରେଡିଓଲୋଜି ଟେକ୍ନିସିଆନ୍‌ଙ୍କର ବିବାହ ସ୍ଥିର ହୋଇଥିଲା। ଯେତେବେଳେ ବିବାହରେ ଯୌତୁକ କଥା ଉଠିଥିଲା, ସେତେବେଳେ ସେ ନଗଦ ଟଙ୍କା କି ସୁନାରୁପା ବଦଳରେ କନିଆ ପକ୍ଷଙ୍କୁ ଗୋଟିଏ ସିଟି ସ୍କାନ୍ ମେସିନ୍ ମାଗିଥିଲେ। କନିଆ ପକ୍ଷ ଲୋକେ ସିଟି ସ୍କାନ୍ ମେସିନ୍ କଥା ଶୁଣି ବର ଜଣକ ମଜାଥଟ୍ଟା ଉଦ୍ଦେଶ୍ୟରେ ଏପରି କରିଥାଇ ପାରନ୍ତି ବୋଲି ଭାବିଥିଲେ। ବିବାହ ଦିନ ପାଖେଇ ଆସିଲା। ବରଯାତ୍ରୀମାନେ ବାଣ ରୋଶଣି କରି କନିଆ ଘରେ ପହଞ୍ଚିଲେ। ସିଟି ସ୍କାନ ମେସିନ୍‌ର ମୂଲ୍ୟ କୋଟି କୋଟି ଟଙ୍କା ହୋଇଥିବାରୁ କନିଆ ଘର ପକ୍ଷରୁ ଏହାକୁ ଦେବା ପାଇଁ ସିଧାସିଧା ମନା କରି ଦିଆଗଲା। ଏହାପରେ ବିନା ମେସିନ୍‌ରେ ବିବାହ ହୋଇପାରିବ ନାହିଁ ବୋଲି ବର ଜଣକ ସ୍ପଷ୍ଟ ଭାବେ କହିବା ସହ ବରଯାତ୍ରୀ ଫେରାଇ ନେଲେ। ତେବେ ଏହି ଘଟଣାର ସତ୍ୟାସତ୍ୟର ପ୍ରମାଣ ଏଯାବତ୍ ମିଳି ନ ଥିବାବେଳେ ସାମାଜିକ ଗଣମାଧ୍ୟମରେ ଏହି ମାମଲା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଥିରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ପରଜୀବୀଙ୍କଠାରୁ ଗାଈଗୋରୁଙ୍କ ସୁରକ୍ଷା



ବର୍ଷାଦିନେ ପରିବେଶ ଆର୍ଦ୍ରତା ଓ ସନ୍ତସନ୍ତିଆ ଯୋଗୁଁ ମଶା, ମାଛି, ଡାଆଁଶ, ଟିଙ୍କ, ଉକୁଣି ବୃଦ୍ଧି ପାଆନ୍ତି। ଏହି ବାହ୍ୟ ପରଜୀବୀ ଗାଈଗୋରୁଙ୍କ ଚର୍ମରେ ରହି ରକ୍ତ ଶୋଷିବା ସହ ନାନା ରୋଗର ଜୀବାଣୁକୁ ଶରୀର ମଧ୍ୟକୁ ଛାଡ଼ିଥାନ୍ତି। ଯାହାଦ୍ୱାରା ଥେଲେରିଆ, ବାବେସିଆ ଓ ଆନାପ୍ଲାଜମା ଆଦି ପ୍ରାଣଘାତୀ ରୋଗ ହୋଇଥାଏ। ଏହାଦ୍ୱାରା ଗାଈଗୋରୁ ରକ୍ତହୀନତାର ଶିକାର ହୁଅନ୍ତି। ତେଣୁ ରକ୍ତହୀନତାର ଲକ୍ଷଣକୁ ଦେଖି ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଚିକିତ୍ସା କରିବା ଉଚିତ।

ଗାଈଗୋରୁଙ୍କଠାରେ ରକ୍ତହୀନତାର ବିଭିନ୍ନ ଲକ୍ଷଣ ଦେଖାଯାଏ। ଗାଈଗୋରୁ ଖାଇବା କମାଇ ଦିଅନ୍ତି, ଦୁର୍ବଳ ଦିଶିଥାନ୍ତି, ଆଖି ଶ୍ୱେତା ପଡ଼ିଯିବା, ଅଳ୍ପ ପରିଶ୍ରମରେ ଧଇଁସଇଁ ଲାଗିବା, ଓଜନ ବୃଦ୍ଧି ନହେବା, ଉତ୍ପାଦିକା କ୍ଷମତା ହ୍ରାସ ପାଇବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଗୁହାଳ ଓ ଏହାର ଆଖପାଖ ପରିବେଶ ସଫା ରଖିବା ଆବଶ୍ୟକ। ମଶା, ମାଛି ବଂଶ ବୃଦ୍ଧି ନ ହେବାକୁ ନିୟମିତ ସନ୍ଧ୍ୟାବେଳେ ଧୂଆଁ ଦେଇପାରିବେ। ଗାଈଙ୍କୁ ଖାଦ୍ୟ ସହ ଲୌହ ଖଣିଜ ଲବଣ ଥିବା ପାଉଡର କିମ୍ବା ଟନିକ ଖାଇବାକୁ ଦେବା ଆବଶ୍ୟକ। ଡାକ୍ତରଙ୍କ ପରାମର୍ଶରେ ଔଷଧ ଓ ଇଞ୍ଜେକସନ୍ ବ୍ୟବହାର କରିପାରିବେ।

# ଫସଲରେ ସୂତ୍ରକୃମି ନିୟନ୍ତ୍ରଣ

**ବର୍ଷାଦିନେ ଫସଲରେ ସୂତ୍ରକୃମି ଅଧିକ ସକ୍ରିୟ ରୁହନ୍ତି। ଏହି ସୂତ୍ରକୃମି ଟମାଟୋ, ବାଇଗଣ, ଭେଣ୍ଡି ଆଦି ଫସଲକୁ ପ୍ରଭାବିତ କରିଥାନ୍ତି। ସୂତ୍ରକୃମି ସୂକ୍ଷ୍ମ ଆକାରର ଜୀବ। ସୂତ୍ରକୃମି ବିଭିନ୍ନ ପ୍ରକାର ଫସଲର ଚେରରେ ଗଣ୍ଠି ସୃଷ୍ଟି କରନ୍ତି। ତେଣୁ ଠିକ୍ ସମୟରେ ସୂତ୍ରକୃମିକୁ ଚିହ୍ନଟ କରି ଏହାର ନିୟନ୍ତ୍ରଣ କରିବା ଆବଶ୍ୟକ।**



ସୂତ୍ରକୃମି ଗଛ, ପତ୍ର, କାଣ୍ଡ ଆଦିକୁ ପ୍ରଭାବିତ କରେ। ବିଭିନ୍ନ ଫସଲରେ ଭିନ୍ନ ଭିନ୍ନ ପ୍ରକାର ସୂତ୍ରକୃମି ଦେଖାଯାଏ। ସୂତ୍ରକୃମି ଚେରକୁ ଆକ୍ରମଣ କରେ। ଚେରରେ ଗଣ୍ଠି ଗଣ୍ଠି ହୋଇଯାଏ। ଗଛକୁ ଆବଶ୍ୟକମାତ୍ରା ପାଣି ବା ପୋଷକତତ୍ତ୍ୱ ମିଳି ପାରୁନଥିବାରୁ ଗଛ ବୃଦ୍ଧିରେ ସମସ୍ୟା ହୁଏ। ପତ୍ର ହଳଦିଆ ପଡ଼ି ଝାଉଁଳି ଯାଏ। ଏହାର ନିୟନ୍ତ୍ରଣ ପାଇଁ ଗ୍ରୀଷ୍ମଋତୁ ଚାଷ ପରେ ଜମିକୁ ଗଭୀର ହଳ କରି ମାଟିକୁ ଖରା ଖାଇବାକୁ ଛଡ଼ାଯାଏ। ଏହାଦ୍ୱାରା ସୂତ୍ରକୃମିର ଅଣ୍ଡା ଏବଂ ଲାର୍ଭା ନଷ୍ଟ ହୁଏ। ସେହିପରି ସମନ୍ୱିତ ସୂତ୍ରକୃମି ପ୍ରବନ୍ଧନ ପ୍ରଣାଳୀକୁ ଆପଣାଇବା ଆବଶ୍ୟକ। ରୁଆ କାମ କରିବା ପୂର୍ବରୁ ମୃତ୍ତିକାରେ ସୂତ୍ରକୃମି ଯାଞ୍ଚ ଜରୁରି। ପଲିହାଉସ କି ସବୁଜ ଗୃହରେ ଚାଷ କରିବା ସମୟରେ ଘାସ ନିୟନ୍ତ୍ରଣକୁ ଧ୍ୟାନ ଦେବା ଜରୁରି। ସେହିପରି ରୁଆ କାମ ମାସକ ପୂର୍ବରୁ ନିମ୍ବପିଡ଼ିଆ ୧୦୦ ଗ୍ରାମ୍ ପ୍ରତି ବର୍ଗ ମିଟର, ଟ୍ରାଇକୋଡର୍ମା କିମ୍ବା ସୁଡୋମୋନାସ (୨୦ ଗ୍ରାମ୍ ପ୍ରତି ବର୍ଗ ମିଟର) ଏକ ସପ୍ତାହ ପୂର୍ବରୁ ମାଟି ପରୀକ୍ଷଣ କରି ଉପର ଭାଗରେ ପ୍ରୟୋଗ କରିବା ଉଚିତ। ରୋଇବାର ମାସକ ପରେ ପୁନର୍ବାର ନିମ୍ବ ପିଡ଼ିଆ ୫୦ ଗ୍ରାମ୍ ପ୍ରତି ଗଛ ତୁଳନାରେ ବ୍ୟବହାର ଫଳପ୍ରଦ। ଜମିରେ ଗୋଟିଏ ଫସଲକୁ ବାରମ୍ବାର ଚାଷ ନ କରି ଗେଣ୍ଡୁଫୁଲ ଚାଷ ଦ୍ୱାରା ସୂତ୍ରକୃମି ସଂଖ୍ୟା କମ୍ ହୋଇପାରେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ।
- ସମସ୍ତ ଫସଲରେ ନିୟମିତ ଭାବେ ରୋଗ ଏବଂ ପୋକର ସର୍ବେକ୍ଷଣ କରି ଆବଶ୍ୟକ କୀଟନାଶକ ପ୍ରୟୋଗ କରନ୍ତୁ।
- ହରଡ଼ ଫସଲରେ ପତ୍ରମୋଡ଼ା ଓ ପତ୍ରଛନ୍ଦା ପୋକର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍ ଓ ସାଇପରମେଥ୍ରିନ୍‌ର ମିଳିତ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଲଙ୍କାଫସଲରେ ଘାସ ବାଛି ମୂଳ ସଫା ରଖନ୍ତୁ। ଅଧିକ ପାଣି ଗଛ ମୂଳରେ ରଖନ୍ତୁ ନାହିଁ।
- ଏବେ ଟମାଟୋ ଲଗାଇବାର ଉପଯୁକ୍ତ ସମୟ।

# ସୁବର୍ଣ୍ଣା



## ଭେଣ୍ଡିରେ ଶୋଷକ ଜାତୀୟ କୀଟ



ଜୁଲାଇ ମାସରେ କରାଯାଇଥିବା ଭେଣ୍ଡି ଚାଷରେ ବର୍ତ୍ତମାନ ଫୁଲ ଓ ଫଳ ଆସିବାର ସମୟ। ଲଗାଣ ବର୍ଷା ଯୋଗୁଁ ଭେଣ୍ଡି ଫସଲରେ ପାଣି ଜମି ଶୋଷକଜାତୀୟ କୀଟ ଯଥା ଜଉ ପୋକ, ପତ୍ର ଡିଆଁ ପୋକ, ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ଅଧିକ ରହିଛି। ଏହି ପୋକମାନେ ଭେଣ୍ଡି ପତ୍ରରୁ ରସ ଶୋଷିଥାନ୍ତି। ଗଛ ବୃଦ୍ଧିରେ ବାଧା ସୃଷ୍ଟି ହୁଏ। ତେଣୁ ଏହି ପୋକଗୁଡ଼ିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ରାସାୟନିକ ଉପାୟରେ ଏହି କୀଟଗୁଡ଼ିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ୍ ଥାୟୋମିଥୋକ୍ସାମ୍ କୀଟନାଶକ କିମ୍ବା ୫୦ ଗ୍ରାମ୍ ଏସିଟାମିପ୍ରିଡ କୀଟନାଶକ କିମ୍ବା ୪୦୦-ମିଲି ଟଲଫିନ୍‌ପାଇରାଡ ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଖରାଟିଆ ପାଗ ଦେଖି ଅପରାହ୍ନ ସମୟରେ ସିଞ୍ଚନ କରିପାରିବେ।

# ପାକଶାଳା ବଗିଚା ପ୍ରସ୍ତୁତି

**ବର୍ତ୍ତମାନ ପାକଶାଳା ବଗିଚାର ଆଦର ବଢ଼ିଛି। ଏହି ବଗିଚାରୁ ତାଜା ଓ ବିଷମୁକ୍ତ ପନିପରିବା ମିଳିଥାଏ। ତେବେ ବିଶେଷ ଦିଗକୁ ଧ୍ୟାନ ଦେଇ ଏହି ବଗିଚା ପ୍ରସ୍ତୁତ କଲେ ଲାଭ ମିଳିଥାଏ।**



ଘରପାଖ ଜମିର ମାଟିକୁ ଗୁଣ୍ଡ କରି ସମତୁଲ କରି କିଆରିକୁ ଛୋଟ ଛୋଟ ପଟାଳି କରାଯାଏ। ଏହାକୁ ସାମାନ୍ୟ ଉଚ୍ଚ କରିବା ସହ ପାଣି ନିଗିଡିବା ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ। ପଟାଳିକୁ ଶୁଖାଇ ଖତ ମିଶାଯାଏ। ପରେ ହାଲୁକା ଓଦା କରି ଏହାଉପରେ ୧୦୦ ମାଇକ୍ରନର ଧଳା ପଲିଥିନ୍ ଘୋଡ଼ାଇ ଦିଆଯାଏ। ମାଟି ସମ୍ପୂର୍ଣ୍ଣ ବିଶୋଧନ ହେବା ଲାଗି ୩ରୁ ୪ ସପ୍ତାହ ଲାଗିଥାଏ। ଏହା ଉପରୁ ପଲିଥିନ୍ ବାହାର କରି ପଟାଳିରେ ବିହନ ବୁଣାଯାଏ। ଫସଲ ଅନୁସାରେ ଧାଡ଼ିକୁ ଧାଡ଼ି, ଗଛକୁ ଗଛ ବ୍ୟବଧାନରେ ଧ୍ୟାନ ଦେବା ଉଚିତ। ସେହିପରି ଛାତ କିମ୍ବା ବାଲ୍‌କୋନିରେ ପାକଶାଳା ବଗିଚା ପାଇଁ ଗ୍ରୋବ୍ୟାଗ୍, କୁଣ୍ଡ କିମ୍ବା ହ୍ୟାଙ୍ଗି ପଟ୍ ବ୍ୟବହାର କରିପାରିବେ। ଉନ୍ନତମାନର ଅଧିକ ଅମଳକ୍ଷମ ବିହନ ଚୟନ ସହିତ ବିହନକୁ ବିଶୋଧନ କରାଯାଏ। ବର୍ତ୍ତମାନ ପାକଶାଳା ବଗିଚାରେ ଭେଣ୍ଡି, ଝୁଡ଼ଙ୍ଗ, ବାଇଗଣ, କାକୁଡ଼ି, କଲରା, ଖଡ଼ା, କଖାରୁ, ଜହ୍ନି, ଲାଉ, ସାରୁ ଆଦି ଚାଷ କରିପାରିବେ। ବର୍ଷାଦିନେ କୁଣ୍ଡ ବା ଜମିରୁ ଜଳନିଷ୍କାସନ ପାଇଁ ଉଚିତ ବ୍ୟବସ୍ଥା କରିବା ଆବଶ୍ୟକ। ଫସଲରେ ରୋଗ ପୋକ ଦେଖାଦେଲେ କୃଷିବିଶେଷଜ୍ଞଙ୍କ ପରାମର୍ଶରେ ଜୈବିକ ପଦ୍ଧତିରେ ନିୟନ୍ତ୍ରଣ କରିପାରିବେ। ଯଦି ଚାହିଁବେ ପନିପରିବା ଓ ଫଳ ଚୋପା, ଛଡ଼ା ଫୁଲ ପତ୍ରରୁ ତିଆରି ଜୈବିକ ଖତ କିମ୍ବା ଆବଶ୍ୟକସ୍ଥଳେ ନିମ୍ବ, କରଞ୍ଜରୁ ପ୍ରସ୍ତୁତି ଜୈବ କୀଟନାଶକ ବ୍ୟବହାର କରିପାରିବେ।




# ମାଇକ୍ରୋଗ୍ରୀନ୍ ଷ୍ଟାର୍ଟଅପ୍

**ଅଧିକାଂଶ ଲୋକ ସରକାରୀ ଚାକିରି ପାଇଁ ସ୍ୱପ୍ନ ଦେଖନ୍ତି। ହେଲେ ବିହାର, ପାଟଣା ଜିଲ୍ଲା, ଗୋପାଳପୁର ଗାଁ'ର ଗୁଲସନ୍ କୁମାର ସରକାରୀ ଚାକିରି ଛାଡ଼ି ମାଇକ୍ରୋଗ୍ରୀନ୍ ଷ୍ଟାର୍ଟଅପ୍‌କୁ ଆଦରି ନେଇଛନ୍ତି।**

ଗୁଲସନ୍ ନବୋଦୟ ବିଦ୍ୟାଳୟରେ ଚାକିରି କରୁଥିଲେ। ଏହି ସମୟରେ ତାଙ୍କର ଯକୃତଜନିତ ସମସ୍ୟା ହୋଇଥିଲା। ମାଇକୋଗ୍ରୀନ୍ ସେବନରୁ ସେ ଆରୋଗ୍ୟ ଲାଭ କରିବା ପରେ ଚାକିରି ଛାଡ଼ି ମାଇକ୍ରୋଗ୍ରୀନ୍‌କୁ ବ୍ୟବସାୟ ରୂପେ ଗ୍ରହଣ କଲେ। ମାଇକ୍ରୋଗ୍ରୀନ୍ ବିଭିନ୍ନ ପନିପରିବା, ଶାଗର ଛୋଟ ଓ କଅଁଳ ପତ୍ର। କମ୍ ସ୍ଥାନ ଓ ସାମାନ୍ୟ ଆଲୋକରେ ଏହି ଚାଷ କରାଯାଇଥାଏ। ଚାଷ ପାଇଁ ତାପମାତ୍ରା ୧୮ ରୁ ୨୨ ଡିଗ୍ରୀ ସେଲ୍‌ସିୟସ୍ ଆବଶ୍ୟକ। ଗୁଲସନ୍ ଜୈବିକ ବିହନ ଚୟନ କରି କୋକୋପିଟ୍‌ରେ ବିହନ ଲଗାନ୍ତି। ୨ରୁ ୩ ଦିନ ଅନ୍ଧାରରେ ରଖି ଅଙ୍କୁରଣ ହେଲା ପରେ ଏହାକୁ ନିୟନ୍ତ୍ରିତ ବାତାବରଣରେ ରଖି ହାଲୁକା ଜଳ ସେଚନ କରନ୍ତି। ସେ ୭ରୁ ୧୪ ଦିନ ମଧ୍ୟରେ ମାଇକ୍ରୋଗ୍ରୀନ୍ କାଟି ଅମଳ କରିଥାନ୍ତି। ପାଳଙ୍ଗ, ମୂଳା, ସୋରିଷ, ଧଣିଆ, ମେଥି, ବ୍ରୋକଲି, ମଟର ସହିତ ଅନ୍ୟାନ୍ୟା ମାଇକ୍ରୋଗୀନ୍ ବିକ୍ରି କରନ୍ତି ଗୁଲସନ୍। ଏଥିରୁ ମାସକୁ ସେ ପାଖାପାଖି ଲକ୍ଷେ ଟଙ୍କା ରୋଜଗାର କରୁଛନ୍ତି।

**ପାଡିକଲ ୧୧୭ ଜୁରେଲ ୧୧୫***

# ପ୍ରଥମ ଇନିଂସରେ ଭାରତ ୯ / ୫୦୩

କଲମ୍ବୋ,୨୪।୮ (ଏଜେନ୍ସି): ଦେବଦତ୍ତ ପାଡ଼ିକଲ (୧୧୭)ଙ୍କ ଶତକ ଓ ଧ୍ରୁବ ଜୁରେଲ (୧୧୫*)ଙ୍କ ଅପରାଜିତ ଶତକ ବଳରେ ଏଠାରେ ଶ୍ରୀଲଙ୍କା ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ୯ ୱିକେଟରେ ୫୦୩ ରନ୍‌ର ବିଶାଳ ସ୍କୋର କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଛି। ଉଭୟ ଖେଳାଳି ଏଠାରେ ଦ୍ୱିତୀୟ ଟେଷ୍ଟ ଶତକ ହାସଲ କରିଛନ୍ତି। ଭାରତ ପ୍ରଥମ ଇନିଂସରେ ଶ୍ରୀଲଙ୍କା ପେସ୍ ବୋଲର ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୪ଟି ଏବଂ ଦୁଇ ସ୍ପିନର ପ୍ରବାତ ଜୟସୁରିଆ ଓ କେଶରା ନୁୱାନ୍ଥା ୨ଟି ଲେଖାଏଁ ୱିକେଟ ପାଇଛନ୍ତି। ଭାରତର ପ୍ରଥମ ଇନିଂସରେ ଅନ୍ୟମାନଙ୍କ ମଧ୍ୟରେ ଆଜି ଋଷଭ ପନ୍ତ୍ ୬୩, ଗତକାଲି ଶୁବମନ ଗିଲ୍ ୫୦, ଯଶସ୍ୱୀ ଜୟସ୍ୱାଲ ୪୫ ଓ ରବୀନ୍ଦ୍ର ଜାଡେଜା ୪୩ ରନ୍‌ର ଉପଯୋଗୀ ଯୋଗଦାନ ଦେଇଥିଲେ। ଭାରତ ଇନିଂସ ସମାପ୍ତି ଘୋଷଣା କରିବା ପରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଶ୍ରୀଲଙ୍କା ପ୍ରଥମ ଇନିଂସରେ ୮ ରନ୍ କରି ୨ଟି ୱିକେଟ ହରାଇବା ସହ ବିପଦରେ ପଡ଼ିଛି। ଓପନର ଲାହିରୁ ଉଦରା ୧ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱାରା ଏବଂ ନାଇଟ୍‌ୱାଚ୍‌ମ୍ୟାନ୍ ପ୍ରବାତ ଜୟସୁରିଆ ୨ ରନ୍ କରି ମାନବ ସୂତାରଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ପ୍ରଥମ ଟେଷ୍ଟରେ ପରାଜିତ ହୋଇଥିବା ଶ୍ରୀଲଙ୍କା ଦଳ ନିକଟ୍‌ରେ ୮ଟି ୱିକେଟ ବାକିଥାଇ ୪୯୫ ରନ୍‌ରେ ପଛୁଆ ରହିଛି। ବର୍ଷା ଯୋଗୁ ଆଜି ପ୍ରାୟ ଏକ ଘଣ୍ଟା ଖେଳ ବନ୍ଦ ରହିଥିଲା।


ଧ୍ରୁବ ଜୁରେଲ୍-୧୧୫*


ଋଷଭ ପନ୍ତ-୬୩

ଏହି ଟେଷ୍ଟର ଆଜି ଦ୍ୱିତୀୟ ଦିନରେ ଭାରତ ୫ ୱିକେଟରେ ୩୦୦ ରନ୍‌ରୁ ଖେଳ ଆରମ୍ଭ କରିଥିଲେ ମଧ୍ୟ ଶୀଘ୍ର ପୂର୍ବଦିନର ଅପରାଜିତ ବ୍ୟାଟର ଡେବ୍ୟୁଟାଣ୍ଟ ସାରାଂଶ ଜୈନ୍ (୬)ଙ୍କ ୱିକେଟ ହରାଇଥିଲା। ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିବା ଧ୍ରୁବ ଜୁରେଲ ଓ ତାଙ୍କ ସିନିଅର ପାର୍ଟନର ଋଷଭ ପନ୍ତ୍ ୭ମ ୱିକେଟ ପାର୍ଟନରସିପ୍‌ରେ ୧୧୨ ରନ୍ ଉଠାଇ ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ଗତକାଲି ୩ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିବା ପନ୍ତ ଆଜି ବ୍ୟାଟିଂ କରିବାକୁ ଆସି ମୋଟ ୮୯ଟି ବଲ୍‌ର ସମ୍ମୁଖୀନ ହୋଇ ୬୩ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ପାଡିକଲ ୮ମ ୱିକେଟରେ ମାନବ ସୂତାର (୧୮)ଙ୍କ ସହ ୩୯, ୯ମ ୱିକେଟରେ ମହମ୍ମଦ୍ ସିରାଜ (୩)ଙ୍କ ସହ ୩୧ ଓ ୧୦ମ ୱିକେଟରେ ପ୍ରସିଦ୍ଧ କ୍ରିଷ୍ଣା (୪)ଙ୍କ ସହ ୧୪ ରନ୍ ଉଠାଇଥିଲେ। ଏହା ଫଳରେ ସେ ତାଙ୍କ କ୍ୟାରିୟରରେ ଦ୍ୱିତୀୟ ଶତକ ହାସଲ କରିବା ସହ ଭାରତର ସ୍କୋରକୁ ୫୦୦ରେ ପହଞ୍ଚାଇଥିଲେ। ଭାରତ ଇନିଂସ ସମାପ୍ତି ଘୋଷଣା କଲା ବେଳକୁ ଜୁରେଲ ୧୧୫ ରନ୍‌ରେ ଅପରାଜିତ ରହିଥିଲେ। ସେ ମୋଟ ୧୭୭ଟି ବଲ ଖେଳି ୯ ଚୌକା ଓ ୨ଛକା ମାରିଥିଲେ।

ଶ୍ରୀଲଙ୍କା ପକ୍ଷରୁ ଏହି ହାର୍ଡ ପିଚ୍‌ରେ ବୋଲିଂ କରିବା କଷ୍ଟକର ହୋଇଥିଲା। ଏହା ସତ୍ତ୍ୱେ ଦଳର ଫାଷ୍ଟ ବୋଲର ଅସିଥା ଫର୍ଣ୍ଣାଣ୍ଡୋଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା। ଖେଳ ଦ୍ୱିତୀୟ ଦିନରେ ସ୍ପିନରଙ୍କୁ କିଛିଟା ଟର୍ଣ୍ଣ ମିଳିଥିଲା। ଫଳରେ ପ୍ରବାତ ଜୟସୁରିଆ ଓ କେଶରା ନୁୱାନ୍ଥା ୨ଜଣ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଲାହିରୁ କୁମାରାଙ୍କୁ ଅନ୍ୟ ୱିକେଟଟି ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୫୦୩/୯, ଘୋଷଣା (ପାଡିକଲ-୧୧୭, ଜୁରେଲ- ୧୧୫$^{3}$, ପନ୍ତ୍-୬୩, ଗିଲ-୫୦, ଅସିଥା-୪/୧୦୬, ପ୍ରବାତ-୨/୧୩୨, କେଶରା-୨/୧୫୪)।

ଶ୍ରୀଲଙ୍କ ପ୍ରଥମ ଇନିଂସ: ୮/୨, ୨ ଓଭର (କାମିଲ ମିଶରା-ବ୍ୟାଟିଂ-୫, ଉଦରା-୧, ପ୍ରବାତ-୨, ପ୍ରସିଦ୍ଧ-୧/୧, ସୂତାର-୧/୬)।

**ଭାରତ ବିପକ୍ଷ ଟି-୨୦ ସିରିଜ୍ ଲାଗି ଆଫଗାନିସ୍ତାନ ଦଳ**

## ଇବ୍ରାହିମ୍‌ଙ୍କୁ ନେତୃତ୍ୱ, ନବୀନ ଫେରିଲେ

କାବୁଲ,୨୪।୮ (ଏଜେନ୍ସି): ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ କ୍ରିକେଟ ସିରିଜ୍ ଲାଗି ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ପ୍ରଥମଥର ଲାଗି ଇବ୍ରାହିମ୍ ଜଦ୍ରାନଙ୍କୁ ଏହି ସିରିଜ୍‌ରେ ଆଫଗାନିସ୍ତାନ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ଫାଷ୍ଟ ବୋଲର ନବୀନ-ଉଲ-ହକ୍ ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ସିରିଜ୍ ନୂଆଦିଲ୍ଲୀର ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଖେଳାଯିବାର କାର୍ଯ୍ୟକ୍ରମ ଥିବାରୁ ଦଳରେ ୪ଜଣ ସ୍ପିନରଙ୍କୁ ସାମିଲ କରାଯାଇଛି। ରଶିଦ୍ ଖାନ୍, ନୁର ଅହମ୍ମଦ୍, ମହମ୍ମଦ୍ ନବି ଓ ନାଙ୍ଗ୍ୟାଲ ଖାରୋଟିଙ୍କୁ ସ୍ପିନର ଭାବେ ନିଆଯାଇଛି। ସିରିଜ୍‌ର ମ୍ୟାଚ୍ ଗୁଡିକ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଘୋଷିତ ଦଳ: ଇବ୍ରାହିମ୍ ଜଦ୍ରାନ (ଅଧିନାୟକ), ରହମନୁଲ୍ଲା ଗୁରବାଜ୍ (ୱିକେଟରକ୍ଷକ), ନୁର ରହମନ, ସେଦିକୁଲ୍ଲା ଅଟଳ, ଡାରୱିସ୍ ରସୁଲି, ଆଜମତୁଲ୍ଲା ଓମରଜାଇ, ଗୁଲବଦିନ ନାଏବ, ମହମ୍ମଦ୍ ନବି, ରଶିଦ୍ ଖାନ୍, ନାଙ୍ଗ୍ୟାଲ ଖାରୋଟି, ନୁର ଅହମ୍ମଦ୍, ମୁଜୀବ-ଉର-ରହମନ, ଫଜଲ ହକ ଫାରୁକି, ଅବଦୁଲ୍ଲା ଅହମ୍ମଦ୍‌ଜାଇ ଓ ନବୀନ-ଉଲ-ହକ୍।

## ଜୟସ୍ୱାଲ, ଫର୍ଣ୍ଣାଣ୍ଡୋଙ୍କୁ ଜରିମାନା

କଲମ୍ବୋ,୨୪।୮ (ଏଜେନ୍ସି): ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ଚାଲିଥିବା ଦ୍ୱିତୀୟ ମ୍ୟାଚ୍ ବେଳେ ଯୁକ୍ତିତର୍କ କରିବା ଓ ବଡି ଟଚ୍ କରି ଆଇସିସି ଆଚରଣ ଉଲ୍ଲଙ୍ଘନ କରିଥିବା ଭାରତର ଓପନର ଯଶସ୍ୱୀ ଜୟସ୍ୱାଲ ଓ ଶ୍ରୀଲଙ୍କାର ଫାଷ୍ଟ ବୋଲି ଅସିଥ ଫର୍ଣ୍ଣାଣ୍ଡୋଙ୍କୁ ଦଣ୍ଡିତ କରାଯାଇଛି। ଉଭୟଙ୍କ ମ୍ୟାଚ୍ ଫି'ର ଶତକଡ଼ା ୨୫ ଭାଗ ଜରିମାନା ଆକାରରେ କାଟି ନିଆଯାଇଥିଲାବେଳେ ଗୋଟିଏ ଡିମେରିଟ ପଏଣ୍ଟ ସେମାନଙ୍କ କ୍ୟାରିୟରରେ ଲାଗିଛି। ଉଭୟ ଖେଳାଳି ଗତ ୨୪ ମାସ ମଧ୍ୟରେ କୌଣସି ତ୍ରୁଟ କରି ନ ଥିବାରୁ ସେମାନଙ୍କୁ ଅଧିକ ଜରିମାନା କରାଯାଇନାହିଁ। ଭାରତୀୟ ଇନିଂସର ୧୭ତମ ଓଭରରେ ଜୟସ୍ୱାଲ୍‌ଙ୍କୁ ବୋଲ୍ଡ କରିବା ପରେ ଅସିଥାଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏପରିକି ଜୟସ୍ୱାଲ ମଧ୍ୟ ଫର୍ଣ୍ଣାଣ୍ଡୋଙ୍କୁ ଠେଲିଦେଇଥିଲେ। ଅଧିକ କିଛି ହେବା ଆଗରୁ ଶ୍ରୀଲଙ୍କାର ଅନ୍ୟ ଖେଳାଳିମାନେ ଉଭୟଙ୍କୁ ଅଟକାଇଦେଇଥିଲେ। ପରେ ଜୟସ୍ୱାଲ ପାଭିଲିଅନ ଫେରିଯାଇଥିଲେ। ଏହି ଘଟଣାର ତର୍ଜମା କରିବା ପରେ ଉଭୟ ଖେଳାଳି ଦୋଷୀ ସାବ୍ୟସ୍ତ ହୋଇଥିଲେ।

**ଦୁଲୀପ ଟ୍ରଫି କ୍ରିକେଟ**

## ପୂର୍ବାଞ୍ଚଳଠାରୁ ଉତ୍ତର-ପୂର୍ବ ଫଲୋଅନ୍


ଅଭିଜିତ ସରକାର

ବେଙ୍ଗାଲୁରୁ,୨୪।୮ (ଏଜେନ୍ସି): ତ୍ରିପୁରା ମିଡିୟମ୍ ପେସ ବୋଲର ଅଭିଜିତ ସରକାରଙ୍କୁ ୫ ୱିକେଟ ଓ ଶାହବାଜ ଅହମ୍ମଦ (୧୬୭ ରନ୍ ଓ ୩ୱିକେଟ)ଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି କ୍ୱାର୍ଟର ଫାଇନାଲରେ ପୂର୍ବାଞ୍ଚଳ ନିକଟରୁ ଉତ୍ତରପୂର୍ବାଞ୍ଚଳ ଫଲୋଅନ୍ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୪୬୭ ରନ୍ କରିଥିଲା। ଶାହାବାଜ୍‌ଙ୍କ ୧୬୭ ରନ୍ ବ୍ୟତୀତ ସୁଦୀପ କୁମାର ଘରାମୀ ୧୪୬ ଓ କୁମାର କୁଶାଗ୍ର ୫୫ ରନ୍ କରିଥିଲେ। ଜବାବରେ ଅଭିଜିତ ୫, ଶାହାବାଜ୍ ୩ଟି ୱିକେଟ ନେବା ଫଳରେ ଉତ୍ତରପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୪୨.୫ ଓଭର ଖେଳି ଅଲ୍‌ଆଉଟ ହୋଇଯାଇଥିଲା। ପ୍ରଥମ ଇନିଂସରେ ୩୫୬ ରନ୍ ପଛୁଆ ଥିବା ଉତ୍ତରପୂର୍ବାଞ୍ଚଳକୁ ଫଲୋଅନ୍ ଦେଇଥିଲେ ଇଶାନ କିଶାନ। ଫଲୋଅନ ପାଇବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଉତ୍ତରପୂର୍ବାଞ୍ଚଳ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା କୌଣସି ୱିକେଟ ନ ହରାଇ ୭ ରନ୍ ସଂଗ୍ରହ କରିଛି।

### ଉତ୍ତରାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ

ଏହି ଟୁର୍ଣ୍ଣାମେଣ୍ଟର ପଶ୍ଚିମାଞ୍ଚଳ ବିପକ୍ଷ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳ ୬୪ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ପ୍ରଥମ ଇନିଂସରେ ଉତ୍ତରାଞ୍ଚଳର ୨୫୧ ରନ୍ ଜବାବରେ ପଶ୍ଚିମାଞ୍ଚଳ ୧୮୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଶଶମ୍ବ ମୁଲାନି ସର୍ବାଧିକ ୫୨, ମୁସିର ଖାନ୍ ୩୧, ପୃଥ୍ୱୀ ଶ' ଓ ଶିବାଲିକ୍ ଶର୍ମା ୨୨ ରନ୍ ଲେଖାଏଁ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଜମ୍ମୁ-କଶ୍ମୀର ପେସ୍ ବୋଲର ଆବିଦ ମୁସ୍ତାକ ୫ଟି ଓ ଅର୍ଶଦୀପ ସିଂହ ୩ଟି ୱିକେଟ ନେଇ ଶ୍ରେଷ୍ଠ ସଫଳତା ପାଇଥିଲେ। ପ୍ରଥମ ଇନିଂସରେ ସର୍ବାଧିକ ୬୦ରନ୍ କରିଥିବା ଅଂଶୁଲ କାମ୍ବୋଜଙ୍କୁ ୨ଟି ୱିକେଟ ମିଳିଥିଲା। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ୨୧ ଓଭର ଖେଳି ୪ ୱିକେଟରେ ୧୦୭ ରନ୍ କରିଛି। ଦଳ ମୋଟରେ ୧୭୧ ରନ୍‌ରେ ଆଗୁଆ ରହିଛି। ଅବଦୁଲ ସମଦ ୩୦ ରନ୍‌ରେ ଆଉଟ ହୋଇଥିଲାବେଳେ ଆୟୁଷ ବଦୋନି ୩୯* ରନ୍ କରିଛନ୍ତି। ମୁମ୍ବଇର ଦୁଇ ସ୍ପିନର ଶାମ୍ସ ମୁଲାନି ଓ ତନୁସ କୋଟିଆନ ୨ଟି ଲେଖାଏଁ ୱିକେଟ ପାଇଛନ୍ତି।

## ଏଫ୍‌ଆଇଏଚ୍ ହକି ବିଶ୍ୱକପ୍: ସେମି ଦୌଡ଼ରୁ ଭାରତ ବିଦା

ଆମଷ୍ଟଲଭିନ୍,୨୪।୮ (ଏଜେନ୍ସି): ଆର୍ଜେଣ୍ଟିନା ନିକଟରୁ ୫-୩ ଗୋଲରେ ପରାଜିତ ହେବା ପରେ ଭାରତୀୟ ପୁରୁଷ ଦଳ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ସେମିଫାଇନାଲରେ ପ୍ରବେଶ କରିବା ପାଇଁ ଭାରତ ଏହି ମୁକାବିଲାକୁ ୩-୦ ଗୋଲରେ ଜିତିବାର ଆବଶ୍ୟକତା ରହିଥିଲା। କିନ୍ତୁ ଦଳ ୩-୫ ଗୋଲରେ ହାରିଯିବା ପରେ କ୍ରସ୍ ଓଭର ମୁକାବିଲାରୁ ବାଦ୍ ପଡ଼ିଛି। ନିଜ ଦକ୍ଷତାଠାରୁ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ମହିଳା ଦଳ ମଧ୍ୟ ଗତକାଲି ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲା। ଏହା ଫଳରେ ଗତ ୫୧ ବର୍ଷ ଧରି ଭାରତ ହକି ବିଶ୍ୱକପ୍‌ର ଉଭୟ ବିଭାଗରେ ସେମିଫାଇନାଲରେ ପ୍ରବେଶ କରିବାରେ ଅସମର୍ଥ ହୋଇଛି। ଭାରତର ଭାଗ୍ୟ ବଦଳାଇବାକୁ ଏବଂ ଅଧିକ ସ୍ୱଷ୍ଟ ଖେଳ ପ୍ରଦର୍ଶନ କରିବାକୁ ଭାରତ ଏହି ଟୁର୍ଣ୍ଣାମେଣ୍ଟ ଲାଗି ବିବାଦୀୟ ଢ଼ଙ୍ଗରେ ଜର୍ସି ପରିବର୍ତ୍ତନ କରିଥିଲେ ମଧ୍ୟ ତାହା କାମରେ ଲାଗିପାରିଲା ନାହିଁ। ଭାରତ ପୂର୍ବପରି ଖେଳିଲା ଓ ସେମିଫାଇନାଲ ପୂର୍ବରୁ ବିଦା ହୋଇଗଲା। ଏବେ ଉଭୟ ଦଳ କ୍ଲାସିଫିକେସନ ଲାଗି ଲଢ଼େଇ କରିବ। ପୁରୁଷ ଦଳ ୭ମ ସ୍ଥାନ ଲାଗି ବେଲଜିୟମ ସହ ଓ ମହିଳା ଦଳ ୫ମ ସ୍ଥାନ ଲାଗି ଖେଳିବ।

### ପ୍ରଦର୍ଶନ ନିରୁତ୍ସାହଜନକ

ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ଦଳଠାରୁ ଅନେକ କିଛି ଆଶା କରାଯାଉଥିଲା। ବିଶେଷ କରି ଦଳ ନିକଟରେ ନେଦରଲ୍ୟାଣ୍ଡସ ଓ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ଭଳି ଦଳକୁ ହରାଇଥିବାରୁ ଏହି ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ପୁଲ-ଡି' ବା ପ୍ରଥମ ରାଉଣ୍ଡରେ ୱେଲ୍ସ ଓ ପାକିସ୍ତାନ ଭଳି ଦୁର୍ବଳ ଦଳ ବିପକ୍ଷରେ ବିଜୟୀ ହୋଇଥିଲେ ମଧ୍ୟ ବିଶ୍ୱସନୀୟ ହୋଇ ନ ଥିଲା। ଏହା ବ୍ୟତୀତ ଦଳ ଯେଉଁ ୩ଟି ଶକ୍ତିଶାଳୀ ଦଳ ସହ ଖେଳିଥିଲା, ସମସ୍ତଙ୍କଠାରୁ ପରାଜିତ ହୋଇଥିଲା। ପୁଲ୍‌ରେ ଇଂଲଣ୍ଡଠାରୁ ୪-୨, କ୍ରସ୍ ଓଭରରେ ନେଦରଲ୍ୟାଣ୍ଡସଠାରୁ ୩-୧ ଓ ଆଜି ନିଶ୍ଚିତ ଜିତିବାକୁ ଥିବା ମ୍ୟାଚ୍‌ରେ ଆର୍ଜେଣ୍ଟିନା ନିକଟରୁ ୫-୩ ଗୋଲରେ ପରାଜିତ ହୋଇଥିଲା। ଅନ୍ୟ ପକ୍ଷରେ ମହିଳା ଦଳର ପ୍ରଦର୍ଶନ ବେଶ ପ୍ରଶଂସନୀୟ ବୋଲି କହିବାକୁ ହେବ। ପୁଲ୍ ପର୍ଯ୍ୟାୟରେ ଚୀନ୍ ଓ ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିବା ପରେ ଡିଫେଣ୍ଡିଂ ଚାମ୍ପିଅନ ନେଦରଲ୍ୟାଣ୍ଡସଠାରୁ ୨-୦ ଗୋଲରେ ହାରିଥିଲା। ସେମିଫାଇନାଲ ଲାଗି ଶେଷ ମ୍ୟାଚ୍ ଜିତିବା ଆବଶ୍ୟକ ଥିଲାବେଳେ ଅଷ୍ଟ୍ରେଲିଆ ସହ ଡ୍ର ରଖିଥିଲା। ପୁରୁଷଙ୍କ ତୁଳନାରେ ମହିଳା ଦଳ ବେଶ ପ୍ରଭାବୀ ଖେଳିଥିଲା। ଦଳ ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲରେ ପରାସ୍ତ କରି ଏକମାତ୍ର ତଥା ବୃହତ୍ ବିଜୟ ହାସଲ କରିଥିଲା।

## ବରୋଦା ଠାରୁ ୮ ୱିକେଟ୍‌ରେ ହାରିଲା ଓଡ଼ିଶା

ଭୁବନେଶ୍ୱର,୨୪।୮ (ସମିସ): ଆସନ୍ତା କ୍ରିକେଟ ଋତୁ ଲାଗି ପ୍ରସ୍ତୁତି ସକାଶେ ପୁଡୁଚେରୀରେ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯାଇଥିବା ଓଡ଼ିଶା ୨୩ ବର୍ଷରୁ କମ୍ ଦଳ ପ୍ରଥମ ମ୍ୟାଚ୍‌ରେ ବରୋଦା ନିକଟରୁ ହାରିଯାଇଛି। ଏହା ଫଳରେ ଓଡ଼ିଶା ଦଳ ପରାଜୟରୁ ପ୍ରସ୍ତୁତି ଆରମ୍ଭ କରିଛି। ଏହି ଦୁଇ ଦିନିଆ ମ୍ୟାଚ୍‌ରେ ପ୍ରଥମ ଦିନ ବ୍ୟାଟିଂ କରି ଓଡ଼ିଶା ଦଳ ୧୮୮ ରନ୍ କରିଥିଲା। ଜବାବରେ ପ୍ରଥମ ଦିନରେ ୧ ୱିକେଟରେ ୨୫ ରନ୍ କରିଥିବା ବରୋଦା ଦ୍ୱିତୀୟ ଦିନରେ ଆଉ ଗୋଟିଏ ୱିକେଟ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଅଧିନାୟକ ନିତ୍ୟ ପାଣ୍ଡ୍ୟା ୧୧୪ ଓ ରାଜବୀର ସିଂ ୬୨ ରନ୍ କରି ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ତୃତୀୟ ୱିକେଟରେ ୧୬୮ ରନ୍ ମିଳିବା ଫଳରେ ବରୋଦା ୮ ୱିକେଟରେ ବିଜୟୀ ହୋଇଥିଲା। ଓଡ଼ିଶା ତାହାର ଦ୍ୱିତୀୟ ମ୍ୟାଚ୍ ହିମାଚଳ ପ୍ରଦେଶ ସହ ୨୬ରୁ ଖେଳିବ।


ଗୁଜରାଟର ଏକତା ନଗରରେ ଅନୁଷ୍ଠିତ ସର୍ବଭାରତୀୟ ଡାକ ଚେସ୍‌ରେ ଚାମ୍ପିଅନ ହୋଇଥିବା ଓଡ଼ିଶା ଦଳ ଟ୍ରଫି ସହ। ଏଥିରେ ଓଡ଼ିଶାର ଉତ୍କଳ ରଞ୍ଜନ ସାହୁ ବ୍ୟକ୍ତିଗତ ବିଭାଗରେ ଓ ତୃତୀୟ ବୋର୍ଡରେ ସୌମ୍ୟରଞ୍ଜନ ମିଶ୍ର ଚାମ୍ପିଅନ ହୋଇଛନ୍ତି।

## ସାଫ୍ ଗେମ୍ସ ଆୟୋଜନ କରିବ ପାକିସ୍ତାନ

କରାଚି, ୨୪।୮ (ଏଜେନ୍ସି): ଏସୀୟ ମହାଦେଶର ଅନ୍ୟତମ ସମ୍ମାନଜନକ କ୍ରୀଡ଼ା ପ୍ରତିଯୋଗିତା ସାଉଥ ଏସିଆନ୍ (ସାଫ୍) ଗେମ୍ସର ୧୪ତମ ସଂସ୍କରଣର ଆୟୋଜନ ଅଧିକାର ପାକିସ୍ତାନକୁ ମିଳିଛି। ୨୦୨୭ ଏପ୍ରିଲ ୩ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହା ପାକିସ୍ତାନର ୩ଟି ସହର ଇସଲାମବାଦ, ଲାହୋର ଓ ପେଶୱାରରେ ଖେଳାଯିବ। ୨୨ ବର୍ଷର ବ୍ୟବଧାନ ପରେ ପାକିସ୍ତାନ ଏହି ଗେମ୍ସ ଆୟୋଜନ କରିବ। ୨୮ଟି କ୍ରୀଡ଼ାରେ ମୋଟ୍ ୩୪୬ ମେଡାଲ ଇଭେଣ୍ଟ ହେବ। ଆୟୋଜକ ପାକିସ୍ତାନ ସମେତ ଦକ୍ଷିଣ ଏସିଆରୁ ବାଂଲାଦେଶ, ମାଳଦୀପ, ନେପାଳ, ଶ୍ରୀଲଙ୍କାରୁ ଆଥଲେଟ୍‌ମାନେ ଅଂଶଗ୍ରହଣ କରିବେ। ଏଥିରେ ଭାରତର ଅଂଶଗ୍ରହଣ ନେଇ ଅନିଶ୍ଚିତତା ରହିଛି। ଗତକାଲି ଅନୁଷ୍ଠିତ ବୈଠକରେ ଭାରତୀୟ ପ୍ରତିନିଧି ଭିଡିଓ କନଫରେନ୍ସି ମାଧ୍ୟମରେ ସାମିଲ ହୋଇଥିଲେ।

**ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର**

## ନିଶାନ୍ତ, କୁନାଲଙ୍କ ବିଜୟ ଅଭିଯାନ

ଭୁବନେଶ୍ୱର,୨୪।୮ (ସମିସ): ପ୍ରମୁଖ ଖେଳାଳି କୁନାଲ ଅଗରୱାଲ ଓ ନିଶାନ୍ତ ବିଶ୍ୱାଳ ଭୁବନେଶ୍ୱର କ୍ଲବ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇଥିବା ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ପୂର୍ବାଞ୍ଚଳ ଓପନ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡରେ କୁନାଲ ୩-୧ ଫ୍ରେମ୍‌ରେ ଅଲତାଫ ଅଲିଙ୍କୁ ଓ ନିଶାନ୍ତ ୩-୦ରେ ସାଗର ସ୍ୱାଇଁଙ୍କୁ ପରାସ୍ତ କରିଥିଲେ। କିନ୍ତୁ ଯୁବ ଖେଳାଳି ଧ୍ରୁବ ମେଇଦ୍ ଆଜି ଚମତ୍କାର ଖେଳ ପ୍ରଦର୍ଶନ କରି ୩-୦ ଫ୍ରେମ୍‌ରେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମାଙ୍କୁ ହରାଇ ଉଲ୍ଲେଖନୀୟ ବିଜୟ ହାସଲ କରିଛନ୍ତି। ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଜିତେନ ଷଡଙ୍ଗୀ ୩-୦ରେ ସୁକେଥ ଚିଞ୍ଚୋଲାଙ୍କୁ, ଚିରାଗ ଅରୋରା ୩-୧ରେ ଡାକ୍ତର ଅତନୁ ନାୟକଙ୍କୁ, ଅମିତ ସିଂ ୩-୧ରେ ଏନ୍. ଶୁଭାଙ୍ଗୀ ରାଓଙ୍କୁ, ଚନ୍ଦ୍ରପ୍ରକାଶ ମହାନ୍ତି ୩-୦ରେ ସମୀର ମିଶ୍ରଙ୍କୁ ପରାସ୍ତ କରିଥିଲେ। ସେହିପରି ରୁମିତ ଗୁପ୍ତା ୩-୦ରେ ଗୋବିନ୍ଦ ରାଓଙ୍କୁ, ଚେତନ ଆନନ୍ଦ ୩-୧ରେ ଉଦ୍‌ଭାସ ମହାପାତ୍ରଙ୍କୁ ଆକ୍ରମ ଖାନ୍ ୩-୧ରେ ରାଜବୀର ସିଂଙ୍କୁ, ଆକାଶ ମହାପାତ୍ର ୩-୧ରେ ବରୁଣ ନାୟକଙ୍କୁ ଏବଂ ପ୍ରିୟଗୋବିନ୍ଦ ମହାପାତ୍ର ୩-୧ରେ ପାରସ ରାଉତରାୟଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଗଷ୍ଟ ୨୯ ଯାଏ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଓ ଭୁବନେଶ୍ୱର କ୍ଲବ୍ ମିଳିତଭାବେ ଆୟୋଜନ କରୁଛନ୍ତି।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS